# ପ୍ରେରଣା

ଜୁନ୍, ୨୦୨୦ ସଂସ୍କରଣ



ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ଜୁନ୍, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଜୁନ୍ - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ, ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଜୁନ୍ - ୨୦୨୦ ସଂସ୍କରଣର ବିଜେତା

କବୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

କ୍ଷୁଦ୍ର ଅଟେ ବୋଲି କରନି ବିଚ୍ଛିନ୍ନ
ମୋ ଦେହରେ ସୁପ୍ତ ବିରାଟ ଜୀବନ ।
ତୁମ ହସ୍ତେ ହେଲେ ମୋର ଜୀବଦାନ
ମୋ ଦ୍ୱାରା ହୋଇବ ତୁମର ରକ୍ଷଣ ॥



ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।

- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ଵାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।
- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ ।


- ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଦେବୀ ପ୍ରସାଦ ସ୍ୱାଇଁ




**ଢେ**ଙ୍କାନାଳରେ ଅବସ୍ଥିତ ବିଭିନ୍ନ ଆଧ୍ୟାତ୍ମିକ ପୀଠସ୍ଥଳ ଗୁଡିକ ମଧ୍ୟରେ ସପ୍ତଶଯ୍ୟାର ପ୍ରାକୃତିକ ପରିବେଶ ଅତୀବ ମନୋରମ । ଏହାର ମନମୁଗ୍ଧକର ପ୍ରାକୃତିକ ପରିବେଶକୁ ନିଜର କାବ୍ୟ ମାଧ୍ୟମରେ ଜୀବନ୍ତ ରୂପ ଦେବାକୁ ଅନେକ ବରେଣ୍ୟ କବି ପ୍ରଚେଷ୍ଟା କରିଆସିଛନ୍ତି । ଏହି କ୍ରମରେ ଢେଙ୍କାନାଳର ପ୍ରତିଷ୍ଠିତ କବି ଧ୍ରୁବ ଚରଣ ସ୍ୱାଇଁଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ । କବି ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ “ସପ୍ତଶଯ୍ୟା” ନାମକ ଖଣ୍ଡକାବ୍ୟଟିଏ ରଚନା କରିଯାଇଛନ୍ତି । ମାତ୍ର ୧୯ ବର୍ଷ ବୟସରେ ନିଜର ବାଲ୍ୟବନ୍ଧୁମାନଙ୍କ ସହ ସପ୍ତଶଯ୍ୟା ଭ୍ରମଣରେ ଆସି କବି ଏହାର ମହନୀୟତାକୁ ଉପଲବ୍ଧି କରି, ପୌରାଣିକ କିମ୍ବଦନ୍ତୀ ଓ ଜନଶ୍ରୁତି ଆଧାରରେ ଲେଖନୀ ଚାଳନା କରିଛନ୍ତି । କବିଙ୍କ ରଚିତ ସପ୍ତଶଯ୍ୟାର କିଛି ଉଦ୍ଧୃତାଂଶ ଏଠି ଆଲୋଚ୍ୟର ବିଷୟ ।

ଖଣ୍ଡକାବ୍ୟ ପ୍ରାରମ୍ଭରେ କବି ସପ୍ତଶଯ୍ୟାର ଭୌଗଳିକ ଅବସ୍ଥିତି ଉପରେ ଆଲୋଚନା କରିଛନ୍ତି । ସପ୍ତଶଯ୍ୟାର ସୀମା ଆଧୁନିକ ଚୌଦ୍ୱାର ଗଡ ବା ମହାଭାରତରେ ବର୍ଣ୍ଣିତ ବିରାଟ ନଗରୀ ପର୍ଯ୍ୟନ୍ତ ବିସ୍ତୃତ ବୋଲି ଉଲ୍ଲେଖ କରିଛନ୍ତି । ଏତଦବ୍ୟତୀତ ଚିର ସୌନ୍ଦର୍ଯ୍ୟମୟୀ ବିରୂପା ନଦୀର ଉପସ୍ଥିତିକୁ ମଧ୍ୟ ଦର୍ଶାଇ ଦେଇଛନ୍ତି ।

ପୂର୍ବେ ଶୋହେ ଦୁର୍ଗ ବିସ୍ତୃତ ବିରାଟ
ଭାରତେ ଯା ଯଶଃ ନିହିତ ନିରାଟ ।
ମର୍ତ୍ତ୍ୟେ ଜ୍ୟୋତିଃପୁର- ସରିତ ସ୍ୱରୂପା
ଧ୍ରୁଏପଦ ଯାର ସୁରୂପା-ବିରୂପା ॥

ବ୍ରାହ୍ମୀ-ମହାନଦୀ ବେନି ପାରୁଶରେ
ସିନ୍ଧୁଗାମୀ ଯହିଁ ଦକ୍ଷିଣ-ଉତ୍ତରେ ।
ବାରୁଣୀ ସୀମାନ୍ତେ ବାହା-ବନ୍ଧମାଳ
ମଧ୍ୟେ ଶୋହେ ଗିରି ବିଖ୍ୟାତ ବିଶାଳ ॥

ଏହିକ୍ରମରେ ସପ୍ତଶଯ୍ୟାର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ବିଭୋର କବି ପୌରାଣିକ ଉପାଖ୍ୟାନ ଆଧାରରେ ଏଠାରେ ପାଣ୍ଡବମାନଙ୍କ ଉପସ୍ଥିତିକୁ ଦର୍ଶାଇଛନ୍ତି ।

ବନବାସ କାଳେ ରହି ସାତଦିନ
ସ୍ନିଗ୍ଧ ଶିଳାସନେ ସରାଗେ ଆସୀନ ।
ଛଦ୍ମବେଶେ ଏଥୁଁ ପଣ୍ଡୁ ସୁତଗଣ
ଯାତ୍ରା କରିଥିଲେ ବିରାଟ ଭୁବନ ।।

ସପ୍ତଶଯ୍ୟା ଗିରି ପର୍ଯ୍ୟଟନ ପୂର୍ବରୁ କବି ତଳ ଆଶ୍ରମର ସନ୍ୟାସୀ ହରିବାବାଙ୍କର ଶ୍ରୀଚରଣ ସ୍ୱର୍ଶକରି ଶୁଭ ଆଶୀର୍ବାଦ ନେଇ ଯାତ୍ରା ଆରମ୍ଭ କରିଥିବାର ସୂଚନା ଦେଇଛନ୍ତି । ପରବର୍ତ୍ତୀ ସମୟରେ କବି ଆଶ୍ରମର ଆତିଥ୍ୟ ସତ୍କାର ଓ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ କନ୍ୟା ଚିରକୁମାରୀ ସୁରମା ପଟ୍ଟନାୟକଙ୍କ ତ୍ୟାଗର ଜୟଗାନ କରିବାକୁ ଭୁଲି ନାହାନ୍ତି ।

ସୁରମ୍ୟ ଆଶ୍ରମ ରମ୍ୟ ଫଳୋଦ୍ୟାନ
ଦର୍ଶନେ ପବିତ୍ର ହେଲା ମନ-ପ୍ରାଣ ।
ଶୁକ୍ଳ-ଶ୍ମଶ୍ରୁଧର ବିଷୟ-ଉଦାସ
ହରି ପଦାଶ୍ରିତ ବାବା ହରିଦାସ ।।

ସୁଗମ୍ଭୀର ଯାଙ୍କ ପ୍ରଶାନ୍ତ ହୃଦୟ
ପ୍ରେମ ପରିପ୍ଳୁତ ଭକ୍ତି-ରସମୟ ।
ସାଦରେ ପ୍ରଣମି ତପସ୍ୱୀଙ୍କ ପାଦ
ଧନ୍ୟହେଲି ଲଭି ଶୁଭ ଆଶୀର୍ବାଦ ।।

ଆଶ୍ରମ ବାସିନୀ ରୂପେ କବିସୁତା
ହୋଇଛନ୍ତି ତହିଁ ସେବାରେ ନିଯୁକ୍ତା ।
ବରିନେଇ ପ୍ରାଣେ ଦୈନ୍ୟ-ନୀର୍ଯ୍ୟାତନା
ତ୍ୟାଗର ପ୍ରତିମା କୁମାରୀ ସୁରମା ।।

କାବ୍ୟର ମଧ୍ୟଭାଗର କ୍ରୁର ରାଜକର୍ମଚାରୀ ମାନଙ୍କ ପାଶବିକ ଅତ୍ୟାଚାର କବିଙ୍କୁ ବ୍ୟଥିତ କରିଛି । ଏହାପରେ ସମୟକ୍ରମେ ସେହି ରାଜକର୍ମଚାରୀ ମାନଙ୍କ ପ୍ରଭୁତ୍ୱ କିପରି ପ୍ରଭାଶୂନ୍ୟ ହୋଇ ପଡିଛି ତାହା ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି ।

ରାଜ କର୍ମଚାରୀ ଦଳଙ୍କ ପ୍ରତାପ
ବଢିଥିଲା ଯେବେ ରାଜ୍ୟରେ ଅମାପ ।
ମନୁଷ୍ୟଙ୍କୁ କଲେ ପଶୁସଙ୍ଗେ ଗଣା
ଟାଣିଲେ କୋରଡପଟା, ଚୂନଘଣା ।।
ନୃଶଂସ ପଣରେ ଯେତେ ଅତ୍ୟାଚାର
କଲେ ଗ୍ରାମେ ଗ୍ରାମେ ସଂଖ୍ୟା ନାହିଁ ତା'ର ।
କର୍ଣ୍ଣେ ଶୁଣି ଯା'ଙ୍କ ପ୍ରଭୁତ୍ୱ-ପ୍ରଭାବ
ଗର୍ଭିଣୀ ନାରୀଙ୍କ ହୁଏ ଗର୍ଭସ୍ରାବ ।।
ସେତେବେଳେ ଗିରି ପ୍ରଜାଙ୍କୁ ଆଶ୍ରୟ-
ଦେଇ ମନୁ ତୁଟାଇଲୁ ରାଜଭୟ ।

ତୋ କୃପାରୁ ନୃପ ହୋଇ ସଚେତନ-
ଦୁର୍ଜନଙ୍କୁ ଦଣ୍ଡ ବିହିଲେ ନିର୍ମମ ॥

ସପ୍ତଶଯ୍ୟାରେ ସନ୍ଧ୍ୟା ସମୟର ଦୃଶ୍ୟ ଅତୀବ ଚିତାକର୍ଷକ । ଏହାକୁ ଉପସ୍ଥାପନା କରିବାକୁ ଯାଇ କବି ନିଜର ବର୍ଣ୍ଣନାଶୈଳୀ ଓ ରଚନା କୌଶଳର ପରିଚୟ ଦେଇଛନ୍ତି ।

ଲୁଚିଲାଣି ଏବେ ନଭୁଁ ପାଟଳୀମା
ଜ୍ୟୋସ୍ନା ସଙ୍ଗେ କ୍ରମେ ମିଶାଇ କାଳିମା ।
କାଳିନ୍ଦୀ କି ମିଶେ ଜାହ୍ନବୀ ଶୁଭ୍ରାଙ୍ଗେ
ବାରୁଣୀ ଯୋଗ ଏ ପଡିଛି ପ୍ରୟାଗେ ॥

ନବୀନା ଚକୋରୀ-ଭ୍ରାନ୍ତି ବିଳାସିନୀ
ଦିବ୍ୟାଙ୍ଗନା ତାରା-ତରଳ ହାସିନୀ ।
ଦିବୁଁ ଅବତରି ଆସଇ ରଜନୀ
ସଙ୍ଗେ ଘେନି ଚାରୁ ଚନ୍ଦ୍ରିକା-ସଜନୀ ॥

ଘନୁଘନ ହୋଇ ଆସିଲା ଅନ୍ଧାର
ହର୍ଷ ବିକଶାଇ ରଜନୀ ଗନ୍ଧାର ।
ତରୁରନ୍ଧ୍ରେ ହୋଇ କୌମୁଦୀ ସ୍ଖଳିତ
ବକ୍ଷ ଦିଶେ ତୋର ତିଳ-ତଣ୍ଡୁଳିତ ॥

ପରିଶେଷରେ ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ପରିବେଶରେ ମୁଗ୍ଧ କବି ଏହାର ଭବିଷ୍ୟତ ସମ୍ପର୍କରେ ସୂଚନା ଦେଇଛନ୍ତି ।


ସତୀ ସୁଲକ୍ଷଣା ଜନକ ଦୁଲଣା
ମର୍ତ୍ତ୍ୟରମା କାଶ-କୁସୁମ ବରଣା ।
ଲାକ୍ଷାଯୁତ-ଦ୍ରାକ୍ଷାଜିତ ପଦରେଣୁ-
ଲଭିଛୁ ପୂରୁବ ଭାଗ୍ୟବଳେ ଯେଣୁ ।।

ଧନ୍ୟ ଏ ଉତ୍କଳ ଭୂମି ତୋତେ ଧରି
ପୁଣ୍ୟ-ପୂତ-ରାମାୟଣ-ରଙ୍ଗସ୍ଥଳୀ ।
ପବିତ୍ରେ ପବିତ୍ର ହୋଇଅଛି ଭୋଗ
ଦ୍ରବ୍ୟେ ଯଥା ମଣି-କାଞ୍ଚନର ଯୋଗ ।।

ସତ୍ୟ-ଆବିର୍ଭାବ ଯୋଗ୍ୟସ୍ଥଳୀ ଜାଣି
ଆଶ୍ରିବେ ତୋ କୋଳ ସିଦ୍ଧ-ବ୍ରହ୍ମଜ୍ଞାନୀ ।
ଶଇଳ-ତୋ-କୀର୍ତ୍ତି କଳୁଷ-ଚ୍ଛେଦିନୀ
ରାଜୁଥିବ ଯାବଚ୍ଚନ୍ଦ୍ରାର୍କ ମେଦିନୀ ।।

*****

## ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | ଅନ୍ତରଙ୍ଗ ଆଳାପ | | ୨୩ |
| | **ପଦ୍ୟ ବିଭାଗ** | | |
| ୧. | ସପ୍ତଶଯ୍ୟା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୮ |
| ୨. | ମେଦିନୀର ବିଳାପ | ଅଲେଖ ଚନ୍ଦ୍ର ବେହେରା | ୩୦ |
| ୩. | ମୁକ୍ତିଗୀତି | ଶିବ ଚରଣ ମହାପାତ୍ର | ୩୨ |
| ୪. | ଗୋଧୂଳିଲଗ୍ନ | ଗୀତାଞ୍ଜଳି ମହାରଣା | ୩୪ |
| ୫. | ଅସ୍ତରାଗ ଆନ୍ଦୋଳିତ | ପ୍ରଜ୍ଞା ପାରମିତା ମହାନ୍ତି | ୩୬ |
| ୬. | ସ୍ମୃତି | ଜ୍ୟୋତି ପ୍ରକାଶ ସାହୁ | ୩୮ |
| ୭. | ଛୁଟି | ପୁଷ୍ପାଞ୍ଜଳି ପଣ୍ଡା | ୪୦ |
| ୮. | ଚାଷୀର ଦୁଃଖ | ଅର୍ଚ୍ଚନା ଦେଓ | ୪୨ |
| ୯. | କାନ୍ଦୁଛି ପ୍ରକୃତି | କରିସ୍ମିତା କର | ୪୪ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୦. | ମାୟାପୁରୀ | ଶୁଭଲକ୍ଷ୍ମୀ ଦାସ | ୪୬ |
| ୧୧. | ଯାହାର ଯେମିତି ମନ | ନୂତନ କୁମାର ବେହେରା | ୪୮ |
| ୧୨. | ଏ ବର୍ଷ ରଜ | ଇପ୍ସିତା ରାୟ | ୫୧ |
| ୧୩. | ରଥାରୂଢ | ରଶ୍ମୀ ରଥ | ୫୩ |
| ୧୪. | ଜୀବନକୁ ପ୍ରଶ୍ନ | ରୋଜା ପଣ୍ଡା | ୫୬ |
| ୧୫. | ଝର୍କା ସେପାଖେ | ଅର୍ପିତା ରଣା | ୫୯ |
| ୧୬. | ମାଆ | ତେଜସ୍ୱିନୀ ସାମଲ | ୬୧ |
| ୧୭. | ଲକିର ଇଂରାଜୀ ପ୍ରୀତି | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୬୪ |
| ୧୮. | ପରଂବ୍ରହ୍ମ ହେଉ ତୁମ୍ଭ ଜୟ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୬୮ |
| ୧୯. | ଆହ୍ୱାନ | ବେଣୁଧର ସୁରୁଜାଲ | ୭୦ |
| ୨୦. | ରାଜରାସ୍ତା | ସୌଭାଗ୍ୟବତୀ ଗିରି | ୭୪ |
| ୨୧. | ବାପା | ପ୍ରଜ୍ଞା ପାରମିତା ଦାସ | ୭୬ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୨. | ଆମର୍ ଦେଶର୍ କଥା | ପପୁ ପଧାନ | ୭୮ |
| ୨୩. | କିଏ ବନ୍ଧୁ କିଏ ଶତ୍ରୁ | ଅନାମ ଚରଣ ସାହୁ | ୮୦ |
| ୨୪. | ବସ୍ତୁର ସୌଭାଗ୍ୟ | ବିଶ୍ୱ ରଞ୍ଜନ ତ୍ରିପାଠୀ | ୮୨ |
| ୨୫. | ମୁଠାଏ ପାଉଁଶ | ଅଜିତ କୁମାର ମେହେର | ୮୪ |
| ୨୬. | ମୁଁ ଶିକ୍ଷକ | ଅଶ୍ୱୀନି କୁମାର ବାଗ | ୮୮ |
| ୨୭. | ମୋ ନେତ୍ରେ : "ଗ୍ରୀଷ୍ମ" | ପ୍ରଭାତ ମିଶ୍ର | ୯୦ |
| ୨୮. | ରଜସ୍ୱଳା ମାଟି | ହୃଦୟାନନ୍ଦ ପଧାନ | ୯୨ |
| ୨୯. | ଦିବ୍ୟ ଜନନୀ | ସରିତା ନନ୍ଦ | ୯୪ |
| | **ଗଦ୍ୟ ବିଭାଗ** | | |
| ୩୦. | ଅଛିଣ୍ଡା ସମ୍ପର୍କର ଖିଅ | ତପସ୍ୱିନୀ ଦାଶ ଷଡଙ୍ଗୀ | ୯୯ |
| ୩୧. | ତମସ୍ୱିନୀର ତିମିର | ରୋଜା ପଣ୍ଡା | ୧୦୪ |
| ୩୨. | ନାରୀର ନିରବତା | ଐଶ୍ୱରିକା ସାହୁ | ୧୧୪ |
| ୩୩. | ଚେକ୍ | ସୁଧାଂଶୁ ଶେଖର ବଳ | ୧୧୭ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୪. | ଆଇନା ଓ ଅନ୍ଧାର | ସୁନିତା ସାହୁ | ୧୨୪ |
| ୩୫. | ନିଜ ଘରେ ଅଜଣା ମଣିଷ | ଲିପ୍ସା ଆଚାର୍ଯ୍ୟ | ୧୨୮ |
| ୩୬. | ଭିନ୍ନ ଏକ ଗ୍ୟାଙ୍ଗଷ୍ଟାର୍ | ଦୀପକ ଷଡଙ୍ଗୀ | ୧୩୨ |
| ୩୭. | ଧର୍ମ ଓ କୃଷିର ପର୍ବ : ଚିତାଲାଗି ଅମାବାସ୍ୟା | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୪୨ |
| ୩୮. | ଏଇ ବୋଧେ ପ୍ରେମ | ରାମ ଚନ୍ଦ୍ର ପ୍ରଧାନ | ୧୪୭ |
| ୩୯. | ତୁମ ବୋଉ | ସତ୍ୟ ରଞ୍ଜନ ମିଶ୍ର | ୧୫୨ |
| ୪୦. | ପ୍ରକୃତି ପାଇଁ କିଛି ସମୟ | ସୌଭାଗ୍ୟବତୀ ଗିରି | ୧୫୯ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବୟିତ୍ରୀ ...

**ନାମ :** ନିରୂପମା ନାୟକ

**ଜନ୍ମ ତାରିଖ :** ୭ ଜାନୁୟାରୀ

**ବର୍ତ୍ତମାନ ଠିକଣା :** ରାଜଗାଙ୍ଗପୁର, ସୁନ୍ଦରଗଡ଼

**ଶିକ୍ଷା :** ବାଣିଜ୍ୟରେ ସ୍ନାତକୋତ୍ତର, ଉତ୍କଳ ବିଶ୍ୱ-ବିଦ୍ୟାଳୟ ।



**୧. ପ୍ରିୟ ପୁସ୍ତକ :** ଶ୍ରୀମଦ୍ ଭାଗବତ ଗୀତା, ଶ୍ରୀ ସାଇ ସତଚରିତ ।

**୨. ପ୍ରିୟ ଲେଖକ/ଲେଖିକା :** ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରତିଭା ରାୟ ।

**୩. ଆପଣଙ୍କ ପ୍ରେରଣାର ଉତ୍ସ :** ସାହିତ୍ୟ କ୍ଷେତ୍ରରେ ମୋର ପ୍ରେରଣା ମୋ ବଡ଼ ବାବା ସ୍ୱର୍ଗତ ଚିନ୍ତାମଣି ନାୟକ, ତାଙ୍କ ଲେଖା ଓ ରଚନାରୁ ପ୍ରେରିତ ହୋଇ କଲେଜ ସମୟରେ କିଛି କିଛି ଲେଖୁଥିଲି । କିନ୍ତୁ ଏହାକୁ ଏତେ ଗଭୀର ଭାବରେ ନେଇନଥିଲି କୁହନ୍ତି ଶିକ୍ଷକ ବି ନିଜ ଶିଷ୍ୟଙ୍କ ଠୁ ବହୁତ କିଛି ଶିଖିଥାନ୍ତି ଓ ପ୍ରେରଣା ପାଇଥାନ୍ତି, ସେହିଭଳି ମୁଁ ମୋର ଶିଷ୍ୟା ଲେଖିକା

ରୋଜା ପଣ୍ଡା ମତେ ଏଇ ସାହିତ୍ୟକୁ ଆପଣାଇ ନେବାରେ ବହୁ ପ୍ରେରିତ କରିଛନ୍ତି, ଚାରିପାର୍ଶ୍ୱରେ ଥିବା ସମସ୍ତ ବ୍ୟକ୍ତିଙ୍କ ଠୁ ମଧ୍ୟ ପ୍ରେରଣା ପାଇଛି ଓ ସେଇସବୁ ନିଜ ଲେଖନୀ ଦ୍ୱାରା ଲୋକ ଲୋଚନକୁ ଆଣିବାର ଚେଷ୍ଟା ବଜାୟ ରଖିଛି ।

**୪. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ସାହିତ୍ୟ ଏକ ସମୁଦ୍ର, ତା ଭିତରେ ପ୍ରବେଶ କରିବାର ସାହସ ହୁଏତ କିଏ ଦକ୍ଷତା ଥିବା ବ୍ୟକ୍ତି ହିଁ କରିପାରେ । ମୁଁ ତ ଏବେ ଦୂରରୁ ସମୁଦ୍ରକୁ ଦେଖି ଅନୁଭବ କରିଥିବା ଏକ ସାଧାରଣ ମନୁଷ୍ୟ । କିନ୍ତୁ ଆଖିରେ ଦେଖୁ ଦେଖୁ ସେ ସମୁଦ୍ର ଭିତରକୁ ଲମ୍ଫ ପ୍ରଦାନ କରୁଥିବା ଏ ମନଟା ଏବେ ସାହିତ୍ୟ ସାଗରରେ ବୁଡ଼ିବାର କୌଶଳ ଶିଖୁଛି । ଏ ଜଗତ ସମସ୍ତଙ୍କୁ ଆଲିଙ୍ଗନ କରେ, ମୋତେ ବି କରିଛି, କିଛି ଶବ୍ଦ ମୋ କଲମରୁ ସଜେଇ ଦେଇ ଲେଖିକାର ପରିଚୟ ପାଇଛି । ସାହିତ୍ୟ ସ୍ୱୟଂ ଏକ ସୃଷ୍ଟି....ତାକୁ ସୃଷ୍ଟି କରିବାର ସକ୍ଷମ କାହା ପାଖରେ ନାହିଁ, କିନ୍ତୁ ତାକୁ ଅମୃତ ଭାବି ପାନ କରିବା ଇଛା ସମସ୍ତଙ୍କର ନିହାତି ଥାଏ, ମୁଁ ବି ଏକ ପିପାସୁ ଯିଏ ଏ ଅମୃତ ପାନ ପାଇଁ ଇଚ୍ଛୁକ ।

**୫. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ସ୍ୱ-ହିତ....ସାହିତ୍ୟ ।

"ମାତୃଭୂମି ମାତୃ ଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ।"

ତେଣୁ ଏହା ବିଚାର ଯୋଗ୍ୟ ଯେ ଯେଉଁ ରାଜ୍ୟରେ ଲୋକେ ନିଜ ମାତୃଭାଷାକୁ କହିବାରେ ସଂକୋଚ କରନ୍ତି ଓ ପାଶ୍ଚାତ୍ୟ ଭାଷାର ମାନ୍ୟତା ବଢାଇଥାନ୍ତି...ସେହି ରାଜ୍ୟରେ ସାହିତ୍ୟ ଏକ ରୁଗ୍ଣ ଶିଶୁ ସମ ଆରୋଗ୍ୟ ହେବାର ଚେଷ୍ଟାରେ ଅବତାରିତ । କର୍ପୁର ଉଡିଯାଇ କନା ପଡିରହିବା ଭଳି ଅବସ୍ଥା କହିଲେ ଚଳେ । ମୋର ଯୁବ ପିଢ଼ିଙ୍କୁ ଆହ୍ୱାନ ଓ ନିବେଦନ ନିଜ ଭାଷାର ମହତ୍ତ୍ୱ ଓ ପ୍ରତିଷ୍ଠା ପାଇଁ ସ୍ୱ-ଚେଷ୍ଟା କରନ୍ତୁ ଓ ଏଇ ମାଟିର ଭାଷା, ତା ପ୍ରକୃତ ପରିଚୟ ଓ ଆଭିଜାତ୍ୟକୁ ଲୋପ ପାଇବାରୁ ବଞ୍ଚିତ କରନ୍ତୁ । ନିଜ ଭାଷା ପ୍ରତି ସ୍ନେହ ଓ ସମାନ ହୃଦୟଙ୍ଗମ କରନ୍ତୁ ।

**୬. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ଲୋପ ପାଉଥିବା ସାହିତ୍ୟ ଓ ତାର ମହତ୍ତ୍ୱକୁ ଜୀବିତ ରଖିବାର ଚେଷ୍ଟାରେ ଆଗେଇ ଆସିଛନ୍ତି ଅନେକ ସାହିତ୍ୟିକ ପତ୍ରିକା ସଂସ୍ଥାନ । ସେଥିମଧ୍ୟରୁ 'ପ୍ରେରଣା' ଅନ୍ୟତମ । ଅନେକ ସାହିତ୍ୟ ପ୍ରେମୀ ନିଜ କଳାକୁ ଲୋକ ଲୋଚନକୁ ଆଣିବାରେ ସକ୍ଷମ ହେଇପାରନ୍ତିନି...ପ୍ରେରଣା ସେହି ଭଳି ସାହିତ୍ୟ ପ୍ରେମୀ ମାନଙ୍କୁ ଏକ ମଞ୍ଚ ପ୍ରଦାନ କରି, ଉଭୟ ସାହିତ୍ୟ ଓ ଲେଖକ/ଲେଖିକା ମାନଙ୍କ ପ୍ରତିଭାକୁ ଲୋକ ଲୋଚନେରେ ଆଣି ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସହାୟକ

ହେଇଚାଲିଛି । ମୋର ଆନ୍ତରିକ ଶୁଭେଚ୍ଛା ଏମିତି ଏଇ ପତ୍ରିକା ପ୍ରତିଭା ମାନଙ୍କୁ ଉତ୍ସାହିତ କରି ଆମ ଓଡ଼ିଆ ଭାଷା ଓ ତା ମହତ୍ତ୍ୱକୁ ବଜାୟ ରଖିବାରେ ସଫଳତାର ପାହାଚ ଚଢ଼ିବାରେ ସକ୍ଷମ ହେଉ ।

*****

# ପଦ୍ୟ ବିଭାଗ

***ଜୀବନ :***

*ଜାଗରୁକ ହେଲା ଏକ ସତ୍ତାର*
*ଜିଗୀଷା କରିଲା ସେ ବାର୍ତ୍ତାର*
*ଜଞ୍ଜାଳ ଆରମ୍ଭିଲା ପୂର୍ଣ୍ଣତାର*
*ଜୀବ ଯିବାର ସେ ମହାଯାତ୍ରାର ।*

***ମୃତ୍ୟୁ :***

*ମୂଲ୍ୟହୀନ ହେଲା ଯାହା ଯାତ୍ରା ସେ*
*ମାୟାର ବନ୍ଧନୁ ମୁକ୍ତି ପ୍ରୟାସେ*
*ମିଛ ମିଛ ପରି ମୁହଁ ସବୁ ଦିଶେ*
*ମର୍ଯ୍ୟାଦା ଖୋଜେ ଅନ୍ତିମ ଦିବସେ ।*

***- ପ୍ରଜ୍ଞା ପାରମିତା ମହାନ୍ତି***

# ସପ୍ତଶଯ୍ୟା



ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ପୁଣ୍ୟଭୂମି ମୋର ସୁଷମା ଶାଳିନୀ
ଢେଙ୍କାନାଳ ଶୁଭ୍ର-ସଉଧ-ମାଳିନୀ ।
ତୋ ଗୌରବେ ସେକି ପୁରଇ ପୁଲକେ
ଶୁଭ୍ରହାସେ ରବି କିରଣ ଝଲକେ ॥

ଊର୍ଦ୍ଧ୍ୱେ ଥାଇ ତଳେ ପକେଇଲେ ଦୃଷ୍ଟି
ହୁଏ କେତେ ରଙ୍ଗେ କଳ୍ପନାର ସୃଷ୍ଟି ।
ଗମ୍ଭୀର ଶ୍ୟାମାୟମାନ ଗିରି ଖୋଲ
ପ୍ରକୃତିର ଯେହ୍ନେ ବଳୟିତ କୋଳ ॥

ସୁଦୂର ଶିଖରୀ କାନନ ସରିତ
ଦର୍ଶନେ ହୁଅନ୍ତି ନିକଟେ ପ୍ରତୀତ ।
ବୃହତ୍ତମ ଯାହା ଦିଶୁଥାନ୍ତି ସାନ
ତୃଣରାଜ ତରୁ ତୃଣର ସମାନ ॥

ଗିରିଚୂଡ କ୍ରମେ କରି ଅତିକ୍ରମ
ଦେଖିଲି ଅପୂର୍ବ ତାପସ ଆଶ୍ରମ ।
ଦେଖିଲି ଶୀତଳ-ଶାଶ୍ୱତ-ନିର୍ଝର
ରମ୍ଭାବନ ବିଥି ପାଷାଣ ବିବର ।।

ଭୁଆସୁଣୀ ଖୋଲ ନାମେ ସେ ପ୍ରଥିତ
ରାମାୟଣ ସ୍ୱର ସଦା ସମୁତଥିତ ।
ପୂତ ଯଜ୍ଞକୁଣ୍ଡ ଆଶ୍ରମ ପ୍ରାଙ୍ଗଣ
ପୂତ ରାମସ୍ୱରେ ତରୁଲତାଗଣ ।।

ବାଲ୍ମୀକି ସେବିତ ସୁରମ୍ୟ କାନନ
ବେଦବ୍ୟାସ ଗିରି ନୈମିଷ ଅରଣ୍ୟ ।
ଅତୀତର ଲୁପ୍ତ ବନାଶ୍ରମ ଚୟ
ମୋ କଳ୍ପନା-କ୍ଷେତ୍ରେ କଲେ ଅଭିନୟ ।।

*****

ଜହ୍ନିତଇଳା, ଢେଙ୍କାନାଳ

# ମେଦିନୀର ବିଳାପ



ଅଲେଖ ଚନ୍ଦ୍ର ବେହେରା

**କେ**ଡେ ପ୍ରମାଦରେ ଦଇବ !
ବହି ଯାଉଅଛି କୂଳବଧୂଟିର ରଜସ୍ୱଳା ରକତ...
ଆହେ ବିସ୍ମୟୀ ! ହେ ଚିତ୍ରକର !
କେଉଁ ତୂଳିକାରେ ? କି ରଙ୍ଗେ ଆଙ୍କିଲ ଏଡେ ଦୁଃଖଦ ଆକାର !
ହେ ରତ୍ନାକର !
ଋତୁବତୀ ଆଜି ବାଜିରେ ଲାଗିଛି କେଡେ ବଡ ଅବିଚାର
ହେ ରତ୍ନାକର ! (୧)
ଆହେ ଦୀନହାରି ! ଦୀନ ଗଲା ହାରି ! ହେ ମୁରାରୀ
ଅମୃତ କୁମୁଦ ମୃଦୁ୍ୟ ହସ ଛାଡି, ଦେଖ ମୁଁ ଯାଉଛି ବୁଡି
ହେ ମୁରାରୀ !
ଦୁଷ୍ଟଶକ୍ତି କେଶ କବଳିତ କରି ଧରି ନେଉଛି ଘୋଷାରି
ହେ ମୁରାରୀ ! (୨)

ଲଜ୍ଜା ଗଲେ ଏ ରାଜ ସଭାରେ, ଲଜ୍ଜା ରହିବ କି ତୋ ମୁଖରେ ?

ଇଜ୍ଜତ ସରିଲେ ମହତ ପଣିଆ ତୁମର କେଉଁ ପ୍ରକାରେ !

ହେ ମଣିମା !

ନହରିଲେ ହରି ଫିଙ୍ଗିଦିଅ ଚିରି ବିଶ୍ୱରୁ ଅଖଣ୍ଡ ବାନା

ହେ ମଣିମା ! (୩)

ଶଙ୍ଖ-ଚକ୍ର-ଗଦା ଥାଉ ଥାଉ, କେଣ୍ଟ ଆଣ୍ଠରେ ଦେଖାଏ ବାହୁ

ସତ୍ୟ-ଶାନ୍ତି-ପ୍ରେମ ପଡିଛି ଗାଡରେ, ପାପ ଉଠି ସାଧେ ଦାଉ

ହେ ମହିମା !

ମିଥ୍ୟା କହୁଥିଲେ କପଟ କରି ମୋ କବିପଣେ ଲାଗୁ ନିଆଁ

ହେ ମହିମା ! (୪)

ଦେଖ ବ୍ରହ୍ମାଣ୍ଡ ଏହି ପ୍ରକାର, କରେ ପାଞ୍ଚାଳି ପରି ଚିତ୍କାର

ରଜସ୍ୱଳା ହୋଇ ମେଦିନୀ ପଡିଛି, ପାପକରେ ଅତ୍ୟାଚାର

ହେ ଅଲେଖ !

କୋଟି ବସ୍ତ୍ରତୁଲେ ମହୋଷଧୀ ଦେଇ ଶୂନ୍ୟବାନା ଢାଙ୍କି ରଖ

ହେ ଅଲେଖ ! (୫)

*****

ଅଙ୍ଗାରବନ୍ଧ, ଅନୁଗୁଳ

# ମୁକ୍ତିଗୀତି



ଶିବ ଚରଣ ମହାପାତ୍ର

ଝରିଲାଣି ବୟସରୁ ଯଉବନ ବସନ୍ତ ବଉଳ
ଫେରିଲେଣି ମହୁମାଛି ଗର୍ଭପୁଷ୍ପେ ନହୋଇ ପାଗଳ
ଉଡୁନାହିଁ ପ୍ରଜାପତି ଆମ୍ରକୁଞ୍ଜେ ବୋଲୁନି କୋକିଳ
ରକ୍ତଜବା ରଙ୍ଗ ନାଇ ମନ ଗ୍ରାମେ ଆସୁନି ସକାଳ..!

ନୀଳନଭ ସ୍ୱପ୍ନପଥେ ମେଘମାଳା ଦେଲେଣି କୁହାଟ
ମୃତ୍ୟୁବୋଧ ନିଃସଂଗତା ନେତ୍ରଅମ୍ବୁ ନ ଶୁଣେ ଆହଟ
ଏ ଜୀବନ ନଈଧାରେ ପର ନାଆ ନାଉରିଆ ଘାଟ
ଯାଅ ଏବେ ଖୋଲିଦିଅ ହୃଦଗତ ମୁଦ୍ରିତ କବାଟ..!

ବୁଝିଯାଅ ମିଛ ମିଛ ଏ ସମ୍ପର୍କ ସ୍ୱପ୍ନୀଳ ସହର
ବେଶ ବାସ ସାତପର ତେଜୋଦ୍ଦୀପ୍ତ ମହମ ଶରୀର
ହେଜ ଥରେ ଏ ସହରେ ଅବସ୍ଥିତ କାହିଁ ତୁମ୍ଭ ଘର

କିଏ ତୁମ୍ଭେ ଜଗୁଆଳୀ ଫୁଲବନ ଅଥବା ଭ୍ରମର..?
ଖୋଲିଦିଅ ପଞ୍ଜୁରୀର ମୋହବନ୍ଧା ବିବାସ ବିହଙ୍ଗ
ନଭସ୍ୱାନ ଡେଣା ଝାଡି ମୁକ୍ତିଗୀତି ଲେଖୁ ଏ ପ୍ରସଙ୍ଗ..!

*****

ଚକ୍ରଧରପୁର, କେନ୍ଦୁଝର

# ଗୋଧୂଳିଲଗ୍ନ



ଗୀତାଞ୍ଜଳି ମହାରଣା

ଧରଣୀ ବକ୍ଷରେ ନବ ବିରାଜିତ
ଋତୁରାଜ ପ୍ରିୟ ବସନ୍ତ
ଚଇତାଳି ବାଆ ବହୁଛି ସଧୀରେ
ଦେହ ହୁଏ ଉଲ୍ଲସିତ
ଆନମନା ହୁଏ ଚକ୍ଷୁଯୁଗଳ
କୋକିଳର କୁହୁ ତାନେ
କୁସୁମ କାନନ ସୌନ୍ଦର୍ଯ୍ୟେ ହସୁଛି
ଅଳିର ମଧୁ ଗୁଞ୍ଜନେ
ମଳୟ ବହୁଛି ସୁବାସିତ ହୋଇ
ଆମ୍ର ବକୁଳ ପରଶେ
ସ୍ମିତ ହସି ରବି ବୁଡି ଯାଉଛନ୍ତି
ସ୍ନିଗ୍ଧବୋଳା ପରିବେଶେ

ନାଲି ନାଲି ଫଗୁ ଦେହେ ମାଖିହୋଇ
ମୁରୁକି ହସେ ଗଗନ
ଶିଆଳି ଲତା ଯେ ତରୁକୁ କରଇ
ପ୍ରେମଭରା ଆଲିଙ୍ଗନ
ବାହୁଡି ଆସନ୍ତି ଗୋରୁବସ୍ଥାପଲ
ଦାଣ୍ଡେ ଉଡାଇଣ ଧୂଳି
ନୀଡକୁ ଫେରନ୍ତି ବିଙ୍ଗମଦଳ
ଆନନ୍ଦେ କରି କାକଳୀ
ଶାନ୍ତ ଶୀତଳ ଏ ମଧୁଲଗନ
ଅଙ୍ଗେ ଭରେ ମାଦକତା
ପ୍ରୀତିର ଲହରୀ ଯାଉଛି ଉଛୁଳି
ଦେଖି ତମ ଚପଳତା
ତୁମରି ପାଦର ପାଉଁଜିର ସ୍ୱର
କରେ ମୋତେ ଆନମନା
ମୁଁ ହେଲେ ପ୍ରତ୍ୟୁଷ ତୁମ ହୃଦୟର
ତମେ ମୋ ଗୋଧୂଳିଲଗ୍ନା

*****

ଗୁଣ୍ଡିଚା ବିହାର, ପୁରୀ

# ଅନ୍ତରାଗ ଆନ୍ଦୋଳିତ



ପ୍ରଜ୍ଞା ପାରମିତା ମହାନ୍ତି

**ମୁଁ** ଦେଖିଅଛି, ଦେଖିଅଛି ସେଠି ତୁମ-
ଆଭିଜାତ୍ୟର ସ୍ଥାପତ୍ୟ,
ଅଗ୍ରସର ଆଧିପତ୍ୟ,
ଆତିଥେୟତାର ସର୍ତ୍ତ,
ଅନୁସନ୍ଧିତ୍ସୁର ମୂହୁର୍ତ୍ତ ।

ମୁଁ ପାଇଅଛି, ପାଇଅଛି ସେଠୁ ତୁମ-
ଅନୁକମ୍ପାର ଆହତ,
ଅନୁରାଗର କ୍ଷତ,
ଆବେଗ ଯା' ଆବୃତ୍ତ,
ଅପ୍ରାପ୍ତିର ଅବ୍ୟକ୍ତ ।

ମୁଁ ଖୋଜିଅଛି, ଖୋଜିଅଛି ସେଠି ତା'ର-

ଆରମ୍ଭ ଅପ୍ରତ୍ୟାଶିତ,
ଅନ୍ତିମ ଅଣାୟତ୍ତ,
ଅପେକ୍ଷା କି ଅଦ୍ଭୁତ, ଯା'
ଅସଂଖ୍ୟ ଅସମାହିତ ।

ଅତଏବ, ମୁଁ ଲେଖିଅଛି, ଲେଖିଅଛି ଏଠି ମୋ-
ଅନିନ୍ଦନୀୟ ଅଭିମତ,
ଅବର୍ଣ୍ଣନୀୟ ଅଶ୍ରୁତ, ଯା'
ଅପ୍ରାସଙ୍ଗିକ ଗୁରୁତ୍ୱ, ସେ
ଅନ୍ତରାଗ ଆନ୍ଦୋଳିତ ।

*****

ବଳଗଣ୍ଡି ସାହି, ପୁରୀ

# ସ୍ମୃତି



ଜ୍ୟୋତି ପ୍ରକାଶ ସାହୁ

ସ୍ମୃତି ..
ମନର ଏକ ଅବିଚ୍ଛେଦ୍ୟ ଭଗ୍ନାବଶେଷ ..
ହୃଦୟର ଏକ କଠୋର ଭାବାବେଗ ..
ଆଉ ବିବେକର ଏକ ଅସହିଷ୍ଣୁ ପ୍ରତିବିମ୍ବ ..

ସ୍ମୃତି ..
କେବେ ସମୟସୀମାର ପରିସୀମାରେ ଏକ ଅକୁହା ଗଳ୍ପ ..
କେବେ ଅତୀତ ପୃଷ୍ଠାର ଏକ ଅସମ୍ପୂର୍ଣ୍ଣ ପ୍ରକଳ୍ପ ..
ଆଉ କେବେ ପୁଣି କିଛି ପରିକଳ୍ପନାର ଧ୍ୱଂସାବଶେଷ ..

ସ୍ମୃତି ..
ବେଳେ ବେଳେ ବର୍ଣ୍ଣନୀୟ ..
ଆଉ ବେଳେବେଳେ ଅବର୍ଣ୍ଣନୀୟ ଅଶ୍ରୁସ୍ରୋତ ..

ସାଗରର ଫେରନ୍ତା ଲହରୀ ପରି ଯାହା
ଓଦା କରିଯାଏ ବର୍ତ୍ତମାନର କିଛି କଠୋର ସଂକଳ୍ପ ..

ସ୍ମୃତି .. ଏକ ଅତୀତ
ଯାହା ବର୍ତ୍ତମାନର ଆବେଗ ଆଉ ଭବିଷ୍ୟତର ପ୍ରେରଣା ..
ସ୍ମୃତି .. ହୃଦୟରେ ଲୁଚି ରହିଥିବା
ଭାବାବେଗର ଘରର ଠିକଣା ..

*****

କାମାକ୍ଷାନଗର, ଢେଙ୍କାନାଳ

# ଛୁଟି



ପୁଷ୍ପାଞ୍ଜଳି ପଣ୍ଡା

ସମୟ ହେଇଗଲା ବୋଧେ
ଅବସରର, ଛୁଟିର...!
ଭୁଲିବାକୁ ଚେଷ୍ଟାକଲି
ସବୁ ରାଗ ରୁଷା ମାନ ଅଭିମାନର
ସମ୍ପର୍କରେ କିଏ ଆପଣା କିଏ ପର ।
ସବୁ ଅତୀତ ଏକାଠି କଲି,
ଅହଂ ଭାରି ହେଇଛି ।
ମୁକୁଳେଇ ଦେଲି ଅହଂଭରା ମନକୁ,
ଭାବୁଛି, ଏବେ ବଞ୍ଚିବି ବଡ ବିନ୍ଦାସରେ ।
ଆସନ୍ତାକାଲିର ମୁକ୍ତିର ଆନନ୍ଦ ଓ ଖୁସିକୁ ଧରିବାରେ ।
ଆଉ ଚେଷ୍ଟା ଦରକାର ନାହିଁ
ଘର, ଗାଡି, ପ୍ରତିପତ୍ତି ଏସବୁ ପାଇଁ ।

ଅତର୍କ୍କ ଦୌଡବାକୁ ହେବ କି !
ଅବାଞ୍ଛିତ ପ୍ରଶ୍ନ ନୁହେଁ କି ?
ଥାଉ, ଏସବୁ ପଛକୁ, ବରଂ
ପୁଣି ଆରମ୍ଭିବି ନୂଆ ଆରମ୍ଭର
ଯାତ୍ରାଟିଏ, ସମ୍ଭାବନା ଟିଏ ।
ଅଥଚ କେମିତି ଶ୍ୱାସରୁଦ୍ଧ ଅବସ୍ଥା ଇଏ,
ମନ ଟା ବାନ୍ଧିହୋଇ ଯାଉଛି, ଦୁଃଖ ଟିଏ ।
ଏଇ ଚାରିକାନ୍ଥ ଭିତରର ଖୋଳପା
ଛାଡ଼ିବା ସହଜ ନୁହେଁ ।
ବୁଝିଲି ଆଉ ମନକୁ ବୁଝେଇଦେଲି ।
ଏବେଠୁ ପ୍ରତି ମୁହୂର୍ତ୍ତରେ ବଞ୍ଚିବି
ସମସ୍ତଙ୍କ ପାଇଁ, ଶପଥ ନେଲି ।

*****

ଈଶ୍ୱରପୁର, କେନ୍ଦ୍ରାପଡା

# ଚାଷୀର ଦୁଃଖ



ଅର୍ଚ୍ଚନା ଦେଓ

**କି**ଏ ବା ଦେବ

ମୁଠାଏ ଅନ୍ନ

ପେଟ ପୁରା ଖାଇବା ପାଇଁ

ଭୋକର ନିଆଁରେ

ଜଳୁଛୁ ନିତି ଆମେ

ହାତ ପତାଇ ମାଗିବା

ନୁହେଁ ଆମର ବୃତ୍ତି

ଆମେ ତ ଏ ଦେଶର ଚାଷୀ

ଚାଷ କରି କେତେ ପ୍ରାଣୀ କୁଟୁମ୍ବ

ପୋଷୁ ଥାଉ ଦିନରାତି

ହେଲେ ଏବେ ଦଇବ ସାଜିଛି

ଆମ ପାଇଁ ଘୋର କାଳ

କୀଟ ସାଜି ଖାଉଛି ନିତି

ଆମ ବିଲ କ୍ଷେତ

ସାନ୍ତ୍ୱନାରେ ପଦେ

କହିବା ପାଇଁ ପାଖେ ନାହିଁ କେହି

କରନ୍ତି ଓଲଟି ଦରଦାମ୍

ପଚିଶି ଟଙ୍କା ଜିନିଷକୁ

କହନ୍ତି ପାଞ୍ଚ ଟଙ୍କା ବୋଲି

କିଏ ଶୁଣିବ ଆମ

ତ୍ୟାଗର କଥା

ଏ ଦେଶ ପାଇଁ ଦେଇଛୁ

କେତେ ବଳିଦାନ

ତଥାପି କୁହନ୍ତି ଆମେ ଯେ ଚାଷୀକୁଳ ।

*****

ବାରଗାଡ଼ିଆ, ଯାଜପୁର

# କାନ୍ଦୁଛି ପ୍ରକୃତି



କରିସ୍ମିତା କର

**ଜୀ**ବନ ଏମିତି ଏକ
ପଶା ଖେଳର ଗୋଟି ଯେ,
କେବେ ଆଣେ ଫଗୁଣର ଛିଟା ତ ;
କେବେ ଆଣେ ଅମାବାସ୍ୟାର
ଚାନ୍ଦପରି ଠୋ ଠୋ ଯନ୍ତ୍ରଣା ।
କିଏ ପୋଛି ଦେବ ଏ
ପଲ୍ଲୀ ପ୍ରକୃତିର ଲୁହ ?
ଫନିର ଆମ୍ର ତୋଡନ ପରେ
ଧିରେ ଧିରେ ମାଡିଗଲା
ମହିଷାସୁର ପରି କରୋନାର ଭୟ ।
ଖୁସିର ଲହରୀର ଲୁଣ ଛିଟା ଦେଲାପରି,
ବର୍ଷକୁ ବର୍ଷ ଆସୁଛି

ଅଜ୍ଞାନ ପରି ଝଡ ।

କିଏ ରୋକିବ ଏ ପ୍ରକୃତିର

ତାଣ୍ଡବ ଲୀଳାକୁ ।

ଦାନବ ଅବା କେହି ପରମ ପୁରୁଷ !

କଳିଯୁଗର ମୋହ ମାୟା ସଂସାରରେ

କେହି ନୁହେଁ କାହାର ।

ପ୍ରକୃତିକୁ ଦେବା ଯଦି ସମ୍ମାନ

ତେବେ ସଂସାରୁ ତରିବା ସମାନ ।

*****

ମାହାଙ୍ଗା, କଟକ

# ମାୟାପୁରୀ



ଶୁଭଲକ୍ଷ୍ମୀ ଦାସ

**ସା**ତ ସିନ୍ଧୁ ପାରି କୁହୁକ ନଗରୀ
ତହିଁ ଅଛି ଏକ କଞ୍ଜ ସରସୀ ।

ଉପବନେ ଦେଖ ପ୍ରସ୍ଫୁଟିତ ପ୍ରସୂନ ତମାଳ
ଭୃଙ୍ଗ ଭ୍ରମନ୍ତି ହରଷେ ହୋଇ ମାଳମାଳ ।

ପୀୟୁଷ ଅଭିଳାଷେ ଚଳିଲେ ପାଇଣ ଉଦନ୍ତ
ଦିବ୍ୟ ମନୁଜ ସୁତ ମଞ୍ଜୁଳ ରୂପବନ୍ତ ।

ଅଦ୍ଭୁତ ସେ ନଗରୀ ମନୋରମ ମାୟାପୁରୀ
ରହିଛି ତାହାକୁ ଘୋର ଅଟବୀ ଯେ ଘେରି ।

ମନ୍ଦମନ୍ଦ ବହ୍ନିମୁଖ ବହନ୍ତି କୂଧର ଭେଦି
ଚତୁର୍ଦ୍ଦିଗ ମୁଖରିତ ଶୁଭେ ଦ୍ୱିଜ କାକଳି ।

ଦେଖ କଳାପୀ ନୃତ୍ୟର ମନଲୋଭା ଝଲକ
ଗଗନେ ଭାସମାନ କଳା ଘନ ବଳାହକ ।

ମଧ୍ୟ ପ୍ରଦେଶେ ଏକ ସୁରମ୍ୟ ପ୍ରାସାଦେ
ବସନ୍ତି ନିବାସେ ଚାରୁ କାମିନୀ ମୋଦେ ।

*****

ସିଡିଏ, କଟକ

# ଯାହାର ଯେମିତି ମନ



ନୂତନ କୁମାର ବେହେରା

ଯାହାର ଯେମିତି ମନ
ସେ ଦିଗରେ ସେ ଦେଇଥାଏ ଧ୍ୟାନ,
ସେହି ଭାବ ଭାବନାରେ ରହି ରାତିଦିନ
କାର୍ଯ୍ୟ କରୁଥାଏ ସାରା ଜୀବନ ।
ନିଜ ଭିତରେ ଥିବା ଭଲ ମନ୍ଦ ଗୁଣ
ପରସ୍ପର ମଧ୍ୟେ କରୁଥାନ୍ତି
ଏକ ସ୍ୱତନ୍ତ୍ରତାର ଆନ୍ଦୋଳନ,
ସତ ମିଛ ନ୍ୟାୟ ଅନ୍ୟାୟ
ଧର୍ମ ଅଧର୍ମ ଆଲୁଅ ଅନ୍ଧାର
ଦେଖାନ୍ତି ନିଜ ନିଜ ପାରିବାପଣ ।
ଏ ଦେବାସୁରର ସମୁଦ୍ର ମନ୍ଥନ
କିଏ ହାରେ କିଏ ଜିତେ

ଗଢି ମାୟା ମୋହର ବନ୍ଧନ,
ସତ୍ୟ ପାଏ ମାନ ସମ୍ମାନର ଜୀବନ
ମିଥ୍ୟା ପାଏ ନିନ୍ଦା ଅପମାନ ।
ଯାହାର ଯେମିତି ସ୍ୱଭାବ
ସେମିତି ପାଇଥାଏ ତାର କର୍ମଫଳ,
ସହିଲେ ଘାତ ପ୍ରତିଘାତ ଶତ ଶତ
ସତ୍ ପଥେ ପଥିକର ହୁଏ ମଙ୍ଗଳ ।
ଅନ୍ୟାୟ ଅବିଚାର କରି
କରେ ଯିଏ ଆତ୍ମସ୍ୱାର୍ଥ ପୂରଣ,
ସେ ପାଏନା ପ୍ରକୃତ ସୁଖ ଶାନ୍ତି
ତାର ଆଶା ପରିଶ୍ରମ ହୁଏ ଅକାରଣ ।
ଏ କଥା ବୁଝନ୍ତି ବୁଝାନ୍ତି ଅନେକ
ପାଳନ କରନ୍ତି ନାହିଁ ସବୁ ଜୀବନ ଯାକ,
ପାଇଲେ ବି ଶିକ୍ଷା ଦୀକ୍ଷା ବହୁତ
ଆଦୌ ବଦଳନ୍ତି ନାହିଁ
ବରଂ ସାଜନ୍ତି ଠକ ପ୍ରତାରକ ।
ବିପଦ ବେଳେ କରନ୍ତି
ସାମୟିକ ଶୋକ ଅନୁତାପ

ପର ମୁହୂର୍ତ୍ତରେ ଭୁଲି ଯାଇ ସବୁ
କରୁଥାନ୍ତି ସେହି ଅପକର୍ମ ପାପ ।
ଏ ସବୁର ପରିବର୍ତ୍ତନ ହୁଏ କେବଳ
ବ୍ୟକ୍ତି ବିଶେଷଙ୍କ ମନୋବୃତ୍ତି ଅନୁଯାୟୀ,
ପ୍ରକୃତରେ ବଦଳି ଯାଏ ଯିଏ
ସୁଖ ଶାନ୍ତି ଆନନ୍ଦ ତାର ରହେ ଚିରସ୍ଥାୟୀ ।
ସଂସାରରେ ପାଇବାକୁ ଧନ ମାନ ଜ୍ଞାନ
ଲୋଡା ଏକ ବିଶୁଦ୍ଧ ନିର୍ବିକାର ମନ,
ପବିତ୍ର ହୃଦୟର ପ୍ରତିଟି ସୁକର୍ମ
ଆଣି ପାରେ ଜୀବନରେ ପରିବର୍ତ୍ତନ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ଏ ବର୍ଷ ରଜ



ଇପ୍ସିତା ରାୟ

ଭାରି କଷ୍ଟଦିଏ ଏ ବର୍ଷ ରଜ
ଫିକାଫିକା ଲାଗେ ରଜ ମଉଜ
ଶୁଭୁନି ଏ ବର୍ଷ ତାସ୍ କବାଡି
କରୋନା ପାଇଁ ଗାଁ ମୁଣ୍ଡ ଲାଗୁଛି ଖାଲି ॥
ଏ ବର୍ଷ ରଜରେ ଦୋଳି ଖେଳେ ମେଘ ବିଜୁଳି
ମହାମାରୀ ପାଇଁ ଖାଲି ଲାଗେ ସାରା ପୁରପଲ୍ଲୀ
କେତେ କଷ୍ଟ ପାଇଲାଣି ଧରଣୀ ରାଣୀ
ଦାଉ ସାଜେ ବାତ୍ୟା ସାଥେ ମହାମାରୀ ॥
ଏ ବର୍ଷ ରଜରେ ଲାଗୁନି ମା'ର ମନ
ବିଦେଶେ ଫସିଛି ତା' କୁଳନନ୍ଦନ
ସଜା ହୋଇଛି ପୋଡପିଠା ସାଥେ ଖିଲିପାନ
ଖାଲିଖାଲି ସତେ ଆଜି ଲାଗୁଛି ଘର ॥

ଏ ବର୍ଷ ଆଷାଢ ଦିଏ ଭାରି ଯନ୍ତ୍ରଣା
ଉଜାଡି ଦେଲାଣି କେତେ ଜୀବନ ଜୀବିକା
ତଥାପି ନିୟମ ସବୁ ମାନି ଚଳିବା
ଘରେ ରହି ଆମେ ସୁସ୍ଥ ରହିବା
ଏ ବର୍ଷ ନହେଲେ ଆରବର୍ଷ
ମିଳିମିଶି ଆମେ ରଜମଉଜ କରିବା ॥

*****

ଜଗତସିଂହପୁର

# ରଥାରୂଢ



ରଶ୍ମୀ ରଥ

**ଶୁ**ଣିଲି ଆସିବ ଆଜି ତୁମେ ପ୍ରଭୁ
ରଥାରୂଢ ପରା ହୋଇ,
ସେବାକାରୀ ସଂଗେ ପହଣ୍ତି ହୋଇଣ
ଭାଇ ଭଉଣୀଙ୍କୁ ନେଇ ।
ପ୍ରତୀକ୍ଷା କରିଲି ତୁମକୁ ପ୍ରଭୁ ହେ
ଦ୍ୱାର ଦେଶେ ଛିଡା ହେଇ,
ଚାଲିଗଲ ତୁମେ ଝୁଲି ଝୁଲି ପ୍ରଭୁ
କ୍ଷଣେ ତ ଚାହିଁଲ ନାହିଁ ।
ଅଭିମାନେ ମୁହିଁ ଗୁମୁରି ଉଠିଲି
ଫେରି ଆସିଲି କକ୍ଷକୁ,
ପ୍ରଶ୍ନ ପରେ ପ୍ରଶ୍ନ କରି ମୁଁ ଚାଲିଲି
ନ ବୁଝାଇ ପାରି ମନକୁ ।

ପ୍ରଶ୍ନ କରି କରି ଥକିଗଲି ଯେବେ
ନୀରବେ ବସିଲି ମୁହିଁ,
ଚକ୍ଷୁ ମୁଦିଦେଲି ଶ୍ୱାସେ ଧ୍ୟାନ ଦେଲି
ହୃଦୟେ ବସିଛୁ ତୁହି ।
ମନ୍ଦ ମନ୍ଦ ହସି କୁହ ପ୍ରଭୁ ତୁମେ
ତତେ ଛାଡି ଯିବି ନାହିଁ,
ଶୁଦ୍ଧ ପ୍ରେମ ବିନା ଏହି ସଂସାରରେ
ମୋର ମଧ୍ୟ ସ୍ଥିତି ନାହିଁ ।
ସମର୍ପଣ ଭାବ ପରଖେ ମୁହିଁ ତ
କ୍ଷଣେ ମାତ୍ର ଦୁଃଖ ଦେଇ,
ଦୂରତା ବଢାଇ ପ୍ରେମେ ମୁଁ ଜଳାଏ
ପ୍ରେମିକ ସମ୍ରାଟ ମୁହିଁ ।
ଚନ୍ଦ୍ରମାର ପ୍ରେମ ହୃଦେ ଭରିନିଏ
ଚକୋର ବହୁ ଦୂରରୁ,
କମଳ ପିଉଛି ତା ପ୍ରେମର ଉର୍ଜା
ଆକାଶେ ଉଦିତ ସୂର୍ଯ୍ୟରୁ ।
ଭାବେ ମୁହିଁ ବନ୍ଧା ଭାବ ବିନୋଦିଆ,
ଅଟେ ତୋର ଦାସ ମୁହିଁ,

ହୃଦୟ ମୋହର ତୋର ସିଂହାସନ
ନିତି ବିରାଜିତ ତୁହି ।

*****

ପୁନେ

# ଜୀବନକୁ ପ୍ରଶ୍ନ



ରୋଜା ପଣ୍ଡା

**ହେ** ମୋର କଣ୍ଟକିତ ଜୀବନ
ଥରେ ଶୁଣିଯା ତୁ ମୋର ବଳିଷ୍ଠ ଆହ୍ୱାନ
ଡ଼ରିବିନି କଣ୍ଟା ଦେଖି,
ଅତିକ୍ରମ କରିଯିବି ଅମଡ଼ା ବାଟ ସବୁ
ଗଲେ ଯାଉ ଭାଙ୍ଗି ପଛେ
ମୋର ପ୍ରତିଟି ସ୍ୱଅଙ୍କିତ ସାଇତା ସପନ
ଥରକୁ ଥର ପଡି ଉଠି ଚାଲୁଥିବି ଆଗକୁ
ମରିଯାଉ ପଛେ ଭାଙ୍ଗି ଭାଙ୍ଗି ସମୟର ପଦାଘାତେ
ମୋର ଏଇ ଛୋଟିଆ ନିଷ୍କଳଙ୍କ ମନ
ହସୁଥିବି ସଦା ଦେଖି ତୋର ମୋ ପ୍ରତି ଥିବା
ଅଟ୍ଟହାସ୍ୟ ଆଉ ମୋର ପ୍ରତିଟି ଯାତ୍ରାରେ
ମତେ ହରାଇବାର ଆମନ୍ତ୍ରଣ

ହାରିବାକୁ ନଡରି ମୁଁ ଆଜୀବନ ତୋର
ଅସହାୟତାକୁ କରୁଥିବି ପ୍ରଶ୍ନ
ହେ ମୋର କଣ୍ଟକିତ ଜୀବନ, ହେ ମୋର କଣ୍ଟକିତ ଜୀବନ
ଉତ୍ତର ଦେବାକୁ ହେବ ତତେ ଦିନେ
ଉଙ୍କିମାରୁଥିବା ମୋର ସମସ୍ତ ପ୍ରଶ୍ନର
ବାଧ୍ୟ ହୋଇ କରିବୁ ତୁ ମୋ ଜୀବନ ପୃଷ୍ଠାକୁ
ଆଉଥରେ ଉନ୍ମୋଚନ,
ଦେଖି ମୋର ସାହାସୀକତାକୁ
ତୋ ଆଖି ବି ଓଦା ହେବ ଦିନେ
ଆଉ କରିବୁ ତୁ ଅନୁତାପେ ଅସୁମାରୀ ରୋଦନ
ହେ ମୋର କଣ୍ଟକିତ ଜୀବନ, ହେ ମୋର କଣ୍ଟକିତ ଜୀବନ
ବାରମ୍ବାର ରୋକିବାକୁ ମୋର ଚଲା ପଥ
ଦିନେ ତତେ ନିନ୍ଦା କରିବ
ତୋର ସେଇ ବିଚାରହୀନ, ଅଭିମାନୀ ମନ
ବାସ୍ତବତାକୁ ଚିହ୍ନି ତୁ ପୁଣି ଫେରିବୁ
ପଛରେ ଛାଡି ଆସିଥିବା ତୋର ନିଘଞ୍ଚ ଅରଣ୍ୟ
ହେ ମୋର କଣ୍ଟକିତ ଜୀବନ, ହେ ମୋର କଣ୍ଟକିତ ଜୀବନ
ଆଜି ନୁହେଁ କେବଳ

ତତେ ମୁଁ ଆଜୀବନ କରୁଥିବି ପ୍ରଶ୍ନ
କେଉଁ ପାପେ ନେଉଅଛୁ ଏତେ ମୋର ପରୀକ୍ଷା
ରଙ୍ଗ ତୂଳୀ ଧରି ଯେତେ କରୁଛି ମୁଁ ଚିତ୍ରାଙ୍କନ
ବାରମ୍ବାର କରୁଚୁ ତୁ ସେସବୁକୁ ରଙ୍ଗହୀନ
ହେ ମୋର କଣ୍ଟକିତ ଜୀବନ,
ରଙ୍ଗ ସିନା ଲିଭିଯିବ ତୋର ସେ କର୍କଶ ସ୍ପର୍ଶରେ
ଆଉଥରେ ସଜେଇବି ନିଷ୍ଠାର କାଳିରେ
ସ୍ୱରକ୍ତର ରଙ୍ଗରେ ରଙ୍ଗେଇବି ଜୀବନ ଛବିକୁ
ଭରିଦେଇ ଧୈର୍ଯ୍ୟର ଜୀବନ୍ତ ଇନ୍ଧନ
ତୋ ପରାକାଷ୍ଠା ପ୍ରଣିପାତ କରି
ଲେଉଟିବ ସେଦିନ ପରାଜିତ ହୋଇ
ମୋ ସ୍ୱସଜ୍ଜିତ ଜୀବନୁ ତୁଟାଇ ସବୁ ବନ୍ଧନ
ହେ ମୋର କଣ୍ଟକିତ ଜୀବନ
ହେ ମୋର କଣ୍ଟକିତ ଜୀବନ...।

*****

ପୂର୍ଣ୍ଣାନନ୍ଦ ଭବନ
ନେତାଜୀ ନଗର, ମଧୁପାଟଣା
କଟକ

# ଝର୍କା ସେପାଖେ



ଅର୍ପିତା ରଣା

ଆଜି ମୁଁ କରୋନା ବନ୍ଦୀ,
ଝର୍କା ସେପାଖ ଦୁନିଆଁ
ମୋ ପାଇଁ ଅମଡ଼ା ବାଟ, ଅଜଣା ପୃଥିବୀ,
ଅଦେଖା ସ୍ୱର୍ଗ କି ପାତାଳ ।
ଢେର୍ ବର୍ଷ ହେଲା ଆମେ ଏଇଠି,
ମା କୋଳ ଛାଡ଼ିଲା ପରେ ଏଇ ମୋ ଦୁନିଆଁ
ବା' କୁହେ ଏଇଟା" ଇଟାଭାଟି" ।
ଫିଁ' ଦିନ ସକାଳେ ଯେଉଁ ଟିଣର କାନ୍ଥ
ଆଉ ଛାତକୁ ବା' ସଳଖାଏ
ଆଉ ମା ଖୁସିରେ ଓଳେଇ ଆଣେ
ସେଇଟା ଆମ ଘର ନୁହଁ,
ଆମ ଘର ତ ଆଉ କୋଉଠି,

ଅଲଗା ରାଇଜରେ; ମା’ କୁହେ ।
ଏବେ ଆମକୁ ଫେରିବାକୁ ହେବ
ଏଠି ଚାରିଆଡ଼େ ଖାଲି ଭୋକ ଆଉ ରୋଗ ।
ଚାରିଦିନ ହେଲା "ମା', ଖାଇବାକୁ ଦେ" କହିଲେ
କୋଳରେ ଜାକି ଶୁଆଇ ଦଉଛି,
ଆଉ ମୋ ସାନ ଭାଇ ଶୁଖିଲା ସ୍ତନ
ଚୁଚୁମି ଚୁପ୍ ହେଇ ଯାଉଛି ।
ମା' କୋଳରେ ଥିଲାବେଳେ ତା ଆଖି ଲୁହ
ଥରେ ଦି ଥର ମୋ ପାଟିରେ ବି ପଡ଼ିଛି
ଆହା:କି ମିଠା, ବହେ ଭୋକ ମେଣ୍ଟି ଗଲା ଭଳି
ହେଲେ କିଛି ସମୟ ପରେ ପୁଣି ସେଇ ଭୋକ ।
ମା' କହୁଥିଲା ଝର୍କା ସେପାଖେ ରୋଗ,
ବା' କହୁଥିଲା ଝର୍କା ସେପାଖେ ମୃତ୍ୟୁ,
ଝର୍କା ଏପାଖେ ହେଲେ କ'ଣ ଅଛି ?
ମା'ର କାନ୍ଦୁରା କାନ୍ଦୁରା ମୁହଁ ଦେଖି
କହି ବି ହଉନି
"ମା, ଆଉ ଘଡ଼ିଏ ଓପାସ ରହିଲେ ମୁଁ ମରିଯିବି" ।

*****

ଏନ୍ ଆଇ ଟି, ରାଉରକେଲା

# ମାଆ



ତେଜସ୍ୱିନୀ ସାମଲ

**ବ୍ୟ**ସ୍ତ ବହୁଳ ଜୀବନରେ ବି ତୁ
ମନରେ ପବିତ୍ରତା ଭରି ଦେଉ
ତୋ ସ୍ନେହଭୋଳା ଡାକରେ
କୋଳେଇ ନେଇ ଆର୍ଶୀବାଦ କରୁ
ଜୀବନ ଜନ୍ମଦାତ୍ରୀ
ତୁ ମା ଆମରି ।

ନିଜର ରକତ ଦେଇ
ଛାତିକୁ ପଥର କରି
ନିଜ ହାତେ ଗଢିଛୁ ଆମକୁ
ତୋ ପଣତ ଶ୍ରୀ ମନ୍ଦିର ନେତ
ସ୍ନେହ ମମତାର ଘର

ତୋ ପଣତ ବିଜୟର ନେତ
ମୁଣ୍ଡେ ଥିଲେ ହୁଏ ଜୟ ।

ମଧୁଠୁ ମଧୁର ଜହ୍ନ ଠୁ ଶୀତଳ ସୁନ୍ଦର
ମିଠା ତୋର ନା
ଧରିତ୍ରୀ ସଂର୍ବସହା ସାଜି
ନିଜକୁ ପାଷାଣ ସଜାଇ
ବିପଦେ ଆପଦେ ପଣତରେ ଦେଉ ଘୋଡାଇ
ଗୀତ ଗପ କହି ମନ ଯେବେ ନେଉ ଭୁଲାଇ
ଦୁଃଖ ଭୟ ଛାଏଁ ଛାଏଁ ଯାଏ ଅପସାରି ।

ମା ନାହିଁ ତୋର ତୁଳନା
ସୀମାହୀନ ସାଗର ତୁ
ତୋ ବକ୍ଷରେ ସନ୍ତାନ ପିରତି ଥାଏ ଭରି
ପେଟକୁ କାଟି ସମ୍ପିଦେଉ ଆମକୁ
ନିଜେ ଉପବାସେ ରହୁ.
ବାହାରିଗଲେ ପରବାସେ
ଆଖିରେ ଅଶ୍ରୁ ଭରିଦେଉ.......
ସ୍ନେହମୟୀ ମମତାମୟୀ

ତୁ ଆମୃତଧାରା
ଶହେ ଜନମ ଯାଏ ବି ତୋ ଋଣ ଶୁଝି ହେବନି ପରା
ତୋ ଆସନ ବୈକୁଣ୍ଠ ସମାନ
ତୋ ବିନା ସଂସାର ଲାଗେ ରଙ୍ଗହୀନ
ତୁ ହିଁ ବୁଝିପାରୁ ସନ୍ତାନର ମନ
ମଧୁର ହସରେ ମନ ଜିଣି ନେଇ ଆମ ଓଠର ହସ ଭରୁ ।

ମା ତୁ ଚିର ବନ୍ଦନୀୟା
ତୋ କଥା ଲେଖିବା ପାଇଁ କି
ଶବ୍ଦ ବି ନିଅଣ୍ଟ ପଡେ
ଏ ମିଛ ଦୁନିଆଁରେ
ତୁ ହି ଏକା ସତ ମା
ତୁ ଥିଲେ ଏ ଉଦାସ ଜୀବନଟା
ଆନନ୍ଦ, ପରିତୃପ୍ତିରେ ଭରିଯାଏ.....

*****

ରାଜକନିକା, କେନ୍ଦ୍ରାପଡ଼ା
ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ

# ଲକିର ଇଂରାଜୀ ପ୍ରୀତି



ସୌଭାଗ୍ୟ ରଞ୍ଜନ ମହାପାତ୍ର

ନାଁ ଟି ତାହାର ଅଟେ ଲକ୍ଷ୍ମଣ
ବଢିବ ବୋଲି ତା ଠାରେ ସଦ୍ ଗୁଣ
ଗଲା ସେ ସ୍କୁଲ କନଭେଣ୍ଟ
ଆରମ୍ଭ କଲା ସେ ଇଂରାଜୀ ପାଠ ।

ଲକ୍ଷ୍ମଣ ନାଁ ତାର ଚୁଲିକୁ ଗଲା
ନିକ୍ ନାମ ତାର ଲକି ହୋଇଲା
ଘାରିଲା ତାକୁ ତ ଇଂରାଜୀ ପ୍ରୀତି
ଇଂରାଜୀ ଦିଦି ନାଁ ମଧୁମାଳତୀ ।

କାନ୍ଧରେ ତାଙ୍କର ଝୁଲେ ବସ୍ତାନୀ
ହାଇହିଲି ପିନ୍ଧା ଗଜ ଗାମିନୀ
ଦେଖିଲେ ତାହାଙ୍କୁ ଲାଗେ ସରମ

ଲକି କହେ ଇଏ ଆମ ମାଡାମ ।

ଶିଖେଇଛନ୍ତି ସେ ଖଟକୁ ବେଡ୍
ମା'କୁ ମଦର୍ ବାପାକୁ ଡେଡ୍
ଦାଦାକୁ ଅଙ୍କଲ ଗୁରୁଙ୍କୁ ସାର୍
ଭାଇକୁ ବ୍ରଦର ସାଙ୍ଗକୁ ୟାର୍ ।

ବୁଢୀ ଆଇ ତାର ଥାଏ ସେ ବସି
ମାଡ଼ାମକୁ ଦେଖି ଦେଲା ସେ ହସି
ହସନା ଆଇ ତୁ ମିସ୍ ରାଗିବେ
ମିସ୍ ରାଗିଲେ ସେ ପଳେଇଯିବେ ।

ମୋ କପି କରନ୍ତି କରପସନ
ମିସ କହିଲେ ସେଟା କରକସନ
(ମିସ୍)ଆପଣ ଏମିତି ରାଗିଲେ ଚଳିବ
ଟିକେ ଟଏଲେଟ ସିନା କରିବ ।

ଟଏଲେଟ ନୁହେଁ ଟଲରେଟ ହବଟି
ଆଇ କହେ ଲକି ଧନ୍ୟ ତୋ ପାଟି,
ଲକିର ଭୁଲକୁ ସୁଧାରେ କିଏ ?

ସୁଧାରିବା ଲୋକ ଆଇବ୍ରୋ ବୋଲେ ।

ଇଂରାଜୀ ସ୍କୁଲରେ ନାତି ପଢୁଛି
ବୁଝିପାରୁ ନାହିଁ ବୁଢୀ ଟା କିଛି
ଏ ବେଳେ ଗାଇ ଟେ ଆସିଲା ପଶି
ଫୁଲଗଛ ଟାକୁଦେଲା ସେ ଧ୍ୱଂସି ।

ଗାଇ ଦେଖି ଲକି କହଇ କାଉ
ଆଇ କହିଲା ତୁ ମଣିଷ ନୋହୁଁ
ପୋଡିଯାଉ ତୋର ଇଂରାଜୀ ଭାଉ
ତୁଛା ଗାଇ ଟାକୁ କହୁଛୁ କାଉ ।

ହସି ପଢୁଛ ଯେ ଏହି କବିତା
ପହଞ୍ଚ ସବୁଠି ଏହି ବାରତା
ହେ ମୋ ଇଙ୍ଗ୍ଲିସ୍ ପ୍ରେମିକା ପ୍ରେମିକ
ଶୁଦ୍ଧ ଭାବ ଟିକେ ଓଡିଆ ଶିଖ ।

ପଞ୍ଜାବୀରେ ଥାଉ ସଉକ ତୁମର
ଗୁଜୁରାତି ତୁମେ ଖାଉଥାଅ
ବଙ୍ଗଳା ଭିତରେ ରହଥିାଅ ପଛେ

ଇଙ୍ଗ୍ଲିସି ଷ୍ଟାଇଲି ମାରୁଥାଅ ।

ଓଡିଶା ବକ୍ଷେ ଜନମ ହୋଇଛ
ଓଡିଆ ଭାଷାକୁ ଭଲ ପାଉଥାଅ
ମୋ ଭାଷା ଓଡିଆ ମୋ ମାଟି ଓଡିଶା
ଏହି ମନ୍ତ୍ର ଧ୍ୱନି ଗାଉଥାଅ,
ଏହି ମନ୍ତ୍ର ଧ୍ୱନି ଗାଉଥାଅ ॥

*****

ବୈଦିକ ମହାବିଦ୍ୟାଳୟ,
ସମ୍ବଲପୁର

# ପରଂବ୍ରହ୍ମ ହେଉ ତୁମ୍ଭ ଜୟ



ସମ୍ବିତ ସତ୍ୟପ୍ରକାଶ ମିଶ୍ର

**ନ**ଦିଆ କୀର୍ତ୍ତନେ ଘଣ୍ଟ ଶଙ୍ଖ ନାଦେ
ବଡ଼ ଦାଣ୍ଡ (ହୁଏ) ଭକ୍ତମୟ,
ଚତୁର୍ଦ୍ଧା ମୁରତି ଗଜ ବେଶେ ଆଜି
ଦୂରଦର୍ଶନେ ଦର୍ଶନ ଦିଅ । (୧)
କରୋନାର ଦାଉ ନ ସରୁଣୁ ଏଠି
ଅମ୍ଫନ କରିଛି କ୍ଷୟ,
ପାକିସ୍ତାନ ଆଡୁ ପଙ୍ଗପାଳ ମାନେ
କଲେଣି କୋକୁଆ ଭୟ । (୨)
ଭକତର ଦୁଃଖ ତୁମେ ନେଇଯାଇ
ଜ୍ୱରରେ କମ୍ପିତ ହୁଅ,
ରତ୍ନବେଦୀ ଛାଡି ଅଣସର ଘରେ
ସଙ୍ଗ ରୋଧେ ତୁମେ ରୁହ । (୩)

ମହାବିପତିରୁ ଉଦ୍ଧର ପ୍ରଭୁ ହେ
ଦୁଃଖ ହେଉ ପରାଜୟ,
ଯୁଗେ ଯୁଗେ ନିତି ପୂଜା ପାଉଥାଅ
ପରଂବ୍ରହ୍ମ ହେଉ ତୁମ୍ଭ ଜୟ । (୪)

*****

ଗୁଡ଼ିଆନାଳୀ, ଢେଙ୍କାନାଳ

# ଆହ୍ଵାନ



ବେଣୁଧର ସୁରୁଜାଲ

**ଗା**ଅ ନାହିଁ କବି ଆଜ
ପ୍ରେମର ଏ ମିଳନ-ବିରହ ଗାନ,
ଦେଖ ସେଠି ବାଦଲର କିଆଁ
ଛଳଛଳ ଅଶ୍ରୁପୂର୍ଣ୍ଣ ହେଉଛି ନୟନ । (୧)

ଶତଦଳ ପଙ୍କେ ଯୁଗେଯୁଗେ ଯିଏ
ଜୀବନ ଯନ୍ତ୍ରଣା ସଦା ଭୋଗୁଛନ୍ତି,
ତୁମ ନୂଆ କ୍ରାନ୍ତିର ଛନ୍ଦରେ
ମୁକ୍ତିର ପଥ ସିଏ ଖୋଜୁଛନ୍ତି । (୨)

ସବୁରି ନୟନେ ବହୁଛି ଗଂଗା
ଛଳକୁଛି କିଆଁ ଆଜି ଯମୁନା,
ମେଣ୍ଟାଇ ପାରୁନି ଗଂଗା ଜଳ ଛିଟା

ଆମ ଦେଶ-ଜାତିର ସବୁ ତୃଷ୍ଣା । (୩)

ପେଟର କ୍ଷୁଧାକୁ ମେଣ୍ଟାଇବା ପାଇଁ
ବିକଳିତ କୋଟି କୋଟି ମଣିଷ,
ହୃଦୟରୁ ନିଜ ରକ୍ତ ଦେଇ ପୁଣି
ତୃପ୍ତ କରାନ୍ତି ନର-ରାକ୍ଷସ । (୪)

କ୍ଷୁବ୍ଧ ଆଜି ନିରୀହ ଜାତି
ରୁଗ୍ଣ ଯେଣୁ ମାନସିକତା,
ରୁଦ୍ଧ ଆଜି କଣ୍ଠସ୍ୱର
ସ୍ତବ୍ଧ ଦେଖି ଏ ଅରାଜକତା । (୫)

ଜାଗ୍ରତ ହୁଅ ଜାତିର ନେତା
ଶାଣିତ କର ନିଜ ଦକ୍ଷତା,
ନିର୍ଭୀକ ହୋଇ କର ସଂଗ୍ରାମ
ବଢାଅ ଜାତିର ସାହସିକତା । (୬)

ଆସ ଏ ଜାତିର ନିର୍ମାଣ ଯଜ୍ଞେ
ଢାଳିବା ସଭିଙ୍କ ଆଖିରୁ ପାଣି,
ସୁସଜ୍ଜିତ ହେବ ନବ ନିର୍ମାଣ

ଜଲାଇ ବିପ୍ଲବ ବହ୍ନି । (୭)

ତୁମରି କଲମ ଗାରର ବୀରତ୍ୱ
କର ଖଣ୍ଡା ଠାରୁ ବଳିୟାନ,
ଦୋହଲାଇ ଦିଅ ଶୋଷକଙ୍କ ଗଡ଼
ଅନୀତି ଦୁର୍ନୀତି ହେଉ ଦମନ । (୮)

ଆଗେଇ ଆସ ହେ ଦରଦୀବନ୍ଧୁ
ଆମ ନୂତନ ସମାଜ କର ସର୍ଜନା,
ଜଳାଞ୍ଜଳି ଦିଅ ସ୍ୱାର୍ଥ ଅହମିକା
ତବ କଣ୍ଠୁ ଝରୁ ମୁକ୍ତି-ମୂର୍ଚ୍ଛନା । (୯)

ଲେଖନୀ ମୁନେ ଭାଂଗିଦିଅ ଲୁଟେରାଙ୍କ
ସୁନାଚାନ୍ଦୀରେ ଗଢ଼ା ପାଚେରୀ କାନ୍ଥ,
ଧ୍ୱଂସ କରିଦିଅ ପୁଂଜୀବାଦୀଙ୍କ
ସବୁ ପୁଂଜିଭୂତ ଅମାରତ । (୧୦)

ସମାଜେ ସମତା ନିର୍ମାଣ ଯଜ୍ଞେ
ତୁମ ଅନ୍ତର୍ଜ୍ୟୋତିକୁ କର ଜାଗ୍ରତ,
ଘରେ ଘରେ ଖୁସି ଫେରାଇ ପାରିଲେ

ତେବେ ଜାତି ହେବ ବିଶ୍ୱେ ସମ୍ରାଟ । (୧୧)

ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ
ସ୍ୱେଚ୍ଛାଚାର, ଦୁର୍ନୀତି ହେଉ ଦମନ,
ଶାନ୍ତି, ମୈତ୍ରୀ, ପ୍ରୀତି ହୋଇ ସ୍ଥାପନ
ଜାଜ୍ୱଲ୍ୟମାନ ହେଉ ଜାତିର ନାମ । (୧୨)

*****

ସୋନପୁର, ସୁବର୍ଣ୍ଣପୁର

# ରାଜରାସ୍ତା



ସୌଭାଗ୍ୟବତୀ ଗିରି

**କା**ହିଁ କେବେଠୁ ମଣିଷ ବୋଲିଥିଲା ମୋ ଦେହରେ କଳଙ୍କର କାଳିମା
ମୁଁ କାଳେ ଚାହିଁ ବସିଥାଏ ପିଇବାକୁ ମଣିଷର ତାଜା ରକ୍ତ
ମୋ କୋଳରେ ଆଉଜି ପଡୁପଡୁ
ମୁଁ ତା'ର କୋମଳମତି ଦେହକୁ ଚଖାଏ ଯନ୍ତ୍ରଣାର ସ୍ୱାଦ
ବାଟ କଢାଇନିଏ ଶ୍ମଶାନ ଆଡକୁ
ପୋଛିଦିଏ କେତେ ନାରୀର ମଥାର ସିନ୍ଦୂର
ମୁଁ କାଳେ ମା'କୋଳରୁ ଜୋର୍ ଜବରଦସ୍ତ୍ ଛଡାଇନିଏ ତା ପୁଅକୁ
ଉଜାଡିଦିଏ ଅନେକ ଘର ସଂସାର
ସମସ୍ତଙ୍କ ସ୍ୱପ୍ନକୁ ଭାଙ୍ଗିରୁଜି କରିଦିଏ ଚୁର୍ ମାର୍
ହେଲେ ଆଜି କରୋନା ପୋଛିଦେଲା
ମୋ ଦେହରୁ ସେ କଳଙ୍କର ଦାଗ
ଦେହ ମୋର ପରିଷ୍କାର ପରିଚ୍ଛନ୍ନ

ମନରେ ମୋର ଶାନ୍ତିର ଛିଟା
ଆଜି ମୁଁ କେତେ ଶାନ୍ତ, ସୁନ୍ଦର
ମୋ କୋଳରେ ଆଶ୍ରିତ ଆଜି କେତେ ପଶୁପକ୍ଷୀ ଜୀବଜନ୍ତୁ
କାହିଁ କେତେ ବର୍ଷ ପରେ ମୋ କୋଳକୁ ଫେରିଛନ୍ତି ସମସ୍ତେ
ମୁଁ ବି ବନ୍ଧା ସ୍ନେହ ମମତାର ନିବିଡ ବନ୍ଧନରେ
ଠିକ୍ ମଣିଷମାନଙ୍କ ଭଳି ।

*****

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

# ବାପା



ପ୍ରଜ୍ଞା ପାରମିତା ଦାସ

ଘରେ ଥିଲେ ସିଏ ଜଣାତ ପଡ଼େନି,

ତାଙ୍କ ବିନା ଘର ଭଲବି ଲାଗେନି ।

ଖୁଣ୍ଟ ପରି ସିଏ ଠିଆ ହୁଏ ସତ,

ତା ବିନା ଛାତର ନଥାଏ ତାକତ ।

ଝୁଂଟିଲେ ସିନା ସେ ପାଟିରେ ନ ଆସେ,

ବଡ ବିପଦର ତାକତ ସେ ।

କୋଳରେ ବସାଇ ଖୁଆଏନା ସେ,

ବଜାରରେ ନାମ ତାହାର ଆସେ ।

କାନ୍ଦେ ନାହିଁ ସେ କାହା ଆଗରେ

ତାର ହୃଦୟ ବି କମ୍ପରେ ଥରେ ।

ନିଜ ମନ ନିଜ ମନରେ ମାରେ

ସଭିଙ୍କ ମନକୁ ହସରେ ଭରେ ।

ତମ ବିନା ଘର ଘର ନୁହଁଇ

ତମେ ଥିଲେ ଏହା ସ୍ୱର୍ଗ ଦିଶଇ ।

ତୁମେ ପାଖେ ଥିଲେ ଦୁନିଆଁ ଛୋଟ

ଦୁନିଆଁ ଆମର ତୁମଠୁ ଆରମ୍ଭ ତୁମଠି ଶେଷ ।

ନିରବର ମୂର୍ତ୍ତି, ବିପଦର ଶକ୍ତି

ଆଉ କେହି ନୁହେଁ, ଆମ ବାପା ସେ ଅଟନ୍ତି ।

ବିଶ୍ୱ ପିତା ଦିବସର ହାର୍ଦ୍ଦିକ ଶୁଭ କାମନା ।

*****

ସୁନ୍ଦରଗଡ

# ଆମର୍ ଦେଶର୍ କଥା



ପପୁ ପଧାନ

ଆମର୍ ଦେଶର୍ ଆଇନ୍ କାନୁନ୍
ବୁନ୍ଧୁ ଟିପିକେ ଫସକା
କିଏ ମରୁଛେ ଭୁକେଁ ଶୁସେଁ ତ
କିଏ ଖାଇ ଖାଇ ଭୁସକା ।

କାହାର୍ ଭାଗେଁ ଖିରି-ପୁରୀ ତ
କାହାର୍ ଭାଗେଁ ସୁଖା ମୁରି
ଚାଷୀର୍ ମୁଡେଁ ଚଡ଼କ୍ ପଡ୍ରୁଛେ
ଧାନ୍ ରେଟ୍ ଦେଖିକରି ।

ଭୋଟ୍ ବେଲେଁ ଖାଲି ନେତା ଆସିକରି
ଗାଁ ଥି ମାରୁଛେ ଭାଷଣ୍
ଭୋଟ୍ ସରିଗଲେଁ ଏରିଆ ନାଇଁ ମାଡ଼େ

କାହୁଁ ପାଏବୁ ତାର୍ ଦର୍ଶନ୍ ?

ବିନ୍ ମହତିଆ ଇଜ୍ଜତ୍ ଲୁଟୁଛେ
ଦେଶ୍ ଲୁଟୁଛେ ନେତା
ଚୋର୍ ଲୁକିଛେ ପୁଲିସ୍ ଘରେଁ
କାଣା କେ ପାଏବୁ ପତା ?

*****

ସମ୍ବଲପୁର

# କିଏ ବନ୍ଧୁ କିଏ ଶତ୍ରୁ



ଅନାମ ଚରଣ ସାହୁ

**କି**ଏ ଏଠି ବନ୍ଧୁ, କିଏ ପୁଣି ଶତ୍ରୁ
ବିପଦେ ପଡଇ ଜଣା
ସେଥିପାଇଁ ପରା ବିପଦ ସମୟ
କରିବ ଭଲରେ ଗଣା ।
ମନକଥା ଏବେ ନୁହଁଇ ଅଛପା
ଆପେଆପେ ଯାଏ ଖୋଲି
ଧୈର୍ଯ୍ୟ ଧରିଥିଲେ ଆପେ ଜାଣିଯିବ
କିଏ ସେ ନିଜର ବୋଲି ।
ଦୁଃଖ ପରେ ସୁଖ ସୁଖ ପରେ ଦୁଃଖ
ଯେହ୍ନେ ରାତି ପରେ ଦିନ
ଭାଙ୍ଗି ନପଡିବା ଅଦିନରେ କେବେ
ରଖିଥିବ ସଦା ଧ୍ୟାନ ।

ଯାହା ଘଟିଅଛି ଯାହା ଘଟୁଅଛି
ଆଗକୁ ଘଟିବ ଯାହା
ବିହି ଲେଖିଅଛି ଅନେକ ଆଗରୁ
ମନେ ରଖିଥିବ ତାହା ।

*****

ବିଭୁତିପୁର, କାକଟପୁର,
ପୁରୀ

# ବସ୍ତ୍ରର ସୌଭାଗ୍ୟ



ବିଶ୍ୱ ରଞ୍ଜନ ତ୍ରିପାଠୀ

ମଣିଷ ଜନମ ଦେଲୁ ମତେ ସତ,

ହେଲେ ବସ୍ତ୍ରର ସୌଭାଗ୍ୟ ମୋର ନାହିଁ ।

ସେ ବସ୍ତ୍ରର ସୌଭାଗ୍ୟ ମୋର ନାହିଁ ।

କଳା ରଙ୍ଗ ଯଦି କରିଥାନ୍ତୁ ମୋତେ,

ଲାଗିଥାନ୍ତି ତୋର ମୁଖେ କଳା ରଙ୍ଗ ହୋଇ,

ସେ ରଙ୍ଗର ସୌଭାଗ୍ୟ ମୋର ନାହିଁ ॥

କନା ଖଣ୍ଡେ ଯଦି କରିଥାନ୍ତୁ ମତେ,

ଉଡୁଥାନ୍ତି ତୋ ଦେଉଳେ, ପତିତପାବନ ବାନା ହୋଇ,

ସେ କନା ଖଣ୍ଡକର ସୌଭାଗ୍ୟ ମୋର ନାହିଁ ॥

ଶସ୍ୟ କରି ଯଦି ଜନ୍ମ ଦେଇଥାନ୍ତୁ,

ଲାଗିଥାନ୍ତି ତୋ ପଦତଳେ, ମହାପ୍ରସାଦ ହୋଇ,

ସେ ଶସ୍ୟର ସୌଭାଗ୍ୟ ମୋର ନାହିଁ ॥

ଫୁଲଟିଏ ହେଲେ କରିଥାନ୍ତୁ ମୋତେ,
ପଡ଼ିଥାନ୍ତି ତୋ ଗଳାରେ ମୁଁ ଯେ ମାଳା ହୋଇ,
ସେ ଫୁଲର ସୌଭାଗ୍ୟ ମୋର ନାହିଁ ॥

ପଥର ଖଣ୍ଡେ ତୁ କରିଥାନ୍ତୁ ଯଦି,
ସେବା କରିଥାନ୍ତି ତୋର, ସବୁ ଖରା ବର୍ଷାକୁ ସହି,
ସେହି ପଥରର ଭାଗ୍ୟ ମୋର ନାହିଁ ॥

ଚନ୍ଦନ କସ୍ତୁରୀ କରିଥାନ୍ତୁ ଯଦି,
ସାଜିଥାନ୍ତି ଦେହେ, ତୋର ମହକ ହୋଇ
ସେ ଚନ୍ଦନ କସ୍ତୁରୀ ଭାଗ୍ୟ ମୋର ନାହିଁ ॥

ଏ ଜନ୍ମ ପରେ ଯଦି ଦଉ ମଣିଷ ଜନ୍ମ,
ଇଛା ମୋର ଜନ୍ମିବାକୁ ତୋ ସେବକ ହୋଇ,
ଦେଉଳେ ତୋ ପଣ୍ଡା ପୁଅ ହୋଇ ॥

ସେ ବସ୍ତୁର ସୌଭାଗ୍ୟ ମୋର ନାହିଁ,
ସେ ବସ୍ତୁର ସୌଭାଗ୍ୟ ମୋର ନାହିଁ ॥

*****

ଖୋର୍ଦ୍ଧା

# ମୁଠାଏ ପାଉଁଶ



ଅଜିତ କୁମାର ମେହେର

ସମାଜରେ ନ୍ୟାୟ ସମାନତା କଥା କହିଲି
ସମ୍ବିଧାନ ପଢ଼ିଲି ବୋଲି
ଆମ୍ବେଦକରବାଦୀର ଆଖ୍ୟା ଦେଲ
ଜୟ ଭୀମ ବାଲା କହି ଇଙ୍ଗିତ କଲ ।
ଲଢ଼େଇ କଲି ପେଟ ପାଇଁ
ଭୋକ ପାଇଁ
ମହୁଲ ଫୁଲ ଆଉ ସଲପ ପାଇଁ
ଧଙ୍ଗଡା ଧାଙ୍ଗଡି, ମୋ ଢେମସା ନାଚ ପାଇଁ
ମୋ ପରିଚୟ
ଆଉ ଦେ ଦେବତା ପାଇଁ
ଜିଦ୍ ଧରିଲି
ମୋ ଜଳ ଜମି ଜଂଗଲ ବୋଲି

ତେବେ କହିଲ ମୋତେ କମ୍ୟୁନିଷ୍ଟ
ସଜେଇଦେଲ ମତେ
ମାଓବାଦୀ ।
ଦଳିତ ଘରେ ଖାଇଲି, ଶୋଇଲି
ଭାଇ ଭଗାରି
ବିହା ବର୍ପଣରେ ଛିଡ଼ା ହେଲି
ଜାତି ବ୍ୟବସ୍ଥାକୁ ଭୂଲ୍ ପ୍ରମାଣିତ କଲି ବୋଲି
ଦଳିତ ବୋଲି ଛି ଛି ଥୁ ଥୁ କଲ
ଅଛୁଆଁ କଲ
ବିତାଡ଼ିତ କଲ
ତୁମ ସଭ୍ୟ ସମାଜରୁ ।
ଉଚ୍ଚ ଜାତିର ଝିଅକୁ ପ୍ରେମ କରିବା ସାହାସ କଲି
କହିଲ ମୋତେ ଜିହାଦୀ
ଅନର୍ କିଲିଂପାଇଁ ପଛଘୁଂଚା ଦେଲନି
ମୋ ରକ୍ତର ହୋଲିରେ
ନିଜ ଜାତିକୁ ମହାନ୍ କଲ ।
ଏଇ ଇଦରେ
ମୁସଲମାନ ଭାଇକୁ ଆଲିଂଗନ କଲି

ହଠାତ୍ ପବନରେ ଭାସିଆସିଲା

ଦେଶଦ୍ରୋହୀ ପାକିସ୍ତାନ

ମୁଲ୍ଲା ପରିକା କେତେ ଯେ ଶବ୍ଦ

କାଲି ଚର୍ଚ୍ଚ ଆଡ଼େ ବୁଲିଯାଇଥିଲି

ଟିକେ ଶାନ୍ତିରେ ସମୟ କାଟିବାକୁ

ଫେରିଲା ବେଳକୁ ଲଗେଇ ସାରିଥିଲ

ମଥାରେ ମୋ କ୍ରସ ଚିହ୍ନ

ଖୁନ୍ଦି ଖୁନ୍ଦି ପଚାରିଲ

କେତେ ମିଳୁଛି ଧର୍ମ ପରିବର୍ତ୍ତନ କଲେ ?

କେମିତି କହିବି

ତୁମେ ଯେ ଜାତି ଧର୍ମରେ ଅନ୍ଧ

ଅମଣିଷ

ମୁଁ ବି ମଣିଷ ଆଉ ସେମାନେ ବି ମଣିଷ

ଦଳିତ, ମୁସଲମାନ, ଖ୍ରୀଷ୍ଟ

ସମସ୍ତଙ୍କୁ ଜାଳିଦେଲେ ମିଳିବ

କେବଳ ମୁଠାଏ ପାଉଁଶ ।

ଏଠି ପ୍ରେମ ଅଛି

ବନ୍ଧୁତା ଅଛି

ଅଛି କେତେ ଯେ ଭଲ ପାଇବା
ରାଗ, ରୁଷା, ଆଳି, ଅର୍ଦ୍ଦଳି, ଜଂଜାଳ
ଅଛି ଦୟା କ୍ଷମା କରୁଣା
ଆଉ ଅଛନ୍ତି
ସୁନ୍ଦର ମଣିଷ..!

*****

ବୌଦ

# ମୁଁ ଶିକ୍ଷକ



ଅଶ୍ୱୀନି କୁମାର ବାଗ

**ତୋ** ଜୀବନ କୁଡ଼ିଆରେ
ଜଳୁଥିବି ମୁଁ ଡିବିରି ଟିଏ ହୋଇ
ହଁ ମୁଁ ମିଞ୍ଜିମିଞ୍ଜି ଦୀପଶିଖା ଟିଏ,
ନିଜେ ଜାଳି ହେବି ତୋ
ପଥ ପ୍ରଦର୍ଶକ
ଅଜ୍ଞାନ-ତମସାକୁ କରି ଦୂରୀଭୂତ
ଜାଳି ଦେବି ଜ୍ଞାନର ଆଲୋକ
ହଁ ମୁଁ ଜଣେ ଶିକ୍ଷକ ॥
ତୁ ମାଟି ପିଣ୍ଡୁଳା ହେଲେ
ମୁଁ ତ କୁମ୍ଭାର
ତୁ ଶୁଷ୍କ କାଠ ଗଣ୍ଡି ହେଲେ
ମୁଁ ତୋ କାରିଗର

ଶାନ୍ତି ସତ୍ୟତା ଅହିଂସା ଭାତୃତାର
ଲେପ ଦେଉ ଗଢିବି ମୁଁ ତତେ
ମୁଁ ତୋ ପରଶ ମଣି !
ମୋ ସ୍ପର୍ଶରେ ହେବୁତୁ କନକ
ହଁ ମୁଁ ଜଣେ ଶିକ୍ଷକ ll
ମୋ କର୍ମଭୂମିର ଦୋରସା ମାଟିରେ
ତୁ ସଦ୍ୟ ପ୍ରସ୍ଫୁଟିତ ଫୁଲ
ନିଜ ହାତେ ଗଢିବି ମୁଁ ତତେ
ନିତି ଢାଳୁଥିବି ସ୍ନେହ ଶରଧାର ଜଳ
ମହାନତା ଗୁଣରେ ତୁ ହେବୁ ବଳିୟାନ
ମୁଁ ତୋ ପ୍ରେରଣା
ରଖିବୁ ତୁ ଦିନେ ଏ ମାଟିର ଟେକ
ହଁ ମୁଁ ଜଣେ ଶିକ୍ଷକ ll

*****

ସହକରୀ ଶିକ୍ଷକ
ଝରିଗାଁ, ନବରଙ୍ଗପୁର

# ମୋ ନେତ୍ରେ : "ଗ୍ରୀଷ୍ମ"



ପ୍ରଭାତ ମିଶ୍ର

ଋତୁରାଜ ଅନ୍ତେ ହୁଏ ଆଗମନ
ନିରାଟ ଗ୍ରୀଷମ ଋତୁ,
ତା ଆଗମନେ ତତଲା କଢ଼େଇ
ପାଲଟେ ଧରଣୀ ବୁକୁ ।
ପ୍ରଚଣ୍ଡ ରୌଦ୍ରର ପରକାଶ
ଶୋଷିନିଏ କୂଅ, ନଈ, ଘାଟ,
ବଣ ଜଙ୍ଗଲର ଚଉପାସ
ଚାରିଆଡେ ଶୁଷ୍କ ବୁଦଘାସ ।
ଗାଁ ଗହଳର ଆମ୍ବ ତୋଟା
ଚତୁଃପାର୍ଶ୍ୱେ ଦିଶେ ଫଳାରାଜା,
ପାଚିଲା ଆମ୍ବକୁ ପଣସ ତାଳ
କାକୁଡି,ସପୁରୀ ସଭିଙ୍କ ମେଳ ।

ଘରେ ଘରେ ହେନା, ମଲ୍ଲୀ ଫୁଲ
ନିତ୍ୟ ପୂଜା ସ୍ଥଳେ ତାଙ୍କ ମେଳ,
ସର୍ବ ଶୋଭାର ଏ ମିଳନ ସ୍ଥଳ
ଦିବ୍ୟ ମନୋଲୋଭା ରୂପ ତାହର ।
ହେଲେ ସଂଧ୍ୟା ଆସି ଉପନୀତ
ଚତୁଃପାର୍ଶ୍ୱ କରେ ପୁଲକିତ,
ଦିନ ଦ୍ୱିପହରେ ରୌଦ୍ର ତାଣ୍ଡବ
ଖାଁ..ଖାଁ ଦିଶେ ଗାଁ ଦାଣ୍ଡ ।
ସଂଧ୍ୟା ଅନ୍ତେ ଶୁଭେ ନିଶା ଗରଜନ
ବିରତି ନିଅନ୍ତି ସକଳ ଜନ,
ସେଇ ଅନ୍ଧକାର ଶୀତଳ ପବନ
ଧରଣୀ କଷ୍ଟକୁ କରେ ନିଧନ ।

*****

ସମ୍ବଲପୁର

# ରଜସ୍ୱଳା ମାଟି



ହୃଦୟାନନ୍ଦ ପଧାନ

ରଙ୍ଗୀନ ହୋଇନି ପୃଥିବୀଟା ଆଜି ହୋଇଛି ରଜସ୍ୱଳା

ମାଟି ଆଜି ଅପବିତ୍ର ନିୟତିର ନିୟମରେ ବନ୍ଧା

ଭାରି କଷ୍ଟ ଲାଗେ ମା ତୋର ଏ ଦାରୁଣ ରୂପ ଦେଖି

ଲଙ୍ଘିବୁନି କେବେ ତୁ ଲକ୍ଷ୍ମଣ ରେଖା ଜାଣିଛି ।

ଆସିଯାଉ ଝଡର ତାଣ୍ଡବ

ଭାସିଯାଉ ସଂସାର ମହାର୍ନ୍ନବ

ଜଳିପୋଡି ପାଉଁଶ ହୋଇଯାଉ ଗ୍ରୀଷ୍ମର ତାତିରେ

ଭସ୍ମ ହୋଇଯାଉ ଦୁର୍ବାଶାଙ୍କ ଅଭିଶାପରେ

ତଥାପି ଏ ମାଟି ଅଟଳ, ନିଶ୍ଚଳ ମହାମେରୁ

ଅଂଗୀକାର ବଦ୍ଧ ସବୁଦିନ ପାଇଁ

ବସୁମତୀ ସ୍ନାନ ଯାଏ ।

ସତରେ ମାଟି ତୁ ମୋ ଜନନୀ

ତୁ ମୋ ଜନ୍ମ ଭୂଇଁ
ବାଲ୍ୟ କାଳେ ଖାଇଛି ମୁଁ ତୋତେ
ମୋ ପାଟିରେ ସୁଧା ଅମୃତ ଭାବି
ଖେଳିଛି ତୋ କୋଳେ, ବୁଲିଛି ତୋ ବୁକୁରେ
ମୋ କଅଁଳ କୁନି କୁନି ପାଦରେ ପାଉଁଜି ପିନ୍ଧି
ଝୁଣ୍ଟିଛି, ପଡିଛି କେତେଥର ଜଣାନାହିଁ ତୋରି କୋଳରେ ।
ତଥାପି ତୁ କେବେ ଅଭିମାନ କରିନୁ
କି କେବେ ତାସ୍ଛଲ୍ୟ କରିନୁ
ଆପଣେଇ ନେଇଛୁ ତୁ ସ୍ନେହ ଭରା ହୃଦୟରେ ।
ସତରେ ତୋ ହୃଦୟଟା ଏତେ କୋମଳ
ଏତେ ଯେ ନରମ
ଯେତେ କଷ୍ଟରେ ଥିଲେବି
କେବେ ମନ ଦୁଃଖ ନାଇଁ
ସତରେ ତୁ ସର୍ବସଂହା
ଆଜି ରଜସ୍ୱଳା ହୋଇ କି ବି
ହେ ବସୁଧା ! ତୁ ଅଟୁ ଏ ସଂସାରର ସୃଷ୍ଟି କାରିଣୀ
ଯେତେ ବର୍ଣ୍ଣିଲେ ବି ତୋ କାହାଣୀ
କେବେ ସରିନି, କି କେବେ ସରିବନି ।

ସୁବର୍ଣ୍ଣପୁର

*****

# ଦିବ୍ୟ ଜନନୀ



ସରିତା ନନ୍ଦ

ଦିବ୍ୟ ଜନନୀ ମା ବୀର ପ୍ରସବିନୀ
ଧରିଛୁ ମା  ମୋତେ କୋଳେ,
ତୋର ନାମ ଜପି କଟିଯାଉ ଦିନ
ଏହି ଭବ ଧରା ଉପରେ  ॥
ଦିବ୍ୟ ଜନନୀ ମା.....

ମମତାମୟୀ ତୁ ମା ଅଟୁ ମୋର
ତୋତେ ଦେଖିଦେଲେ ଭରିଯାଏ ନେତ୍ର,
ଦୟାମୟୀ ତୁ ଲୋ ଦୟାର ସାଗର
କ୍ଷଣ ମାତ୍ରେ ତୁହି ଭରି ଦେଉ ପାତ୍ର  ॥
ଦିବ୍ୟ ଜନନୀ ମା.....

ଯେବେ ମୁଁ ଦେଖିଲି ପ୍ରଥମେ ତୋତେ ମା
ବର୍ଣ୍ଣି ପାରିବିନି ସେ ରୂପ କାନ୍ତି,
ମୁହଁରେ ତୋହର ସ୍ମିତ ହାସ୍ୟ ରେଖା
ଭରିଦେଲା ମୋର ମନରେ ତୃପ୍ତି ॥
ଦିବ୍ୟ ଜନନୀ ମା......

ହସ ହସ ମୁଖ ଦେଖି ଦେଲେ ଥରେ
ମନୁ ଦୂର ହୁଏ ଅଭିମାନ,
ଇଛା ହୁଏ ତୋତେ କୁଣ୍ଢାଇ ଧରନ୍ତି
କରନ୍ତି କି ଟିକେ ଆଲିଙ୍ଗନ ॥
ଦିବ୍ୟ ଜନନୀ ମା.....

ମୁଁ ଛାର ଅଧମ ଜାଣେ ନାହିଁ ମା
କେମିତି ପୂଜିବି ତୋତେ,
ତୋର ଦୟା ବଳେ ମଣିଷ ଜନମ
ଲଭିଛି ଏହି ଜଗତେ ॥
ଦିବ୍ୟ ଜନନୀ ମା....

ତୋର ଦିବ୍ୟ ରୂପ ମନୋହର ବେଶ
ପାରୁନି ମା' ମୁଁ ଯେ ଭୁଲି,

ସନ୍ତାନ ପାଇଁ କି ତୋ ମନ ବିକଳ

ସଦା ହେଉଥାଏ ଭାଳି ॥

ଦିବ୍ୟ ଜନନୀ ମା......

ଅହୋ ଭାଗ୍ୟ ମୋର ଏହି ଜୀବନରେ

ପାଇଛି ମା' ମୁଁ ତୋତେ,

ଜାଣିନି କେମିତି କେଉଁ ପରକାରେ

ପୂଜା ଅର୍ଘ୍ୟ ଦେବି ସତେ ॥

ଦିବ୍ୟ ଜନନୀ ମା.....

ମୁଁ ଛାର ମଣିଷ ନାହିଁ ଶକ୍ତି ମୋର

ତୋର ଗୁଣ ଗାନ କରିବାକୁ,

ତୋର ଯଶ ଖ୍ୟାତି ସୁନାମର କୀର୍ତ୍ତି

ରହିଛି ଯୁଗ ଯୁଗକୁ ॥

ଦିବ୍ୟ ଜନନୀ ମା.....

ତୋର ଦୟାବଳେ ସବୁତ ଦେଇଛୁ

କି ମାଗିବି ମା ତୋତେ,

ଦୟା ରଖିଥା ମା ଏ ଅଧମ ଉପରେ

ନ ଭୁଲେ କେବେ ମୁଁ ତୋତେ ॥

ଦିବ୍ୟ ଜନନୀ ମା ....

ଦୟାମୟୀ ତୁହି ଦୟାର ସାଗର
ଛାଇ ପରି ରହ ପାଖରେ ମୋହର
ବିପଦ ଦେ ତୁ ଟାଳି
ଅନୁଗ୍ରହ କର ଏ ଛାର ସଂତାନେ
ଏତିକି ମୋହର ଅଳି ||
ଦିବ୍ୟ ଜନନୀ ମା....

*****

କୁଞ୍ଜକାନ୍ତ, ଢେଙ୍କାନାଳ

# ଗଦ୍ୟ ବିଭାଗ

ପୁରାଣ ଯୁଗରେ ରାଜାମାନେ ତଥା ଧନାଢ୍ୟ ସାଧବମାନେ କନ୍ୟା-ସଂପ୍ରଦାନ ସମୟରେ ବହୁତ ଧନରତ୍ନ, ଯାନବାହନ ଯୌତୁକ ରୂପେ ଜ୍ୱାଇଁଙ୍କୁ ଦେଉଥିଲେ । ନିଜର ଶକ୍ତି ଅନୁସାରେ ଯୌତୁକ ଦେଉଥିଲେ ସାଧାରଣ ଲୋକେ । ମାତ୍ର ତାହା ଏକ ଶୃଙ୍ଖଳିତ ଭାବରେ ସ୍ନେହୋପହାର ରୂପେ ଦିଆଯାଉଥିଲା । ସେଥିରେ ନାରୀମାନଙ୍କର ମର୍ଯ୍ୟାଦା  ସମାଜରେ ଅକ୍ଷୁର୍ଣ୍ଣ ରହୁଥିଲା । ନାରୀକୁ ରତ୍ନ ବୋଲି ଆଖ୍ୟା ଦିଆଯାଉଥିଲା । ମାତ୍ର ଆଜିର ସମାଜରେ ଯୌତୁକ ଏକ ଉପହାର  ନହୋଇ ବଳାତ୍କାରରେ ପରିଣତ ହୋଇଛି । ଏହା ଦ୍ୱାରା ନାରୀର ମୂଲ୍ୟବୋଧ ହ୍ରାସ ହେବା ସଙ୍ଗେ ସଙ୍ଗେ ମର୍ଯ୍ୟାଦା ନଷ୍ଟ ହେଉଛି । ସୁତରାଂ ନାରୀ ନିର୍ଯ୍ୟାତିତା- ନିଷ୍ପେସିତା-ଅସହାୟିତା ହୋଇ ଅକାଳରେ ମୃତ୍ୟୁ ବରଣ କରୁଅଛି ।

**- ଲଳିତକବି ଧ୍ରୁବ ଚରଣ ସ୍ୱାଇଁ**

# ଅଚ୍ଛିଣ୍ଣା ସମ୍ପର୍କର ସୂତ୍ର



ତପସ୍ୱିନୀ ଦାଶ ଷଡଙ୍ଗୀ

ମନରେ ଅନେକ ଡର ଆଉ ଆଶଙ୍କା ନେଇ ନୂଆ ପରିବାରରେ ପାଦ ଥାପିବାକୁ ଯାଉଛି ଶ୍ରାବଣୀ । ଜେଜେ ମା' ତା'ର କହିଛି ହେଇଟି ଧନ ବାହାଘରକୁ ପିଲା ଖେଳ ଭାବିବୁନି । ସଭିଙ୍କ ମନ ନେଇ ଚଳିବୁ । ଏମିତି ଅନେକ କଥା ତା ମନରେ ଉଙ୍କି ମାରୁଛି । ଏମିତି ଭାବୁ ଭାବୁ ଶାଶୁଘର ଆସିଗଲା । ଆଉ ଓଡିଆ ଘରର ରୀତି ନୀତି ଅନୁସାରେ ପାଛୋଟି ନେଲେ ଶାଶୁ ବସୁଧା । ପିଲାଟି ବେଳୁ ହତଭାଗିନୀ ଶ୍ରାବଣୀ ମା' କ'ଣ ଜାଣିନି । ଏପଟେ ଜେଜେ ମା' ସବୁ ବେଳେ ଆକଟି କହିଛି ତୁ ରୋଷେଇବାସ ଶିଖ୍ ନହେଲେ ଶାଶୁ ଠାରୁ ଗଞ୍ଜଣା ଖାଇବୁ । ଯେତେବେଳେ ବସୁଧା ତା' ହାତ ଧରି ଭିତରକୁ ନେଲେ ଶ୍ରାବଣୀ ଦେହରୁ ଗମ ଝାଳ ବୋହି ଗଲାଣି । ତଥାପି ନିଜକୁ ଆୟତରେ ରଖି ଭିତରକୁ ଗଲା ସେ । ସାହି ପଡୋଶୀ ଆଉ ବନ୍ଧୁ ବାନ୍ଧବ ସ୍ତ୍ରୀ ସମସ୍ତେ ଆସି ନୂଆ ବୋହୂକୁ ଦେଖିଗଲେ । ପଡିଶା ଘରର ସର

ନାନୀ ବୋହୂ ଦେଖି ଆସିଲେ । ତାଙ୍କ ନାଁ ପ୍ରକୃତରେ ସରିତା କିନ୍ତୁ ସେ ସାହି ଯାକ ଲୋକଙ୍କର ସର ନାନୀ । ସେ ଆସି ଅଣ୍ଡାଳି ଗଲେ ଶ୍ରାବଣୀର ସୁନା ଅଳଙ୍କାରକୁ । ଆଉ ଆଣିଥିବା ଯୌତୁକକୁ । ହଇହୋ ବସୁଧା ଭାଉଜ ଏ ବୋହୂ କ'ଣ ସେମିତି କିଛି ଭାର ଥୋର ଆଣିନି କିହୋ । କ'ଣ ଘର ପୂରିଲା ପରି ଦିଶୁନି ? ସର ନାନୀ କହିଲେ..। ଏ ସବୁ ଶୁଣି ଶ୍ରାବଣୀର ମୁହଁ ଶୁଖିଗଲା । ଶ୍ରାବଣୀର ଶୁଖିଲା ମୁହଁ ବସୁଧାଙ୍କୁ ହଜମ ହେଲାନି । ନାଲି ଟହ ଟହ ଆଖିରେ ଗରମ ହୋଇ କହି ପକାଇଲେ । ମୁଁ କଣ ମୋ ପୁଅକୁ ବିକ୍ରୀ କରିଦେଲି କି ? ନା ମୋ ପୁଅର, କି ଆମର ଯୋଗ୍ୟତା ନାହିଁ ଆମ ବୋହୂର ଖର୍ଚ୍ଚ ସମ୍ଭାଳିବାକୁ, କି ଦରକାରୀ ଆସବାପତ୍ର କିଣିବାକୁ । ସେ ଭିକାରୀ ପ୍ରବୃତ୍ତି ଭଗବାନ ମୋତେ କି, ମୋ ପରିବାର ଲୋକଙ୍କୁ ଦେଇ ନାହାନ୍ତି । ତୁମେ ଏଠୁଣ୍ଡି ବାହାର ଲୋକ ଏଠୁଣ୍ଡି ବାହାରେ ରୁହ । ଲଜ୍ଜିତା ହୋଇ ସର ନାନୀ ସେଠାରୁ ପଳେଇଲେ । ଶ୍ରାବଣୀ ଟିକେ ଆଶ୍ୱସ୍ତି ଅନୁଭବ କଲା । ସତରେ କେଡେ ବଡ଼ ହୃଦୟ ମୋ ଶାଶୁଙ୍କର । ଆଉ ଭିତର ଘରକୁ ଚାଲିଗଲା । ବସୁଧାଙ୍କର ଏ ଦୃଢ଼ ଜବାବ ଶୁଣି ମୁରୁକି ହସୁଥିଲେ ସନାତନ ବାବୁ ମାନେ ଶ୍ରାବଣୀର ଶ୍ୱଶୁର । ଆଉ ପାଖକୁ ଆସି କହିଲେ । ବୁଝିଲ ବସୁଧା ଯଦି ସତରେ ପ୍ରତି ପରିବାରରେ ଏମିତି ହୁଅନ୍ତା ମାନେ ଗୋଟେ ନୂଆ ବାହୂକୁ ନୂଆ ପରିବେଶରେ ଚଳିବାକୁ ଖୋରାକ ଯୋଗେଇ ଦିଆ

ହୁଅନ୍ତା । ଆଉ ତା' ଦୋଷ ଦୁର୍ବଳତାକୁ ଅନ୍ୟ ଆଗରେ ନ'ବାହୁନି ତା'କୁ ସଜାଡିବାର ମଉକା ତା'କୁ ଦିଆ ହୁଅନ୍ତା । ତାହାଲେ ପାରିବାରିକ ହିଂସା କି ଅଶାନ୍ତି ହୁଅନ୍ତାନି । ବସୁଧା କହିଲେ ବାସ୍ତବ କଥାଟିଏ କହିଲ ତୁମେ । ଏ ଦୁନିଆଁରେ କିଛି ଶାଶୁଙ୍କ ସକାଶେ ଆଜି ଶାଶୁଘର ନାଁ ଶୁଣିଲେ ଝିଅ ମାନଙ୍କର ଥରା ବାହାରି ଯାଉଛି । ଦିନ ପରେ ଦିନ ଗଡିଲା । ଶ୍ରାବଣୀ କେବେ ଅନୁଭବ କରିନି ଯେ ସେ ଶାଶୁ ଘରେ ଅଛି ବୋଲି । ସେ ବସୁଧା ଦେବୀଙ୍କୁ କେବେ ବି ପରୋକ୍ଷରେ ଶାଶୁ ବୋଲି ସମ୍ବୋଧନ କରିନି । ବୋଉ ବୋଲି କହେ । ଶ୍ରାବଣୀର ସ୍ୱାମୀ କିଶୋର୍ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ମାଲକାନଗିରିରେ । ବାହାଘରର ଏକ ମାସ ପରେ କିଶୋର୍ ନିଜ କାମରେ ଯୋଗ ଦେବା ପାଇଁ ଗଲେ । ଆଉ ପ୍ରତିଶ୍ରୁତି ଦେଇଗଲେ ବହୁତ ଜଲଦି ମାନେ ଦୁଇ କି ତିନି ମାସ ଭିତରେ ସରକାରୀ କ୍ୱାଟର୍ ମିଳିଗଲେ ଆସିବେ ଆଉ ଶ୍ରାବଣୀକୁ ସାଙ୍ଗରେ ନେଇ ଯିବେ । ଶ୍ରାବଣୀ ଶାଶୁ ଶ୍ୱଶୁରଙ୍କ ପାଖେ ରହିଲା । କେବେ ବି ସେ ଅନୁଭବ କରିନି ଶାଶୁ ଘରେ ଅଛି ବୋଲି । ଝିଅ ପରି ନୁହେଁ, ଝିଅ କରି ରଖିଥିଲେ ତା'କୁ । ମନେ ମନେ ଭାବୁଥିଲା । ଭଗବାନ ସମସ୍ତଙ୍କୁ ଏମିତି ଶାଶୁଘର ଦିଅନ୍ତୁ ।

ହଠାତ୍ ଦୁଇ ମାସ ପରେ ଫୋନ୍ ଆସିଲା କିଶୋର୍ ଏ ଦୁନିଆଁରେ ନାହାଁନ୍ତି । ଅଜଣା ଆତତାୟୀ ଗୁଳିରେ ସେ ସହିଦ୍ ହୋଇ ଯାଇଛନ୍ତି ।

ସ୍ୱପ୍ନ ଦେଖିବା ଆଗରୁ ସ୍ୱପ୍ନ ସବୁ ପାଣି ଫୋଟକା ପରି ମଉଳି ଗଲା । ନିଜକୁ ସମ୍ଭାଳିବାକୁ ଚେଷ୍ଟା କଲା ସେ । କାରଣ ସେ ବୁଝୁଥିଲା କିଶୋରଙ୍କ ସହ ମାତ୍ର କିଛି ମାସର ସମ୍ପର୍କ ତା'ର କିନ୍ତୁ ତାଙ୍କ ବାପା ବୋଉଙ୍କର ସେ ଗୋଟିଏ ପୁଅ । ସେମାନଙ୍କ କଷ୍ଟକୁ ସେ ନିଜ କଷ୍ଟ ଠାରୁ ବେଶି ଭାବୁଥିଲା । ବସୁଧା ଦେବୀ ସବୁ ବେଳେ ଶ୍ରାବଣୀର କଷ୍ଟକୁ ଅନୁଭବ କରିବାକୁ ଲାଗିଲେ । କେବେ ବି ବିଧବା ଭାବରେ ତା'କୁ ରହିବାକୁ ଦେଲେନି । ଶ୍ରାବଣୀ ଏକ ସରକାରୀ ଚାକିରି ପାଇଲା । ଶାଶୁ ଶ୍ୱଶୁର ବି ତା' ମନ ବଦଳେଇବାକୁ ଯାଇ ଅମଙ୍ଗ ହେଲେନି ଚାକିରି କରିବାକୁ । ଶ୍ରାବଣୀର ଖୁସିରେ ସେ ଖୁସି ଦେଖିଲେ । କିଏ କେତେ କଥା କହିଲା ଶ୍ରାବଣୀ ବିରୋଧରେ ବସୁଧାଙ୍କୁ, ତାଙ୍କ ମନ କିନ୍ତୁ ପରିବର୍ତ୍ତନ ହେଲାନି । ଗୋଟିଏ ଉତ୍ତରରେ ସମସ୍ତେ ଚୁପ୍ ହେଇ ଯାଉଥିଲେ । ଯାହାର ଆୟୁଷ ଯେତିକି ସେତିକିରେ ସେ ଯିବ । ଏଥିରେ କାହାର ହାତ ନାହିଁ । ବର୍ଷେ ପରେ କିଶୋରଙ୍କ ସାଙ୍ଗ ବିସ୍ମିତ୍ ଶ୍ରାବଣୀ ସହିତ ନିଜର ପ୍ରସ୍ତାବ ନେଇ ଆସିଲେ । ବସୁଧା ଦେବୀ ଆଉ ସନାତନ ବାବୁ ବେଶ୍ ଭଲ ଭାବେ ଜାଣିଥିଲେ ବିସ୍ମିତ୍'ଙ୍କୁ । ଶ୍ରାବଣୀକୁ କୌଣସି ମତେ ରାଜି କରାଇ ଦେଲେ ବସୁଧା । ବିସ୍ମିତ୍ ସେଇ ସହରରେ ପ୍ରତିଷ୍ଠିତ କମ୍ପାନୀରେ ମ୍ୟାନେଜର୍ । ଆଉ ବାପା ମା' ବି ମରି ଯାଇଛନ୍ତି । ନିଜର କହିଲେ ଗୋଟେ ଭଉଣୀ ଯେ କି ବିବାହିତା । ଶ୍ରାବଣୀର ଚୁକ୍ତି

ବାହାଘର ପରେ ଦୁହେଁ ବସୁଧା ଦେବୀ ଆଉ ସନାତନ ବାବୁଙ୍କ ସହ ରହିବେ । ବାହାଘର ହେଲା ଆଉ କନ୍ୟାଦାନ କଲେ ବସୁଧା ଦେବୀ ଆଉ ସନାତନ ବାବୁ । ଶ୍ରାବଣୀ ବସୁଧା ଦେବୀଙ୍କୁ ଜାବୁଡି ଧରି କାନ୍ଦି ପକାଇଲା ଆଉ କହିଲା । ବୋଉ ଯଦି ମୋ ବୋଉ ଥାଆନ୍ତା ଏମିତି ମୋ ପାଇଁ କରି ଥାଆନ୍ତା କି ନାହିଁ ଜାଣିନି । ଆପଣଙ୍କ ସ୍ଥାନ ମୋ ହୃଦୟରେ ବହୁତ ଉଚ୍ଚରେ । ଆପଣ ଆପଣଙ୍କ ବଡ଼ପଣିଆ ଯୋଗୁଁ ସବୁବେଳେ ମୋ ହୃଦୟରେ ପୂଜା ପାଉଥିବେ । ଶାଶୁ ଭାବରେ ନୁହେଁ ମା ରୂପରେ । ଶାଶୁ ଚରିତ୍ରଟି ଏମିତି ବି ହୋଇପାରେ ।

*****

ବେଙ୍ଗାଲୁରୁ

# ତମସ୍ୱିନୀର ତିମିର



ରୋଜା ପଣ୍ଡା

**ପ**ତି ପତ୍ନୀଙ୍କର ଗଭୀର ପ୍ରେମଭାବନା ମଧ୍ୟରେ ଅୟମାରମ୍ଭ ହୁଏ ଗଳ୍ପଟି । ଯାହାର ମୁଖ୍ୟ ଚରିତ୍ର ଭୂମିକାରେ ନିଜକୁ ଅବିହିତ କରିଥାଏ ନିରୀହ, ଅପାଠୁଆ ସନିଆ ମହାରଣା । ବ୍ରାହ୍ମଣୀ ନଦୀର ତଟଦେଶରୁ ଟିକିଏ ଦୂର ଛାଡି ମହାରଣା ବସ୍ତି । ବସ୍ତିଟି ବିଲକୁଲ ଛୋଟିଆ ପଲ୍ଲୀ ସଦୃଶ୍ୟ । ଚାଳିଆ, ନୁଆଁଣିଆ କୁଡ଼ିଆ ଗୁଡିକ ଛୋଟ ସିନା କିନ୍ତୁ କାନ୍ଥ ଏବଂ କୁଟୀର ଗୁଡିକର ସାଜସଜ୍ଜା ଖୁବ ମନମୁଗ୍ଧକର । ସକାଳ ହେଲେ ସେହି ବସ୍ତିରୁ ଛୁଟିଆସେ ଠକ୍ ଠକ୍ ଶବ୍ଦ ଏବଂ ତା ସହିତ କାନରେ ଗୁଞ୍ଜରି ଉଠେ ମହାରଣା ମାନଙ୍କର ନିଜ କର୍ମ କୁଶଳୀର ତାଳେ ତାଳେ ଗୁଣୁଗୁଣୁ ସଙ୍ଗୀତ ମୂର୍ଚ୍ଛନା । ଏମିତି ଏକ ପଲ୍ଲୀ ମଧ୍ୟରେ ଆତ୍ମଗୋପନ କରିଥାଏ ସନିଆ ମହାରଣାର କୁଟୀର । ସନିଆ ଖୁବ୍ କମ୍ ବୟସରୁ ମହାରଣା କାର୍ଯ୍ୟରେ ସିଦ୍ଧହସ୍ତ ।ନିଜର ଦକ୍ଷତା ବଳରେ ଯେତିକି କାମପାଏ ସେଇଥିରେ ସେ ନିଜର ଅନ୍ନ ସଂସ୍ଥାନ କରେ ।

ତାର ସେହି ଅର୍ଦ୍ଧଭଗ୍ନ କୁଟୀର ମଧ୍ୟରେ ଆତ୍ମଗୋପନ କରିଥିବା ଅନ୍ୟ ଜଣେ ସୁନ୍ଦରୀ, ସୁଶୀଳା ନାରୀ ହେଉଛି ତାର ଧର୍ମପତ୍ନୀ ସାବିତ୍ରୀ । ନବ ବିବାହିତା ସାବିତ୍ରୀ କୁଟୀର ମଧ୍ୟରେ ପ୍ରାୟତଃ ଏକୁଟିଆ ରହେ । ସନିଆ ବେଶି ସମୟ ଗୃହରେ ରହିପାରେନାହିଁ । ଜୀବିକା ଅର୍ଜନ ନିମିତ୍ତ ତାକୁ ବହୁତ ସମୟ ବାହାରେ କାଟିବାକୁ ପଡେ । କିନ୍ତୁ ଯେତିକି ସମୟ ସେ ବାହାରେ ଥାଏ ମନ ତାର ଥାଏ ଘରକୁ ବାହୁଡ଼ିବା ଆଶାରେ । ତାର କର୍ମତତ୍ପର ମନ କର୍ମ ପାଇଁ ଯେତିକି ବ୍ୟାକୁଳ ସେତିକି ବ୍ୟାକୁଳ ତାର ସୁଶୀଳା ପ୍ରେୟସୀ ସାବିତ୍ରୀ ପାଇଁ । ହେଲେ କ'ଣ କରିବ ? ବଞ୍ଚିବା ପାଇଁ ତ ଅନ୍ନସଂସ୍ଥାନ ଅପରିହାର୍ଯ୍ୟ । ଏପଟେ ଗୃହରେ ତାର ତରୁଣୀ ପତ୍ନୀ ସନ୍ଧ୍ୟାରେ କ୍ଷୀଣ ଦୀପଟି ଜାଳିଦେଇ ସ୍ୱାମୀର ଆଗମନକୁ ଅପେକ୍ଷା କରିଥାଏ ଚାତକ ଚଢେଇ ପରି । ମନରେ ତାର ଆଶାର ଆଲୋକ ସଞ୍ଚାରି ଉଠେ ଯେତେବେଳେ ତାର ପ୍ରଦୀପଟି ଉଜ୍ଜ୍ୱଳ ହୋଇ ଜଳିଉଠେ । ସେ ଆତ୍ମସନ୍ତୋଷ ଲାଭ କରେ । ଚିନ୍ତାକରେ ସ୍ୱାମୀ ତାର ଫେରିବା ସମୟରେ ମୋଡ ଆରମ୍ଭରୁ ଦେଖିପାରୁଥିବ ଅବା ! ଏମିତିରେ ବିତିଯାଏ ଆଠମାସ । ସାବିତ୍ରୀ ହୁଏ ଗର୍ଭବତୀ । ଖୁସିରେ ସନିଆ ନାଚିଉଠେ । ଘରକୁ ନୂଆ ଅତିଥି ଆସିବାର ଆଭାସ ତାକୁ ଆହୁରି କର୍ମତତ୍ପର କରାଏ । ନୂଆ ଅତିଥିର ଭବିଷ୍ୟତକୁ ନେଇ ସ୍ୱପ୍ନର ରଙ୍ଗ ମହଲରେ ଘୁରିବୁଲେ ସେ । ସୁନେଲି ସ୍ୱପ୍ନରେ ତାର ଆଖି ଭରିଯାଏ ।

ବଗଲା, ବଗୁଲି ଦୁହିଁଙ୍କ ସ୍ୱପ୍ନ ଆଉ ଅପେକ୍ଷାରେ ବିତିଯାଏ ଦିନ ଗୁଡିକ । ଗ୍ରୀଷ୍ମର ପ୍ରକୋପ ଧରାପୃଷ୍ଠରୁ ଅବତରିଯାଏ ଧୀରେ ଧୀରେ । କଳାମେଘ ତାର ସବାରି ଧରି ପସରା ମେଲାଏ ଧରଣୀରେ । ଆଗମନ ହୁଏ ଆଷାଢର । ସନିଆ ମନରେ ଦ୍ୱନ୍ଦ । ଅନ୍ନସଂସ୍ଥାନର ସନ୍ଧାନ ଉଦେଶ୍ୟରେ ସେ ହୋଇଉଠେ ତତ୍ପର । ବର୍ଷାଦିନେ କାମ ମିଳିବା ଟିକିଏ କଷ୍ଟ । ବର୍ଷା ଜଳରେ ଓଦା ହେଇଯାଏ କାଠ ଏବଂ ଅନ୍ୟାନ୍ୟ ଉପକରଣ । ସେଦିନ ବର୍ଷା ଟିକେ ଥମିଯାଇଥିଲା । ସନିଆ ମହାରଣା ବାହାରିଲା ନଦୀ ଆରପାରିର ମନ୍ଦିର କାମ ପାଇଁ । ଏପଟେ ତାର ଧର୍ମପତ୍ନୀ ନଅମାସର ଗର୍ଭବତୀ । ସନିଆ କାମକୁ ବାହାରୁଥିବାର ଦେଖି ତାର ସ୍ତ୍ରୀ ସାବିତ୍ରୀ ମହାବ୍ୟସ୍ତ । ଏ ଗର୍ଭକଷ୍ଟକୁ ନେଇ ପୁରା ଦିନଟା ଯେ ଏକା ଏକା କେମିତି କଟାଇବ ? କିନ୍ତୁ ସନିଆ ଆଜି ଯିବାକୁ ବାଧ୍ୟ । ବହୁତ ଦିନ ହେବ ବର୍ଷା ଲାଗିରହିଥିବାରୁ ସେ କାମକୁ ଯାଇପାରିନାହିଁ । କାମକୁ ନଗଲେ ଖାଇବ କ'ଣ ? ସ୍ତ୍ରୀ ଆଉ ଦୁନିଆଁ ଦେଖିନଥିବା ସନ୍ତାନର ଚିନ୍ତା ତାର ଦରଦୀ ମନକୁ ଆହୁରି ଅସ୍ତବ୍ୟସ୍ତ କରିପକାଉଥିଲା । ସାବିତ୍ରୀର କିନ୍ତୁ ଏକା ଜିଦ୍ । ଆଜି କାମକୁ ଯାଅନାହିଁ । ସାବିତ୍ରୀ ଲାଜର ଓଢ଼ଣା ଟାଣି ହୃଦୟ ଶଙ୍କିତା ତରୁଣୀ ପରି ସନିଆକୁ କହିଲା, "ମୋ କଥା ଶୁଣିବନି ଆଜି" ? ଉଦର ଏବଂ ହୃଦୟର ଏପରି ଲଢେଇ ଭିଡ଼େଇ ଭିତରେ ବିଚରା ସନିଆ କାହାର ପକ୍ଷ ସମର୍ଥନ କରିବ ସ୍ଥିର

କରିପାରିଲା ନାହିଁ । ତଥାପି ପ୍ରେମ କରିବା ପାଇଁ ପ୍ରଥମେ ବଞ୍ଚିରହିବା ଅପରିହାର୍ଯ୍ୟ ବୋଲି ମନରେ ଚିନ୍ତାକରି ସନିଆ ଅଣ୍ଟା ଭିଡିଲା କାର୍ଯ୍ୟସ୍ଥଳକୁ ଗମନର ଉଦେଶ୍ୟରେ । ଏଥର କିନ୍ତୁ ଚପଳମତୀ ସାବିତ୍ରୀ ସନିଆକୁ ଅଟକାଇଲା ନାହିଁ । କାରଣ ସେ ବି ଭୋକର ଜ୍ୱାଳା ଅନୁଭବ କରିପାରୁଥିଲା । କେବଳ ସନ୍ଧ୍ୟା ନ ହେଉଣୁ ସଅଳ ଫେରି ଆସିବାପାଇଁ ଅନୁରୋଧଟିଏ ବାଢ଼ିଥିଲା ସନିଆର ଦ୍ୱନ୍ଦଭରା ମୁଖମଣ୍ଡଳକୁ ଚାହିଁ । ସନ୍ଧ୍ୟାବେଳେ ବ୍ରାହ୍ମଣୀ ଆରପାରିର ମାହେଶ୍ୱରୀ ମନ୍ଦିରରେ ପୂଜା ଦେବାପାଇଁ କାହିଁ କେବେଠୁ ସେ ମନେ ମନେ ମାନସିକଟିଏ କରିପକାଇଥିଲା । ଆଉ ସେଇ ପୂଜାର ବିଳମ୍ବ ହେତୁ ଏଇ କିଛିଦିନ ହେବ ସେ ଗୁଡ଼ାଏ ଇଆଡୁ ସିଆଡୁ ସପନ ଦେଖୁଛି । ଆଜି ବରଷା ନାହିଁ । ପାଗ ଟିକିଏ ଶୁଖିଲା । ସେଇଥିପାଇଁ ମନରେ ଟାଣିଛି ସାବିତ୍ରୀ, ଆଜି ହିଁ ଯିବ ମନ୍ଦିର । ସର୍ବ ଦୁଃଖ ହାରିଣୀ ମାତା ମାହେଶ୍ୱରୀଙ୍କ ମନ୍ଦିର । ଏଥର କାମକୁ ବାହାରିପଡିଲା ସନିଆ । ସାବିତ୍ରୀ ଦିନ ତମାମ ଏକା ଏକା ଓଳି ମୁଣ୍ଡେ ଅପେକ୍ଷା କରିଥାଏ ତାର ନାଥେଶ୍ୱର ସନିଆକୁ । ସନ୍ଧ୍ୟା ଆସନ୍ନ ପ୍ରାୟ । ସନିଆ ପହଞ୍ଚିଗଲା ସ୍ୱକୁଟୀରରେ । ଓଠରେ ଢେରସାରା ସ୍ମିତହାସ୍ୟ । ଅଣ୍ଟିରୁ କାଢିଲା ଦିନ ତମାମର ଝାଳବୁହା ରୋଜଗାର ଟଙ୍କା । ଖୁସିରେ ଗଦଗଦ ହେଇ କହିଲା, "ହେଇଟି ସାବି ! ଆଜି ଗୁଡ଼ାଏ ଟଙ୍କା ରୋଜଗାର ହେଲାମ, ପୁରା ଦୁଇଦିନ ଚଳିଯିବ" । ଅପରପାର୍ଶ୍ୱରୁ ମଧୁର

କଣ୍ଠରେ ତରୁଣୀ ସାବି ମୃଦୁ ଗଳାରେ ଉତ୍ତର ଦେଲା, "ତାହାଲେ ଚାଲ ମନ୍ଦିର ଯିବା । ବେଳ ଉଛୁର ହେଲାଣି । ସନ୍ଧ୍ୟା ଆଳତୀ ସରିଯିବ ଯେ" । ସନିଆ ଚାହିଁଲା ସାବିତ୍ରୀକୁ । ପୂର୍ଣ୍ଣିମାର ଚାନ୍ଦ ପରି ଦେଖାଯାଉଥିଲା ତାର ଅତିପ୍ରିୟ ସାବିର ମୁଖମଣ୍ଡଳ । ସେତେବେଳକୁ ସାବିତ୍ରୀର ଗଣ୍ଡ କିନ୍ତୁ ଲଜ୍ୟାରେ ଲାଲ ପଡିଯାଇଥିଲା । ବ୍ୟସ୍ତ ବିବ୍ରତ ସାବିତ୍ରୀ ଆସ୍ତେ ଆସ୍ତେ ଅବଗୁଣ୍ଠନ ଟାଣିଦେଇ କହିଲା, " ଚାଲ ! ସଅଳ ଚାଲ । ଦୁହେଁ ବାହାରି ପଡିଲେ ବ୍ରାହ୍ମଣୀର ତୀର ଭୂମିକୁ । ମୁହାଣରେ ପହଞ୍ଚି ଦେଖିଲେ -ନାଉରିଆ ଭାଇ ନିଜ ନୌକା ଉପରେ ବସି ଗୀତ ଗାଉଛି, " ଏଇ ମଧୁର ସଞ୍ଜରେ ଆ ...ଆ ...ଆ କେ ଯିବ ଆରପାରି, ଆହୁଲା ମାରିମାରି ନଉକା ବାହି କରି, ଢେଉରେ ଖେଳିଖେଳି ମୋ ସାଥେ ଗୀତ ଗାଇରେ ..ଆ ...ଆ..ଆ ଏଇ ମଧୁର ସଞ୍ଜରେ" ସନିଆ ଡାକିଲା .... ହୋ ନାଉରିଆ ଭାଇ । ଆରପାରି ଯିବ ? ନାଉରିଆ ଭାଇ ହସିଦେଇ କହିଲା ....ହଁ .....ହଁ....ଆସ ....ଆସ...ସଅଳ ଆସ । ଦୁଇଜଣଙ୍କୁ ପାଞ୍ଚଅଣା ନେବି । ସନିଆ ଉତ୍ତର ଦେଲା, ହୋଉ ହୋଉ ପାଞ୍ଚଅଣା ଦେବି...ଚାଲ । ସାବି ଆଉ ସନିଆ ଆସି ନୌକା ଉପରେ ବସିଲେ । ସ୍ଵାମୀର ସମ୍ମୁଖରେ ବସିଲା ସ୍ତ୍ରୀ । ସନିଆ ମନେ ମନେ ହସୁଥାଏ । ମଝି ନଈରେ ନୌକାଟି ପାଣି କାଟି ଚାଲିଥାଏ । ଆହୁଲାର ଝପ ଝପ ଶବ୍ଦର ତାଳେ ତାଳେ ଦୂର ବିଲରୁ ପହରିକିଆର ରାବ ଗୁଞ୍ଜରି ଉଠେ ।

ସନିଆ ମଝିରେ ମଝିରେ ସାବିକୁ ନିଜ ଛାତି ଆଡକୁ ଟାଣିନିଏ । ସାବି କିନ୍ତୁ ଛାଟି ଅଲଗା କରିଦିଏ ସନିଆକୁ । ସନିଆ ଭୂତ, ପ୍ରେତର ଭୟ ଦେଖାଏ ସାବିକୁ । ପାଷାଣୀ ସାବିତ୍ରୀ କିନ୍ତୁ ସେଇଭଳି ବସିଥାଏ । ସନିଆ ବୁଝିପାରେନି ସାବିତ୍ରୀର ଅଭିମାନର କାରଣ । ସେ ପଚାରିଚାଲେ ସାବିକୁ । ସାବି ମୁରୁକି ହସିଦିଏ ଓ ପୁଣି ମୁହଁ ଫେରାଇନିଏ ସନିଆ ପାଖରୁ । ସେତେବେଳକୁ ଆକାଶର ଗୋଟିଏ କୋଣରୁ ମେଘଖଣ୍ଡ ଉଠାଇ ସମଗ୍ର ଆକାଶ ବ୍ୟାପିବାକୁ ବସିଲାଣି ସେ ଆଡକୁ କାହାର ଲକ୍ଷ ନାହିଁ । ହଠାତ୍ ବିଦ୍ୟୁତର ଆଲୋକ ଝଲସି ଉଠିବା ପରି ବିଜୁଳି ସାଙ୍ଗକୁ ଘଡ଼ଘଡ଼ି ଶବ୍ଦର କମାଣ ଫୁଟିଲା । ଚମକି ପଡି ଭୟଗ୍ରସ୍ତା ରମଣୀ ସନିଆର ବକ୍ଷସ୍ଥଳରେ ମିଶିଯିବାକୁ ଚେଷ୍ଟା କଲା । ସନିଆ ଫିର କରି ହସିଦେଇ ସ୍ତ୍ରୀକୁ ନିଜର କୋଳରେ ଚାପିଧରି ବଜ୍ରକୁ ଅଶେଷ ଧନ୍ୟବାଦ ଦେଲା । ଧୀରେ ଧୀରେ ପବନର ଗତି ବଢିବାକୁ ଲାଗିଲା । ନାଉରିଆ ଭାଇ ମଙ୍ଗ ସଳଖି ମାତା ମାହେଶ୍ୱରୀଙ୍କୁ ସ୍ମରଣ କଲା । ସେତେବେଳକୁ ଚାରିଆଡେ ତିମିର ଖେଳି ଯାଇଥିଲା । ତମସ୍ୱିନୀର ବକ୍ଷ ଚିରି କ୍ଷଣେ କ୍ଷଣେ ବିଜୁଳି ଖେଳି ଯାଉଥିଲା ଆକାଶ ବକ୍ଷରେ । ଚନ୍ଦ୍ର ମଧ୍ୟ ଖଣ୍ଡ ଖଣ୍ଡ ମେଘ ମଧ୍ୟରେ ଆତ୍ମଗୋପନ କରିସାରିଥିଲେ । ନାଉରିଆ ଭାଇ ନୌକାର ପାଲଟାକୁ ନୁଆଁଇ ଆଣିଲା । ସଙ୍ଗେ ସଙ୍ଗେ ନୌକାର ଗତି ଶିଥିଳ ହୋଇଗଲା କିନ୍ତୁ ପବନର ବେଗ

ବଢିବା ସହିତ ବ୍ରାହ୍ମଣୀ ଉର୍ଦ୍ଧ୍ୱଦେଶକ ବଡ଼ବଡ଼ ଢେଉ ତୋଳିଲା । ସାବିତ୍ରୀ ଭୟରେ ସନିଆ ଛାତିରେ ଆଉଜି ଜଡିଭୂତ ହୋଇ ବସିଥାଏ । ପବନ ସାଙ୍ଗକୁ ବର୍ଷାର ବେଗ ମଧ ବଢ଼ିଲା । ନୌକାଟିର ଦୁଇପାଖରେ ଲହରୀ ବାଡେଇ ହେବାକୁ ଲାଗିଲା । ପାଣି ଛିଟିକି ନୌକା ଭିତରକୁ ପଶିବାକୁ ଆରମ୍ଭ କଲା । ଚତୁର୍ଦ୍ଦିଗ ଅନ୍ଧକାର ! ସନିଆ ଆଉ ସାବିତ୍ରୀ ଦୁହିଁଙ୍କର ହୃଦସ୍ପନ୍ଦନ ଖୁବ ଜୋରରେ ବଢିବାକୁ ଲାଗିଲା । ସେ ଅନୁଭବ କରୁଥିଲେ ତାଙ୍କ ଚତୁଃପାର୍ଶ୍ୱରେ ଖେଳିଯାଇଥିବା କ୍ଷୁଧିତ ଜଳରାଶିର ଲେଲିହାନ ଜିହ୍ୱାକୁ । ଜଳସ୍ରୋତର ବେଗ ସହସ୍ର ଗୁଣରେ ବୃଦ୍ଧି ପାଇଲା । କ୍ଷୁଧିତ ଲହାରୀମାଳା ମଧ୍ୟରେ ନୌକାର ଏପରି ପ୍ରଖର ଗତି ଦେଖି ସାବିତ୍ରୀ ଭୟ ବ୍ୟାକୁଳରେ ସ୍ୱାମୀର ଅଙ୍ଗକୁ ଲାଗିରହିଲା । ସନିଆ ନିରୁପାୟ । ସାବିତ୍ରୀର ଭୟ ଦୂର କରିବାପାଇଁ କେବଳ ତାର ବାହୁରେ ହାତ ମାରି ସାନ୍ତ୍ୱନା ଦେବା ଛଡା ତା ପାଖରେ ଅନ୍ୟ କୌଣସି ଉପାୟ ନଥିଲା । ବିଦ୍ୟୁତରେଖା ସହ ବାରମ୍ବାର ବଜ୍ରର ଭୀଷଣ ଗର୍ଜ୍ଜନରେ ସାବିତ୍ରୀ ଭୟରେ ଆତୁର ହୋଇ ସନିଆର ଅଙ୍ଗକୁ ଦୁଇ ବାହୁରେ ନିବିଡ ଭାବରେ ବାନ୍ଧି ପକାଇ ନିଜର ଘନସ୍ପନ୍ଦିତ ବକ୍ଷ୍ୟସ୍ଥଳକୁ ସନିଆର ଅଙ୍ଗରେ ଚାପିଦେଇ ହୃଦପିଣ୍ଡର ଦାରୁଣ ନର୍ତ୍ତନ ଦମନ କରିବା ପାଇଁ ଚେଷ୍ଟା କଲା । ଠିକ୍ ସେତିକିବେଳେ ଝଲକାଏ ପାଣି ନୌକା ମଧ୍ୟରେ ପ୍ରବେଶ କଲା । ନୌକାଟି ଟଳମଳ ହେବାକୁ ଲାଗିଲା ।ସାବିତ୍ରୀ ଜଳର

ଭୀଷଣ ଆକାର ଦେଖି ସଂକୁଚିତା ହୋଇଉଠିଲା । ଏମିତି ପରିସ୍ଥିତିରେ ତାର ଗର୍ଭ ବେଦନା ବଢ଼ିବାରେ ଲାଗିଲା । କ'ଣ କରିବ ସେ ? ସନିଆ ଆଖିରେ ଲୁହର ବନ୍ୟା । ତାର ସ୍ୱପ୍ନ କ'ଣ ସବୁ ଭାଙ୍ଗି ଚୁରମାର ହେଇଯିବ ? ନା ....ନା ...ସେ ନିଶ୍ଚିତ ତାର ସ୍ତ୍ରୀ ସାବିତ୍ରୀ ଆଉ ତାର ଗର୍ଭରେ ବଢୁଥିବା ପିଲାକୁ ବଞ୍ଚାଇବ । ସନିଆ ନୌକାର ମଙ୍ଗ ଆଡକୁ ନଜର ପକାଇଲା । ନୌକାଟି ଗଣ୍ଡ ମଧ୍ୟରେ ଆହୁତି ହେବା ପୂର୍ବରୁ ନାଉରିଆ ଭାଇ ନୌକାରୁ ଡେଇଁ ନଦୀରେ ସନ୍ତରଣ କରି କୂଳ ଲଙ୍ଘିବାକୁ ପ୍ରୟାସ କରୁଥିଲା । ସନିଆ ଏଥର ଅଣ୍ଟା ଭିଡିଲା । ପ୍ରେୟସୀ ବାହୁବନ୍ଧନରୁ ନିଜକୁ ମୁକ୍ତକରି ନୌକାର ମଙ୍ଗ ସଳଖିବାକୁ ଚେଷ୍ଟା କଲା । ଅର୍ଦ୍ଧମଗ୍ନା ସାବିତ୍ରୀ ଶୋକାତୁର । ସନିଆ ନୌକା ସମ୍ଭାଳିବାକୁ ପ୍ରୟାସରତ । ଦଲକାଏ ପବନ ଖୁବ ଜୋରରେ ମାଡି ଆସି ନଦୀର ପାଣିକୁ ଦୋହଲାଇଦେଲା । କ୍ଷଣିକରେ ନୌକାଟି ଜଳମଗ୍ନ ହେଇ ଅତଳ ନଦୀଗର୍ଭର କଳାଭଉଁରୀ ମଧ୍ୟରେ ଆତ୍ମଗୋପନ କଲା । ନୌକା ସହିତ ସାବିତ୍ରୀ ଅକାତକାତ ଜଳରାଶି ଭିତରେ ଲୀନ ହେଇଗଲା । ନିଜ ଗର୍ଭର ଭାରି ପଣ ତାକୁ ନିମ୍ନଗାମୀ କଲା । ସନିଆ ସନ୍ତରଣରେ ସିଦ୍ଧହସ୍ତ ଥିବାରୁ କୌଣସିମତେ ଭଉଁରୀରୁ ବାହାରି ଭରା ନଦୀରେ ପହଁରି ପହଁରି ପତ୍ନୀ ସାବିତ୍ରୀକୁ ଖୋଜିଲା । ତାକୁ ସବୁଆଡେ କେବଳ ପାଗଳ ତରଙ୍ଗ ଜଳରାଶିର ନୃତ୍ୟ ଦେଖାଯାଉଥିଲା । ଏମିତି ଏକ ମହାପ୍ରଳୟର

ବିଭୀଷିକା ମଧ୍ୟରେ ଏପାଖ ସେପାଖ ଖୋଜିବାକୁ ଲାଗିଲା ସେ ତାର ମନର ମାନସୀ ସାବିକୁ । ଦୀର୍ଘ ପ୍ରହର କାଳ ଖୋଜିବୁଲିଲା ନଦୀର ଅଗଭୀର ଜଳରାଶି ମଧ୍ୟରେ । ଅନିର୍ଦ୍ଧିଷ୍ଟ ସମୟର ଅନ୍ତରାଳରେ ଆଖି ତାର ମୁଦ୍ରିତ ହେଇ ଆସିଲା । ଚେତନାସକ୍ତି ସବୁ ଅପସରି ଗଲା ତା ପାଖରୁ । କେଇ ମୁହୂର୍ତ୍ତ ପାଇଁ ତାର ସତ୍ତା ହଜିଗଲା କେଉଁଆଡେ । ପବନର ବେଗ ଧୀର ପଡିଲା । ମେଘ ବି ଗତି ବଦଳାଇ ଅଦୃଶ୍ୟ ହେଲା । ପୂର୍ବ ଉଦିତ ରବିର ସୁନେଲି କିରଣରେ ବାଲିକଣା ସବୁ ଝଲମଲ ଦିଶିଲା । ସନିଆର ମୁଦ୍ରିତ ନୟନ ଦ୍ୱୟ ଧୀରେ ଧୀରେ ସୂର୍ଯ୍ୟଙ୍କ କିରଣ ସ୍ପର୍ଶରେ ଖୋଲିବାକୁ ଲାଗିଲା । ସେତେବେଳକୁ ନଦୀକୂଳ ପଠାରେ ତାର ଶରୀର ନିଶ୍ଚଳ ହୋଇ ପଡିଥିଲା । ସେ ନିଜ ଶରୀରକୁ ସକ୍ରିୟ କରିବାକୁ ଉଦ୍ୟମ କଲା । ଆଖି ବୁଲାଇ ଚାରିଆଡେ ଚାହିଁଲା । ତାର ମନର ମାନସୀକୁ କେଉଁଆଡେ ବି ପାଇଲା ନାହିଁ । କରାଳ ସମୟର ସହିତ ଅଭିମାନିନୀଟା ସେହି କୋମଳ ବାହୁ -ବନ୍ଧନ ଶିଥିଳ କରି କେଉଁଆଡେ ଉଭେଇ ଯାଇଛି । ଯାହାର ଅଙ୍ଗ ସ୍ପର୍ଶରେ ତାର ପ୍ରତ୍ୟେକ ଲୋମକୂପ ବାଚାଳ ହୋଇ ଉଠୁଥିଲା ସେହି ପ୍ରିୟର ମଣିଷ ଆଉ ନାହିଁ । କରାଳ ଜଳ ମଧ୍ୟରେ ସେ ଆତ୍ମସମର୍ପଣ କରିଛି । ଅର୍ଦ୍ଧପାଗଳ ଅବସ୍ଥାରେ ସନିଆ ପଡିରହିଥିଲା ସେହି ନଦୀ ପଠାର ବାଲୁକା ଶଯ୍ୟା ଉପରେ ।ଅନ୍ତସ୍ୱରୁ ଝରୁଥିଲା - " ଫେରିଆ ଲୋ ଫେରିଆ ମୋ ମନ

ମାନସୀ ତୋ ଗରଭେ ବଢୁଛି ଲୋ ଆମ ସମ୍ପତ୍ତି, ଅକାତ କାତ ପାଣିରେ

ଆକତାମାକ୍ତା ହେବ ତାକୁ ଧରି ନଫେରିଲେ ଭେଳା ମୋ ବୁଡିବ ।

*****

ପୂର୍ଣ୍ଣାନନ୍ଦ ଭବନ

ନେତାଜୀ ନଗର, ମଧୁପାଟଣା

କଟକ

# ନାରୀର ନିରବତା



ଐଶ୍ୱରିକା ସାହୁ

**ନା**ରୀ ଶବ୍ଦଟି ଶୁଣିବାକୁ ତ ଭାରି ସହଜ ମାତ୍ର ତା'ର ବ୍ୟାଖ୍ୟା କରିବା ଯେ କେତେ କଷ୍ଟ ତାହା କେବଳ ଗୋଟେ ନାରୀର ହୃଦୟ ହିଁ ଜାଣି ଥାଏ । ସେ ଜନ୍ମହେବା ଠାରୁ ମରିବା ଯାଏଁ ପ୍ରତିଟି ମୁହୂର୍ତ୍ତରେ କିଛି ନା କିଛି ସଂଜ୍ଞା ନେଇ ଆଗେଇ ଚାଲିଥାଏ । ଝିଅଟିଏ ଜନ୍ମ ହେବା ମାତ୍ରେ ଲୋକଙ୍କ ମୁଣ୍ଡରେ ତା'ର ଭବିଷ୍ୟତ କଥା ପଶିଯାଏ । ଝିଅ ବଡ଼ ହବ, ପର ଘରକୁ ଯିବ ଏମିତି ବହୁତ କିଛି । ତା'ର ସୁରକ୍ଷାକୁ ନେଇ ବାପା ମା'ଙ୍କର ବହୁତ ଚିନ୍ତା ଥାଏ । ଝିଅଟିଏ ଜନ୍ମ ହେବା ଠୁ ଆରମ୍ଭ କରି ତାର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କିଛି ନା କିଛି ବନ୍ଧନରେ ବାନ୍ଧିହୋଇ ରହିଥାଏ । ଛୋଟରୁ ବଡ଼ ହୋଇ ବାହା ହବା ପର୍ଯ୍ୟନ୍ତ ସେ ତା ବାପା ମା'ଙ୍କ ବନ୍ଧନରେ ବାନ୍ଧି ହୋଇଥାଏ, କିପରି ନିଜେ ସୁରକ୍ଷିତ ରହି ନିଜ ଗୋଡ଼ରେ ଛିଡ଼ା ହୋଇ ନିଜ ପିତା ମାତାଙ୍କ ଋଣ ସୁଝିପାରିବ । ବାହା ହୋଇଯିବା ପରେ ତାର ଆଉ ଏକ ନୂଆ ବନ୍ଧନ

ଆରମ୍ଭ ହୋଇଯାଏ । ସ୍ୱାମୀ, ଶାଶୁ, ଶ୍ୱଶୁର ସବୁ ତା ବନ୍ଧନର ଡୋରି ପାଲଟି ଯାଆନ୍ତି । ସମସ୍ତଙ୍କ ମନନେଇ ଚଳିବା, ଘରକୁ ସମ୍ଭାଳିବା ଇତ୍ୟାଦି ବହୁତ କିଛି । ତାପରେ ଗୋଟେ ମା' ହେଇ ତା ପିଲାର ବନ୍ଧନରେ ହଜିଯାଏ ସିଏ । କେମିତି ତା ପିଲାକୁ ବଡ଼ କରି ସମାଜରେ ପ୍ରତିଷ୍ଠିତ କରିବ । ଆଉ ତାପରେ ଯେତେ ବେଳେ ନିଜେ ଶାଶୁ ହୋଇଯାଏ ସେତେବେଳେ ସେ ତା ପୁଅ ବୋହୂ ନାତି ନାତୁଣୀଙ୍କ ବନ୍ଧନକୁ ଚାଲି ଆସେ । ସବୁ ପରିସ୍ଥିତିକୁ ହସି ହସି ସାମ୍ନା କରି  ଆସିଥାଏ କେବେ ବି ନିଜ ମୁହଁ ଖୋଲି ନିଜ ଇଚ୍ଛାକୁ ପ୍ରକାଶ କରିନଥାଏ । ଅନ୍ୟ ମାନଙ୍କ ଖୁସି ପାଇଁ ନିଜ ଇଚ୍ଛା ଆଉ ଖୁସିକୁ ନିଜ ଭିତରେ ଚାପି ରଖିଥାଏ । ସମାଜର ଦୋ ଛକିରେ ସେ ନିଜେ ନିଜଠାରୁ ହଜିଯାଏ । ଗୋଟେ ନାରୀ ତା ଜୀବନ କାଳ ଭିତରେ ଯେତିକି କଷ୍ଟ ସହିଥାଏ, ତାକୁ କାହା ସହ ତୁଳନା କଲେ ସେ ତାସହ କେବେବି ସରିହେବନି । ସେ ତା ଜୀବନ କାଳ ମଧ୍ୟରେ ତା ଶରୀରରୁ ଯେତିକି ରକ୍ତ ବୁହାଇଥାଏ ତାକୁ ଯଦି ବୈଜ୍ଞାନିକ ଦୃଷ୍ଟି କୋଣରୁ ଦେଖାଯାଏ ତେବେ ତାହା ତା ଶରୀରର ୫୦ ଭାଗ ରକ୍ତ ହୋଇଥାଏ, ମାତ୍ର ସେ ସେସବୁ କାହାରିକୁ କୁହେ ନାହିଁ । ଦଶ ମାସ ଦଶ ଦିନ ନିଜ ଗର୍ଭରେ ନିଜ ସନ୍ତାନକୁ ଧରି ଯେଉଁ ହାଡ଼ ଭଙ୍ଗା କଷ୍ଟ ସହିଥାଏ ତାକୁ ସେ ତା ସନ୍ତାନ ମୁହଁକୁ ଚାହିଁ ପୁରା ପୁରି ଭୁଲିଯାଏ, ତାର ସେହି କଷ୍ଟକୁ କିଏ ବୁଝିପାରିବ କେବେ ? ନାରୀର ଏହି ନିରବତାକୁ ଆମେ

ତା ଦୁର୍ବଳତା ମଣିବା ହଉଚି ଆମ ମୂର୍ଖାମି । ତାହା ତ ହଉଚି ତା ଉଦାରତା । ପ୍ରକୃତରେ ସେ ହଉଚି ନାରୀ ଯିଏ ନିଜ ଖୁସିକୁ ନିଜ ଭିତରେ ମାରିଦେଇ ଅନ୍ୟର ଖୁସି ପାଇଁ ନୀରବ ରହି ହସୁଥାଏ । ନାରୀର ହୃଦୟ ଆଉ ମନକୁ ବୁଝିବା ସତରେ ବହୁତ କଷ୍ଟ । ହେଲେ ସମାଜରେ ନାରୀ ପ୍ରତି ଆଜିବି ସ୍ୱାଧୀନତା, ସମ୍ମାନ ସମ୍ପୂର୍ଣ୍ଣ ଭାବରେ ନାହିଁ । ଯଦି ଜୀବନରେ କିଛି ବି ଭଲ କାମ କରିବାର ଅଛି, ପ୍ରଥମେ ନାରୀ ରୂପୀ ସେହି ମା' ନାରାୟଣୀକୁ ସମ୍ମାନ ଦେବା ଶିଖିବା ଉଚିତ ।

*****

ପୁରୀ

# ଚେକ୍



ସୁଧାଂଶୁ ଶେଖର ବଳ

ଆଜି ବାପାଙ୍କ ଏକାଦଶ । ଘର ସାରା ଗହଳ ଚହଳ । ବନ୍ଧୁ ବାନ୍ଧବ ଘରେ ଭିଡ଼ ଜମେଇଛନ୍ତି । ପୁରା ଗାଁ ଆଜି ଖାଇବ, ସମସ୍ତଙ୍କ ଡକା ହେଇଛି । ଅନେକ ପ୍ରକାରର ବ୍ୟଞ୍ଜନ ସବୁ ପ୍ରସ୍ତୁତି ଚାଲିଛି । ଘର ଲୋକ ସବୁ ନିଜ ନିଜ କାମ ଭାଗ ବାଣ୍ଟ କରି ନେଇ ବୁଝା ବୁଝି କରୁଛନ୍ତି । ବାପାଙ୍କର ଖୁବ୍ ନା ଡାକ ଥିଲା ଆଖ ପାଖ ଖଣ୍ଡ ମଣ୍ଡଳରେ । ଗାଆଁ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ ସେଥି ପାଇଁ ଆଖ ପାଖ ଗାଆଁରେ ଖୁବ୍ ଖାତିର ତାଙ୍କର । କିନ୍ତୁ ଟିଙ୍କୁ ଆଜି ଖୁବ୍ ଗୁଂସୁମ୍, କିଛି ଗୋଟେ ତାକୁ ଭିତରେ ଭିତରେ ଖାଉଛି ଯେମିତି । ହରିବନ୍ଧୁ ଦାସ ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ମୁକୁନ୍ଦପୁର ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଥିଲେ । ସେ ହରି ସାର୍ ନାଆଁରେ ପରିଚିତ । ଖୁବ୍ ସ୍ନେହୀ ଓ ମେଳାପି ମଣିଷ ଟେ । ଧଳା କୁର୍ତ୍ତା ଆଉ ଧୋତି ପିନ୍ଧି ରାଲେ ସାଇକେଲ ଧରି ଆସନ୍ତି ସେ ସ୍କୁଲ୍ । ସମସ୍ତ ଛାତ୍ର ଛାତ୍ରୀଙ୍କ ଠୁ ଆରମ୍ଭ କରି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରିୟ ସେ । କେବେ କାହାକୁ ନାଲି ଆଖି ଦେଖେଇ ନାହାନ୍ତି ବରଂ ବୁଝେଇ ସୁଜେଇ

ସ୍ନେହ ଆଦରରେ ସବୁ ସମସ୍ୟାର ସମାଧାନ ବାଟ ବାହାର କରନ୍ତି । ହରି ସାରଙ୍କ ପରିବାର କହିଲେ ୨ ପୁଅ ଆଉ ଗୋଟେ ଝିଅ । ଝିଅ ବଡ଼ ଆଉ ତା ତଳେ ଦୁଇ ପୁଅ । ଛୁଆ ବେଳେ ତିନି ଭାଇ ଭଉଣୀ ବାପାଙ୍କ ସାଙ୍ଗରେ ଏକା ସହିତ ସ୍କୁଲ୍ ଯାନ୍ତି । ହେଲେ ବାପାଙ୍କୁ କେହି ଡରନ୍ତି ନାହିଁ, ମା'କୁ ପ୍ରବଳ ଭୟ ତିନି ଭାଇ ଭଉଣୀଙ୍କର । ମାଆ କମଳା ଦେବୀ ବେଶି ପାଠ ନ ପଢ଼ିଲେ କ'ଣ ହବ ହେଲେ ଛୁଆଙ୍କୁ ଠିକ୍ ଅନୁଶାସନରେ ବଡ଼ କରିଛନ୍ତି । ସେତେବେଳେ ଆଉ କେତେ ଯେ ଦରମା ଥିଲା, ସେଇ ସ୍ୱଳ୍ପ ଦରମାରେ ତିନି ଭାଇ ଭଉଣୀଙ୍କୁ ପାଠ ପଢେଇ ମଣିଷ କରିଛନ୍ତି । ଝିଅ ଦିଲ୍ଲୀ ହାଇ କୋର୍ଟରେ ଓକିଲ, ବଡ଼ ପୁଅ ଆମେରିକାରେ ଗୋଟେ ଅନ୍ତରାଷ୍ଟ୍ରୀୟ ସଫ୍ଟୱେର କମ୍ପାନୀରେ ମ୍ୟାନେଜର ଆଉ ସାନଟା ଏମ୍.ବି.ଏ କରି ଭୁବନେଶ୍ୱରରେ ଭଲ ଚାକିରି ଖଣ୍ଡେ କରିଛି । ୨୦୦୭ ମସିହାରେରେ ହରି ସାର୍ ଝିଅ ରିଙ୍କି ବାହାଘର କରିଥିଲେ । ଖୁବ୍ ଭଲ ବର ପାତ୍ରଟେ ଖୋଜି ତା ବାହାଘର କରିଲେ, ସେତେବେଳ ବଡ଼ ପୁଅ ପିଙ୍କୁ ନୂଆ ନୂଆ ଚାକିରି କରିଥାଏ ଆଉ ସାନ ପୁଅ ଟିଙ୍କୁ କଲେଜରେ ପଢୁଥାଏ । ଏତେ ଜଞ୍ଜାଳ ଭିତରେ ହରି ସାର୍ ଝିଅ ବାହାଘର ବଡ଼ ଧୁମ୍ ଧାମରେ କରିଥିଲେ । ପିଙ୍କୁ ନୂଆ ନୂଆ ଚାକିରି କରିଥାଏ, କ'ଣ ବା ଆଉ ସାହାଯ୍ୟ କରିବ । ସେତେବେଳ ସେ ବାଙ୍ଗାଲୋରରେ ରହୁଥିଲା । ବେଶିରୁ ବେଶି ଟଙ୍କା ୫୦,୦୦୦/- ଟେ ଦେଇଥିଲା ବାପାଙ୍କୁ । ହରି ସାର୍ କିନ୍ତୁ କେବେ ମାଗି

ନଥିଲେ, ତାଙ୍କ ପି.ଏଫ୍ ପଇସା, ଗ୍ରାଚୁଟି ପଇସା ଆଉ ଯାହା କିଛି ସଞ୍ଚୟ ରଖିଥିଲେ ସବୁ ଖର୍ଚ୍ଚ କରି ଦେଲେ ଝିଅ ବାହାଘରରେ । ଝିଅକୁ ବି ଭଲ ଶାଶୁଘର ଟେ ମିଳିଲା । ଏଇ ୩ ବର୍ଷ ହବ ସାର୍ ଅବସର ଗ୍ରହଣ କରି ସାରିଲେଣି । ଏବେ ସେ ଆଉ କମଳା ଦେବୀ ଗାଆଁରେ ରହୁଛନ୍ତି । ବଡ଼ ପୁଅ ବାହା ହେଇ ଏବେ ଆମେରିକାରେ, ଆଉ ସାନ ଟୋକା ତା ପରିବାର ସହିତ ଭୁବନେଶ୍ୱରରେ । ଛୁଟି ହେଲେ ପୁଅ ଝିଅ ଗାଁକୁ ଆସନ୍ତି । ସାନ ପୁଅ ସ୍ତ୍ରୀ ଲିପି କିନ୍ତୁ ଖୁବ୍ ଭଲ ସେ ସବୁ ବେଳେ ଚାହେଁ ଶାଶୁ ଶ୍ୱଶୁର ତାଙ୍କ ପାଖରେ ରୁହନ୍ତୁ, ସେ ଯେମିତି ତାଙ୍କ ସେବା କରୁ । ଟିଙ୍କୁକୁ ବହୁତ ଥର କହିଛି । ଟିଙ୍କୁ ବି ଯେବେ ଗାଁକୁ ଯାଏ ସବୁ ବେଳେ ବାପା ବଉଙ୍କୁ ସାଙ୍ଗରେ ଭୁବନେଶ୍ୱର ନେଇ ଆସିବାକୁ ବାହାରେ ହେଲେ ହରି ସାରଙ୍କୁ ଇଚ୍ଛା ନାହିଁ । ସେ ଗାଆଁରେ ରହିବାକୁ ପସନ୍ଦ କରନ୍ତି । ଛୁଆ ବେଳୁ ଏଇଠି ବଡ଼ ହେଇଛନ୍ତି, ଚାକିରି ଜୀବନ ବି ଏଇଠି କଟିଲା ଆଉ କାହିଁକି ଏଇ ବୁଢ଼ା ବୟସରେ ସହର ମୁହାଁ ହେବେ । ତଥାପି ଟିଙ୍କୁ ଅନେକ ଥର କହିଲା ପରେ ହରି ସାର୍ ଆଉ କମଳା ଦେବୀ ଭୁବନେଶ୍ୱରରେ ଆସି ରହିଲେ । ବୋହୂ ଲିପି ଏବେ ବହୁତ୍ ଖୁସି । ତା ଇଚ୍ଛା ପୁରଣ ହେଇଛି । ପୁରା ନିଜ ବାପା ମାଆଙ୍କ ପରି ସେବା କରୁଛି ଶାଶୁ ଶ୍ୱଶୁରଙ୍କର । ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତିରେ ବିଛଣାରେ ଶୋଇବା ଯାଇଁ ଲିପି ଶାଶୁ ଶ୍ୱଶୁରଙ୍କ ପାଖେ ପାଖେ ସଦା ବେଳେ । ଶାଶୁ ଶ୍ୱଶୁର ବି ବହୁତ୍ ଖୁସି ଏମିତିକା ବୋହୂ ପାଇକି । କିନ୍ତୁ ବଡ଼ ପୁଅ

ଆଉ ବୋହୂ କମ୍ ଆସନ୍ତି ଓଡ଼ିଶା । ଆଉ ଯେତେବେଳେ ବି ଆସନ୍ତି ଆଗେ ବୋହୂ ତା ବାପଘରକୁ ଯାଏ ତାପରେ ଶାଶୁ ଘରକୁ ଆସେ ସେ ବି ଖୁବ୍ କମ୍ ଦିନ ପାଇଁ ରହେ । ଶାଶୁ ଶ୍ୱଶୁରଙ୍କ ସେବା କରିବାରେ କେହି ଦେଖି ନାହାନ୍ତି ବଡ଼ ବୋହୂଙ୍କୁ । ଗାଁକୁ ଆସିଲେ ବି ସକାଳ ୯ ଟା ଯାଏଁ ଶୋଇ ରୁହେ, ବଡ଼ ପୁଅ ଯଦି କିଛି କହେ, ମୁହଁ ଫୁଲାଏ । କିନ୍ତୁ ହରି ସାର୍ ଆଉ କମଳା ଦେବୀ କେବେ କିଛି କୁହନ୍ତି ନାହିଁ, ସେ ଖୁବ୍ ଭଲପାଆନ୍ତି ତାଙ୍କ ପୁଅ ବୋହୂ ମାନଙ୍କୁ । ଭୁବନେଶ୍ୱରରେ କିଛି ଦିନ ରହିଲା ପରେ, ହରି ସାରଙ୍କୁ ଇଚ୍ଛା ହେଲା ଗାଆଁ ଆଡେ ଟିକେ ବୁଲି ଆସିବାକୁ । କିନ୍ତୁ ଲିପି ଆଉ ଟିଙ୍କୁ ଚାହୁଁ ନଥିଲେ ସେ ଗାଁକୁ ଯାନ୍ତୁ ବୋଲି । କମଳା ଦେବୀ ଟିଙ୍କୁକୁ ବୁଝେଇଲା ପରେ ଟିଙ୍କୁ ନେଇ ଛାଡି ଆସିଲା ବାପା ବୋଉଙ୍କୁ ଗାଆଁରେ ଆଉ କହି ଦେଇ ଆସିଲା ଯେ, ମାସେ ଦୁଇ ମାସ ରହି ପୁଣି ଭୁବନେଶ୍ୱର ଫେରି ଆସିବାକୁ । ହରି ସାରଙ୍କୁ ବୋଧେ କିଛି ଜଣା ପଡି ଯାଇଥିଲା ସେଥି ପାଇଁ । ସେ ଗାଁକୁ ଆସିବାକୁ ବ୍ୟସ୍ତ ହଉଥିଲେ । ଗାଁକୁ ଆସିବା ପରେ ସେ ଯେତକ ଜମି ଜାଗା ଥିଲା ସବୁର କବଲା ବାହାର କରି ଭାଗ ମାପ କରିଲେ ତିନି ଛୁଆଙ୍କ ପାଇଁ । କମଳା ଦେବୀ ଏଇ ସବୁ ଦେଖି ବଡ଼ ଆଶ୍ଚର୍ଯ୍ୟ ହଉଥାନ୍ତି । ଥରେ ପଚାରିଲେ ଯେ ତମେ କେବେ ହେଲେ ଏଇ ଜମି ଜାଗା କଥା ଉଠାଅ ନାହିଁ ଏବେ କ'ଣ ଭାଗ ମାପ କରିଲଣି । ହରି ସାର୍ କହିଲେ ବୁଢା ହେଲେଣି କେତେ ବେଳେ କୋଉ କଥା, ସେଥି ପାଇଁ ଯାହା ଜମି ଜମା ଅଛି ୩ ଛୁଆଙ୍କ ଭିତରେ ଏଇ

ଖରା ଛୁଟିରେ ଭାଗ ବାଣ୍ଟ କରିଦେବି ।

ଖରା ଛୁଟି ହେଲା, ପୁଅ ଝିଅ ସବୁ ଆସିଲେ । ଖୁବ୍ ଖୁସିରେ ଦିନ ଗୁଡ଼ା ବିତୁ ଥାଏ । ଦିନେ ସକାଳୁ ସକାଳୁ ପୁରା ପରିବାରକୁ ଏକାଠି ବସେଇ ଭାଗ ବାଣ୍ଟ କଥା ପକେଇଲେ । ୫ ଏକର ଜମି ତିନି ଛୁଆଙ୍କ ଭିତରେ ସମ୍ମାନ ଭାଗରେ ବାଣ୍ଟି ଦେଲେ । ଝିଅ ରିଙ୍କି ମନା କରିଲା ଯେ ତାର କିଛି ଦରକାର ନାହିଁ, ତା ଭାଗ ଦୁଇ ଭାଇଙ୍କ ଭିତରେ ବାଣ୍ଟି ଦିଆଯାଉ । ସେଇ ହେଲା, କିନ୍ତୁ ସାନ ପୁଅର ଜମାରୁ ଇଚ୍ଛା ନଥିଲା ଯେ ଜମି ଭାଗ ବାଣ୍ଟ ହଉ ବୋଲି । ସେ ଚାହୁଁଥିଲା ଗାଆଁରେ ଜମି ଥିଲେ ଭବିଷ୍ୟତରେ କିଛି ଗୋଟେ କରି ହବ, ହେଲେ ବଡ଼ ଭାଇର ସ୍ତ୍ରୀ ମିନି ଚାହୁଁଥିଲା ଭାଗ ବାଣ୍ଟ ହେଇ ଯାଉ ଆଉ ନିଜ ନିଜର ଭାଗ ନେଇ ନିଜ ନିଜ ବାଟରେ ଯା'ନ୍ତୁ । ବଡ଼ ପୁଅ ସବୁ ଦେଖୁଥିଲା ହେଲେ ଚୁପ୍ ରହୁଥିଲା । ମାଆ କମଳା ଦେବୀ ଏଇ ସବୁ ଦେଖି ଖୁବ୍ ଭାଙ୍ଗି ପଡିଥିଲେ । ସାନ ପୁଅ ଦେଈର ଜମି ଭାଗ ବି ନେଲା ନାହିଁ, ବଡ଼ ଭାଇଙ୍କୁ ପୁରା ଦେଇ ଦେଲା ତଥାପି ବଡ଼ ଭାଉଜ ଅସନ୍ତୁଷ୍ଟ । ଜମି ଭାଗ ବାଣ୍ଟ ପରେ ବାପା ବନେଇ ଥିବା ୩ ବଖରା ଘର, ଗାଈ, ଗୁହାଳ ମଧ୍ୟ ଭାଗ କଥା ଉଠିଲା । ଏଥିରେ ବି ବଡ଼ ଭାଉଜ ନିଜ ଭାଗ ମାଗିଲେ, ଦିଆ ହେଲା ତାଙ୍କୁ । ବଡ଼ ଝିଅ ରିଙ୍କି ଏଇ ସବୁ ଆଉ ସହି ପାରିଲା ନାହିଁ । ସେ ତା ପୁଅ ଝିଅଙ୍କୁ ଧରି ଫେରି ଗଲା ଦିଲ୍ଲୀ ।

ଭାରି କଷ୍ଟ ହଉଥାଏ ଟିଙ୍କୁ ଆଉ ତା ସ୍ତ୍ରୀ ଲିପିକୁ ହେଲେ ବାପା ଓ ବୋଉଙ୍କ ମୁହଁ ଚାହିଁ ଚୁପ୍ ରହୁଥାନ୍ତି । ଶେଷରେ ବାପାଙ୍କ ନାଆଁରେ ଥିବା ଜମା ଟଙ୍କା ଯାହା ଥିଲା ସେଇଟା ମଧ୍ୟ ବଡ଼ ଭାଉଜ ଅଧିକାର ମାଗିଲେ । ବଡ଼ ଭାଇ କିଛି ହେଲେ କହୁ ନଥିଲେ । ଟିଙ୍କୁ ସବୁ ବୁଝି ସାରିଥିଲା ଆଉ ସେ ସିଧା ମନା କରି ଦେଲା ଯେ ତାର ଏଇ ସବୁ କିଛି ବି ଦରକାର୍ ନାହିଁ ଆଉ ସବୁ ବଡ଼ ଭାଇ ନାଆଁରେ କରି ଦେଲା । ତାର ବାସ୍ ବାପା ମା' ଦରକାର । ସବୁ କିଛି ସରିଲା, ବଡ଼ ପୁଅ ଛୁଟି ସାରି ତା ସ୍ତ୍ରୀ ଛୁଆ ପିଲାଙ୍କୁ ନେଇ ଆମେରିକା ଫେରିଗଲା । ସାନ ପୁଅ ବାପା ବୋଉଙ୍କୁ ନେଇକି ଭୁବନେଶ୍ୱର ପଳେଇ ଆସିଲା । ହରି ସାର୍ ସବୁ କାଗଜ ପତ୍ର କାମ ସାରିଦେଲେ । ସେଇ ଦିନ ପର ଠୁ ତାଙ୍କ ଦେହ ଖରାପ ହେବା ଆରମ୍ଭ ହେଇଗଲା । ତାଙ୍କ ନାମରେ ଯେତେ ଟଙ୍କା ଥିଲା, ବ୍ୟାଙ୍କରେ କହି ଦେଇ ଆସିଥିଲେ ଯେ, ଯେବେ ସବୁ କାଗଜ ପତ୍ର କାମ ସରିଯିବ, ଚେକ୍ ବହିଟା ମୋ ଗାଆଁ ଠିକଣାରେ ପଠେଇ ଦେବେ । ଆଉ ତାଙ୍କ ମନ ଭୁବନେଶ୍ୱରରେ ଲାଗିଲାଣି, ଗାଁକୁ ଫେରି ଗଲେ । ଦେହ ବେଶି ବେଶି ଖରାପ୍ ହେଲା । ସାନ ପୁଅ ଟିଙ୍କୁ ବହୁତ୍ ଡକ୍ଟର ଦେଖେଇଲା ହେଲେ ସ୍ୱାସ୍ଥ୍ୟରେ କିଛି ପରିବର୍ତ୍ତନ ଆସିଲା ନାହିଁ । ହରି ସାର୍ ଯେମିତି ମୂକ ପାଲଟି ଯାଇଥିଲେ । ଟିଙ୍କୁ ଏଇ ଅବସ୍ଥା ଦେଖି ଗାଁକୁ ପଳେଇ ଆସିଲା । ଗାଁରୁ ଯିବା ଆସିବା କରେ ଭୁବନେଶ୍ୱର । ଲିପି ଏଠି ହରି ସାରଙ୍କ ଖୁବ୍ ସେବା ଯତ୍ନ ନେଲା । ଧିରେ ଧିରେ ହରି ସାର୍ ଭଲ ହେଇ ଆସୁଥାନ୍ତି, ସେଦିନ ରାତିରେ

ବଡ଼ ବୋହୂ ଆମେରିକାରୁ ଫୋନ୍ କରି ବୁଝୁଥିଲେ ଜମି କାଗଜ ପତ୍ର କଥା । ଖାଇ ସାରି ହରି ସାରଙ୍କୁ ଲିପି ମେଡ଼ିସିନ୍ ଦେଲା, କମଳା ଦେବୀ ଆଉ ହରି ସାରଙ୍କଙ୍କ ଗୋଡ଼ ହାତ ଘସି ମୋଡ଼ି ଦେଇ ଶୋଇବାକୁ ଆସିଲା । ଠିକ୍ ରାତି ୩ ଟା ହବ କମଳା ଦେବୀ ଚିତ୍କାର କରି ଡାକିଲେ, ଲିପି ଆଉ ଟିଙ୍କୁ ଯାଇ ଦେଖନ୍ତି ବାପା ଆଉ ନାହାନ୍ତି । ହୃଦୟଘାତରେ ପ୍ରାଣବାୟୁ ଉଡିଗଲା । ଆଜି ବାପାଙ୍କ ଏକାଦଶ । କାଲି ଖରା ବେଳେ ଚେକ୍ ବହି ଆସି ପହଞ୍ଚିଛି । ସକାଳୁ ବ୍ୟାଙ୍କରୁ ଫୋନ୍ ଆସିଥିଲା ଯେ ନୋମିନୀ (ବଡ଼ ଭାଇ) ଆସି ବ୍ୟାଙ୍କରୁ ପଇସା ଉଠେଇକି ନେଇ ଯିବାକୁ ।

*****

ଭଦ୍ରକ

# ଆଇନା ଓ ଅନ୍ଧାର



ସୁନିତା ସାହୁ

**କେ**ବଳ ନିଜସ୍ୱ ପୃଥିବୀରେ ଆତଯାତ କରୁଥିବା ମଣିଷ ଟିଏ, ସ୍ୱାର୍ଥପର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା କୌଣସି ପୁସ୍ତକର କିୟଦଂଶ ନୁହେଁ, ବରଂ ଜଣେ ପଞ୍ଚାବନ ବର୍ଷ ବୟସର ଗୃହିଣୀ ରୀମାଙ୍କ ମନସ୍ତତ୍ତ୍ୱ । ଆଇନା ସମ୍ମୁଖରେ ବସି ନିଜ ସହିତ ଭାବ ବିନିମୟ କରୁଥିଲେ ରୀମା । ଦୀର୍ଘ ପଇଁତିରିଶ୍ ବର୍ଷର ଦାମ୍ପତ୍ୟ ଜୀବନ ପରେ ସ୍ୱାମୀ ସୁରେଶ ଦାସଙ୍କ ପାଇଁ ଏ ଅନୁଚିନ୍ତା । ସୁରେଶ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ଆଜି ଅନେକ ଦିନ ପରେ ଘରକାମକୁ ଆଖି ଠାରି ନିଜ ପାଇଁ ବସିଛନ୍ତି ଆଇନାକୁ ଚାହିଁ । ଲାଗୁଛି ଯେମିତି କେତେ ଦିନ ବିତିଗଲାଣି ନିଜକୁ ଦେଖି ନାହାନ୍ତି । ଆଗପଟେ କିଛି ଚୁଟି ଅବଶ୍ୟ ପାଚିଥିଲା ହେଲେ ଆଜି କିଛି ଅଧିକ ପାଚିଲା ପରି ମନେ ହେଉଛି । ନିଜ ବୟସକୁ ଦେଖି ସେ ଆଇନାକୁ ପଚାରୁଥିଲେ, ସେ ଯାହା କରିବାକୁ ଯାଉଛନ୍ତି ତାହା ନିର୍ଭୁଲ ତ ! ହେଲେ ସେ ତ ଅନେକ ଦିନ ପୂର୍ବରୁ ସ୍ଥିର କରିଥିଲେ ତେବେ ଆଜି ଏ ଦ୍ୱନ୍ଦ କାହିଁକି ! ହାତରେ

ଚିଠିଟିଏ ଧରିଛନ୍ତି, ବାରମ୍ବାର ପଢୁଛନ୍ତି, ପୁଣି ଅନ୍ୟମନସ୍କ ହୋଇ ଉଠୁଛନ୍ତି । ସେ ଚିଠି ଲେଖିଛନ୍ତି ସୁରେଶ ଦାସଙ୍କୁ, ସେ ମୁକ୍ତି ଚାହାନ୍ତି, ହଁ ଛାଡ଼ପତ୍ର..। ହେଲେ ଏଇ ବୟସରେ !! ପୁଣି ଦ୍ୱନ୍ଦ । ଜୀବନଟା ସାରା ନିଜକୁ ଅବହେଳା, ଅଣଦେଖା ଅନୁଭବ କରୁଥିବା ରୀମା ଦିନେ ନିଷ୍ପତ୍ତି ନେଇଥିଲେ ନିଜ ଇଚ୍ଛାରେ ବଞ୍ଚିବାକୁ । ସକାଳୁ ସଞ୍ଜ ଯାଏଁ ସମସ୍ତଙ୍କ କଥା ବୁଝିବା ପରେ ନିଜ ପାଇଁ ସମୟ ପାଉ ନଥିଲେ । ସୁରେଶ କୌଣସି କାମରେ ସାହାଯ୍ୟ ତ ଦୂର କଥା ବରଂ ରୀମାଙ୍କ ପ୍ରତି କାମରେ ଖୁଣ ବାହାର କରି ଅପଦସ୍ତ କରୁଥିଲେ । ତାଙ୍କର ପ୍ରତିଟି କାମ ନିଖୁଣ ହେବା ଦରକାର । ଏମିତିକି ପରିବା ସବୁ ଗୋଟିଏ ସାଇଜରେ କଟାହେବ, ଚା କପ୍ ସହିତ ପ୍ଲେଟ୍ ରହିବ, ଗ୍ଲାସରେ ପିଇବା ପାଣି କେତେ ରହିବ, ବାଢିବା ସମୟରେ କିଛି ତଳେ ପଡିବନି, ସବୁ ଜିନିଷ ହାତ ପାହାନ୍ତାରେ ରହିବ, ପାଣି କଳ କେତେ ଟାଇଟ୍ ହେବ.... ଇତ୍ୟାଦି । କୌଣସି କାମରେ ହାତ ଦେବେନି ଅଥଚ ସବୁଥିରେ ନଜର ଥିବ । ଘରଟା ଯାକର କାମ କରୁ କରୁ ଭୁଲ୍ ଭଟକା ତ ହେବ ହିଁ, ଏମିତି ପ୍ରତିଦିନ କେତେ ସହିବେ ଯେ ! ନାରୀଟିଏ ଚାହେଁ କିଏ କେବେ ତା ରୂପର ଗୁଣର ପ୍ରଶଂସା କରୁ, ମାତ୍ର ସୁରେଶ ପାଖରୁ ସେସବୁ ଆଶା କରିବା ବୃଥା । ରୀମାର ପିନ୍ଧିବା ଲଗେଇବା ଉପରେ କେବେ ଆଖି ଯାଏନି ତାଙ୍କର । ଗାଁରୁ କିଏ ଲୋକ ଘରକୁ ଆସିଲେ ସୁରେଶଙ୍କ କଟାକ୍ଷ ବଢିଯାଏ, ଯିଏ ଆସିଲେ ମଧ୍ୟ ତାଙ୍କ(ସୁରେଶ) ସୁବିଧାରେ ଆଞ୍ଚ ଆସିବନି, ତାଙ୍କ ଖାଇବା, ଶୋଇବା ଜାଗା

ବଦଳିବନି । ସବୁଥିରେ ରୀମା ହିଁ ସାଲିସ୍ କରିବେ । ସେତିକି ବେଳେ ରୀମାଙ୍କୁ ଇଚ୍ଛା ହୁଏ ଘର ଛାଡ଼ି କୁଆଡେ ଚାଲି ଯିବାକୁ, ହେଲେ ଏ ପୁଅଝିଅ ଦିଜଣ ମନଟାକୁ ଛନ୍ଦି ପକାନ୍ତି । ରୀମା ନିଷ୍ପତ୍ତି ନେଇଥିଲେ ପିଲାଙ୍କ ବାହାଘର ପରେ ସେ ଆଉ ସୁରେଶଙ୍କ ସହିତ ରହିବେ ନାହିଁ । ପୁଅଝିଅ ବର୍ତ୍ତମାନ ନିଜ ନିଜ ସଂସାରକୁ ନେଇ ଖୁସି । ଏଇ ସମୟରେ ହିଁ ସେ ଘର ଛାଡିବେ । ହେଲେ ଏଇ ମନଟା ଉପରେ ଏତେ ଚାପ କାହିଁକି ! ପୁଣି ଭାବିଲେ ସେ ସୁରେଶଙ୍କୁ ଛାଡ଼ପତ୍ର ଦେବେ, ଏଇ ବୟସରେ...! ଆଇନାରେ ନିଜକୁ ଦେଖି କହି ପକାଇଲେ, ତ କ'ଣ ହେଲା ! ଏଇସବୁ ଭୁଲ୍ ପାଇଁ ଆଜିକାଲିର ପିଲା ତ ଦଶ ଥର ଛାଡ଼ପତ୍ର ଦେବେ । ଏତିକି ବେଳକୁ ବିଜୁଳି କଟିଗଲା, ଚାରିଆଡେ ବହଳ ଅନ୍ଧାର । ରୀମା ଆଉ ଆଇନାରେ ନିଜକୁ ଦେଖି ପାରୁ ନଥିଲେ । ଚିଠିଟିକୁ ହାତରେ ଧରି ଚିନ୍ତା କରୁଥିଲେ କେମିତି ଦେବେ ସୁରେଶଙ୍କୁ, କ'ଣ କହିବେ ତାଙ୍କୁ, ତାଙ୍କ ଦୋଷ ଦୁର୍ବଳତାକୁ କେମିତି ବଖାଣିବେ ! ସେ ଯିବାପରେ ସୁରେଶଙ୍କୁ ସକାଳେ ଚା କିଏ ଦେବ, ସେ ତ କିଛି କରି ଜାଣି ନାହାଁନ୍ତି । ଦିନସାରା ନିଜକୁ ସେ ଏକୁଟିଆ କେମିତି ସମ୍ଭାଳିବେ, ରାତିରେ ମଶାରୀ ନଦେଇ ଯଦି ଶୋଇଯିବେ...! ଔଷଧ ତ ସବୁବେଳେ ଭୁଲି ଯାଆନ୍ତି..। ବିଜୁଳି ଆସିଗଲା, ଅନ୍ଧାର ଘୁଞ୍ଚିଗଲା । ରୀମା ପୁଣି ଆଇନାକୁ ଚାହିଁଲେ, ଲୁହରେ ମୁହଁଟି ଭିଜି ଯାଇଥିଲା ଆଉ ବତୁରି ସାରିଥିଲା ହାତରେ ଧରିଥିବା ଚିଠିଟି । ରାଗ ଅଭିମାନ ଭିତରେ ଥିବା

ଭଲପାଇବାକୁ ଯେଉଁ ଆଇନା ଦେଖେଇ ପାରି ନଥିଲା, ଅନ୍ଧାର ତାକୁ ବୁଝାଇ ଦେଇଥିଲା ରୀମାଙ୍କୁ । ସୁରେଶ ସେପଟେ ଦାଣ୍ଡଘର ଚାର୍ଜଲାଇଟ୍ ବନ୍ଦ କରିବାକୁ ତାଗିଦ୍ କରୁଥିଲେ ।

*****

ରାଉରକେଲା

# ନିଜ ଘରେ ଅଜଣା ମଣିଷ



ଲିପ୍ସା ଆଚାର୍ଯ୍ୟ

"**ଶୁ**ଣ, ଗ୍ୟାସ୍ ପାଖରେ ତୁମର ରାତି ଖାଇବା ରଖିଦେଇଛି । ଏ ପର୍ଯ୍ୟନ୍ତ ଥଣ୍ଡା ହେଇ ନ ଥିବ, ଖାଇ ନିଅ । ମୁଁ କାଲି ସକାଳେ ଆସିଯିବି ।" ଏତିକି କହି ଫୋନଟି କଟିଗଲା । ଉତ୍ତରରେ କିଛି କହିବାର ବି ନ ଥିଲା ବିନୟର । ଫୋନକୁ ରଖି ବିନୟ ବାଲ୍କୋନୀ ଚ୍ୟାୟାରରେ ବସିଗଲେ । ଘରଟା ତାଙ୍କୁ ପର ପର ଲାଗୁଥାଏ । ସେ ଘରର ନିର୍ଜନର ନୀବରତାକୁ ସହଜରେ ଗ୍ରହଣ କରି ପାରୁ ନାହାଁନ୍ତି, ବୋଧହୁଏ ବନିତାର ଅନୁପସ୍ଥିତିକୁ ! ନା ନା ସେ କାହିଁକି ବନିତାକୁ ଝୁରିବେ । ବିନୟଙ୍କ ନାମରେ ଶଙ୍ଖା ସିନ୍ଦୁର ଧାରଣ କରି ବନିତା ସାମାଜିକ ମର୍ଯ୍ୟାଦାରେ ସ୍ତ୍ରୀ ରୂପରେ, ତାଙ୍କର ଅନିଚ୍ଛା ସତ୍ତ୍ୱେ ଜୀବନ ପରିଧି ଭିତରକୁ ଚାଲି ଆସିଲେ । ଦୁଇବର୍ଷ ତଳେ ବାପା ଗାଁରୁ ବିନୟଙ୍କ ପାଖକୁ ଆସିଥିଲେ । ତାଙ୍କ ନିକଟରେ କିଛିଦିନ କାଟିବେ ଏବଂ ନିଜ ବନ୍ଧୁଙ୍କ ଝିଅ ବାହାଘରେ ଯୋଗ ଦେବେ ବୋଲି । ସିଏ କ'ଣ ଜାଣିଥିଲେ, ଯେଉଁ ବାହାଘରକୁ ବାପାଙ୍କ ସହିତ ଅତିଥି ହେଇ ଯାଇଥିଲେ; ସେ

ବାହାଘରେ ନିଜେ ବର ପାଲଟି ଯିବେ । ସେଦିନ ଯେଉଁ ବାପା ବନିତାକୁ ନିଜ ହାତରେ ତଣ୍ଟିଚିପି ବାକୁ ପଛେଇ ନ ଥିଲେ, ଆଜି ତାଙ୍କ ପାଇଁ ବନିତା ଦୌଡି ଯାଇଛନ୍ତି । ସେ ପରିସ୍ଥିତି ପାଇଁ ସମୟ ହିଁ ଦାୟୀ ଥିଲା । ବର ଯଦି ବିବାହ ପୂର୍ବରୁ ଅନ୍ୟ କୌଣସି ଝିଅ ସହିତ ଫେରାର୍ ହେଇଯାଏ, ତାହାହେଲେ କ'ଣ ବିରାରା ମଙ୍ଗୁଳା କନ୍ୟାର ଭୁଲ୍ । ଏ ସମାଜ ବି ବହୁତ ସୁନ୍ଦର ଭାବରେ କହିଦିଏ, ଝିଅଟିର ଭାଗ୍ୟ ଖରାପ । ଝିଅ ଟିଏ ଜନ୍ମ ହେଲେ ବାପା ମା' ହିଁ ତାକୁ ପ୍ରଥମେ ଗ୍ରହଣ କରିପାରନ୍ତି ନାହିଁ । ସେଥିପାଇଁ ବୋଧହୁଏ, ଝିଅଟି ନିଜେ ନିଜକୁ ଭଲ ପାଏ ନାହିଁ । ସେ କେବେ ବନିତାକୁ ନିଜ ବିଷୟରେ କହିବାର ଦେଖି ନାହାଁନ୍ତି । ଫୋନଟି ପୁଣିଥରେ ବାଜି ଉଠିଲା । ବିନୟ ଚ୍ୟାୟାରରୁ ଉଠି ଯାଇ ଦେଖିଲେ ବନିତା ଫୋନ କରିଛନ୍ତି । ଉଠାଇ ହେଲୋ କହିବା ପୂର୍ବରୁ ସେପଟୁ ଶୁଣାଗଲା ; " ତୁମେ ଖାଇ ସାରିଲ ?" ଏଥର ବିନୟ ଉତ୍ତରରେ କହିଲେ; " ନା "। ମୁଁ ଭଲ ଭାବରେ ଜାଣିଥିଲି ତୁମେ ଖାଇ ନ ଥିବ । ତରତରରେ କେବଳ ଭାତ, ଭଜା କରି ଦେଇ ଆସିଗଲି । ଡାଲି କରି ପାରିଲି ନାହିଁ । କିମ୍ବା ଅନ୍ୟ କୌଣସି ଖାଦ୍ୟ ତିଆରି କରି ପାରିଲି ନାହଁ । ଆଜି ଗୋଟିଏ ଦିନ ଚଳେଇ ନିଅ । କାଲି ସକାଳୁ ସକାଳୁ ମୁଁ ଆସିଯିବି । ବାପା ବର୍ତ୍ତମାନ ଭଲ ଅଛନ୍ତି । ହଁ, ଟେ ଭରି ବିନୟ ଫୋନ ରଖି ଦେଲେ । ରୋଷେଇ ଘରୁ ଭାତ, ଭଜା ଆଣି ଖାଇବା ଟେବୁଲ ଉପରେ ବସିଲେ । ପେଟରେ ଭୋକ ଥିଲା ସତ ହେଲେ ତାଙ୍କର ଖାଇବାକୁ

ମନ ହେଉ ନ ଥିଲା । ସବୁ ଦିନ ପରି ଆଜି ଖାଇବା ସମୟରେ ବନିତା ନ ଥିଲେ । ସେ କିଛି କହୁ ନ ଥିଲେ ମାତ୍ର ଆଜ୍ଞାକାରୀ ସ୍ତ୍ରୀ ପରି ତାଙ୍କ ମୁହଁକୁ ଚାହିଁ ବସୁଥିଲେ । ବିନୟ କେବେ ଅଫିସରେ ଥାଇ ବନିତାକୁ ଫୋନ କରି ତୁମେ ଖାଇଛ କି ନାହିଁ କିମ୍ବା ଏକୁଟିକା ଘରେ କ'ଣ କରୁଛ ପଚାରି ନାହାଁନ୍ତି । ତାହାହେଲେ ବନିତାଙ୍କ ଏପରି ଯତ୍ନ ନେବାକୁ କ'ଣ କୁହା ଯାଇପାରେ । କର୍ତ୍ତବ୍ୟ ନା ପ୍ରେମ । ବିନୟ ଖାଇ ସାରି ବାସନକୁ ବେସିନରେ ପକାଇ ଦେଇ । ବହି ଥାକ ପାଖରେ ଯାଇ ଠିଆ ହେଲେ, ଅନ୍ୟମନସ୍କ ଭାବରେ ଟାଣି ଆସିଲେ ବହି ଖଣ୍ଡେ । ମାତ୍ର ତାହା ବହି ନୁହେଁ ବରଂ ଏକ ଡାଏରୀ ଥିଲା । ବିନୟ ଅନେକ ଦିନ ତଳରୁ ଡାଏରୀ ଲେଖିବା ଛାଡି ଦେଇଛନ୍ତି । ଏହା ତାହାହେଲେ ବନିତାଙ୍କ ଡାଏରୀ । ବିନୟ ପଢିବେ କି ନାହିଁ ଭାବି ଭାବି ଓଲଟାଇ ପକାଇଥିଲେ ମଲାଟ । ସାଧା କାଗଜ ଦେହରେ ସୁନ୍ଦର ହସ୍ତାକ୍ଷରରେ ଲେଖାଥିଲା ଇଂରାଜୀ କବିତା । ପଢିବାକୁ ଲାଗିଲେ ବିନୟ । ଚମତ୍କାର ଲେଖା । ବନିତା କ'ଣ ପାଠ ପଢିଥିବେ ? ସେ କେବେ ପଚାରି ବୁଝି ନାହାନ୍ତି । ଗୋଟିଏ ଘରର ଛାତ ତଳେ ରହୁଥିବା ସମାନ୍ତରାଳ ରେଖାର ମଣିଷ ସେ ଦୁହେଁ । ସମ୍ପର୍କ ଅଛି ମାତ୍ର ସେ ଦୁହେଁ ପରସ୍ପରକୁ ଜାଣନ୍ତି ନାହିଁ । ବିନୟ ପଢୁ ପଢୁ ଅଟକି ଗଲେ । ଏ କବିତା ଟିକୁ ତ ସେ କିଛିଦିନ ତଳେ ଏକ ପ୍ରତିଷ୍ଠିତ ପତ୍ରିକାରୁ ପଢିଥିଲେ ଭିନ୍ନ ଏକ ନାମରେ । କିଛି ବୁଝିବା ପୂର୍ବରୁ ତଳେ ଖସି ପଡିଲା କିଛି ଚିଠି । ବିନୟ ଚିଠିକୁ ଉଠାଇଲେ ଆଉ ପଢିଲେ ।

ବର୍ତ୍ତମାନ ତାଙ୍କ ନିକଟରେ କିଛି ଅବୁଝା ରହିଲା ନାହିଁ । ବନିତା କାହିଁକି ତାଙ୍କ ନିଜ ପରିଚୟ ଲୁଚାଇ ରଖିଛନ୍ତି । ତାହାହେଲେ କ'ଣ ସ୍ତ୍ରୀ ତା' ସ୍ୱାମୀର ପରିଚୟ ନେଇ ଜୀବନ କାଟିବାକୁ ଭଲପାଏ । ବିନୟ ନିଜ ଘରେ ଏକ ଅଜଣା ମଣିଷକୁ ଆଜି ପାଇଲେ । ଡାଏରୀ ଆଉ ଚିଠିକୁ ଧରି ପୂର୍ବ ପରି ବାଲ୍କୋନୀ ଚ୍ୟାୟାରରେ ଯାଇ ବସିଲେ । ସହର ଶୋଇ ପଡିଛି । ଆକାଶରେ ଜହ୍ନ ବହ୍ନେ ମିଠେଇ ପରି ଲାଲ୍ ଟହ ଟହ ଦେଖା ଯାଇ ମହ ମହ ପ୍ରେମରେ ବାସୁଥିଲା । ଗୋଟିଏ ନୂତନ ସକାଳର ଅପେକ୍ଷାରେ ।

*****

ହୁଡକୋ କଲୋନୀ,
ଭଞ୍ଜ ବିହାର, ବ୍ରହ୍ମପୁର

# ଭିନ୍ନ ଏକ ଗ୍ୟାଙ୍ଗଷ୍ଟାର୍



ଦୀପକ ଷଡଙ୍ଗୀ

**ଭି**କିର ଆଖିରେ ଗୁଡା ହେଇଥିଲା ଗୋଟେ କଳା ପଟି । ଦୀର୍ଘ ୧୨ଘଣ୍ଟା ହେଲାଣି ମାରୁତି ଭ୍ୟାନ୍ ଭିତରେ ତା'ର ଦୁଇ ହାତ ବନ୍ଧା ହେଇଛି ଓ ଆଖିରେ ଗୁଡା ହେଇଛି କଳାପଟି । କିଛି ଲୋକ ତା'ର ଚାରି ପାଖରେ ବସି ହିନ୍ଦୀରେ କେତେ କ'ଣ ସବୁ କଥା ହେଉଥିଲେ ଆଉ ହସୁଥିଲେ । ଭିକି ଯେଉଁ ନେତା ପାଖରେ କାମ କରୁଥିଲା ତାଙ୍କର କଡା ତାଗିଦ ଯେ ଭିକିକୁ କିଛିଦିନ ପାଇଁ ଅଣ୍ଡରଗ୍ରାଉଣ୍ଡ୍ କରି ଦିଆଯାଉ; କାରଣ କି ଏବେ ସହରର ମାହୋଲ ଏକଦମ ଗରମ ଅଛି । ଗାଡି ଯାଇଁ ଅଟକିଲା ଗୋଟେ ପାହାଡ ପର୍ବତ ଘେରା ନିକାଞ୍ଚନ ଗାଁ ଭିତରେ । ତା'ର ଆଖିରୁ କଳାପଟି ଖୋଲି ଦିଆଗଲା । ଭିକି ଆଖି ମଳିମଳି ଚାହିଁଲା । ଦେଖିଲା ସେ ଛିଡା ହୋଇଛି ଗୋଟେ ପାହାଡ ପର୍ବତ ଘେରା କେଉଁ ଏକ ଅଜଣା ରାଇଜରେ । ପାହାଡ ଗୁଡା ଦୂରରୁ ବେଶ ସୁନ୍ଦର ଓ ରହସ୍ୟମୟ ଲାଗୁଥିଲେ ତାକୁ । ତା ସାଙ୍ଗରେ ଆସିଥିବା ଲୋକମନେ ତାକୁ ସେଇଠି ଛାଡିଦେଇ କୁଆଡେ ପଳେଇ ଗଲେ ଭିକି କିଛି

ଜାଣି ପାରିଲା ନାହିଁ । ଭିକି ସେମିତି ପାହାଡ ଗୁଡାକୁ ଅନେଇଥାଏ । କିଛି ସମୟ ପରେ ଜଣେ ବୃଦ୍ଧ ତା ପାଖକୁ ଆସି ଆଦିବାସୀଙ୍କ ଭଳି ହିନ୍ଦୀରେ କିଛି କହିଲା ଭିକି ତା'ର କଥାକୁ ସମ୍ପୂର୍ଣ୍ଣ ବୁଝିପାରି ନଥିଲେ ବି ତା ପଛେପଛେ ସେ ଚାଲିଲା । ବୃଦ୍ଧ ଆଦିବାସୀ ତାକୁ ନେଇ ଗୋଟେ ଛୋଟ କୁଡିଆ ଘରେ ପୁରେଇ ଦେଲା । ଭିକିକୁ ଲାଗିଲା ଯେ ସେ ପ୍ରଥମ ନୁହଁ; ଏ ଜାଗାକୁ ତା ଆଗରୁ ଅନେକ ଲୋକ ଆସିଛନ୍ତି ଏଠାରେ ଆତ୍ମ ଗୋପନ ଲାଗି । ସେ ଯାହା ହେଉ କୁଡିଆ ଭିତରେ ନିତ୍ୟ ବ୍ୟବହାର ପାଇଁ ସବୁ ଛୋଟ ବଡ ଜିନିଷର ଅବଶ୍ୟକତାକୁ ପୂରଣ କରିବା ପାଇଁ ସବୁ ସରଞ୍ଜାମ ସଜା ହୋଇ ରଖା ହୋଇଥିଲା । କିଛି ସମୟ ପରେ କୁଡିଆର ଦୁଆର କବାଟ ଠକଠକ ହେଲା । ଭିକି କବାଟ ଖୋଲିବାରୁ ଦେଖିଲା ସେଇ ବୃଦ୍ଧ ଜଣକ ହାତରେ କିଛି ଖାଇବା ଜିନିଷ ଧରି ଛିଡା ହେଇଛି । ବୁଢା ଆଦିବାସୀ ଭାଷାରେ ତାକୁ କ'ଣ ସେ କହିଲା ସେ କିଛି ବୁଝି ପାରିଲା ନାହିଁ; କିନ୍ତୁ ଏତିକି ବୁଝି ପାରିଲା ଯେ ଖାଇବା ଖାଇ ଦେଇ ଶୋଇପଡ ବୋଲି ସେ କହିବାକୁ ଚାହୁଁଛି ବୋଲି । ଭିକି ତା ହାତରୁ ଖାଇବା ନେଇ ଯାଇ ଖାଇସାରି ଶୋଇ ପଡଲା । ସ୍ୱପ୍ନରେ ତା'ର ଅତୀତ ତା ଆଖିରେ ଭାସି ଉଠିଲା । ଇଉନିଭର୍ସିଟିରେ ଭର୍ତ୍ତି ହେବା ପରେ ବିକ୍ରମ ମହାନ୍ତି ଚାଲି ଆସିଥିଲା ସହରକୁ । ମାମୁଁ ତା'ର ରହୁଥିଲେ ସହରର ଶେଷ ମୁଣ୍ଡରେ ଥିବା ବସ୍ତିରେ । ତେଣୁ ସେ ମନସ୍ଥ କରିଥିଲା କି ହଷ୍ଟେଲରେ ନ ରହି ମାମୁଁଙ୍କ ଘରେ ରହି ପଢିବାକୁ କାରଣ ହଷ୍ଟେଲର ଫୀ

ଭରିବାକୁ ତା'ର ପାଖରେ ଏତେ ସମ୍ବଳ ନ ଥିଲା । ସେଥିପାଇଁ ସେ ବାଛି ନେଇ ଥିଲା ଏଇ ବସ୍ତିକୁ । ବସ୍ତି ଭିତରେ ଥିଲା କିଛି ଅସ୍ଥାୟୀ ଘର । ଯାଯାବର ଶ୍ରେଣୀର କିଛି ଶ୍ରମିକଙ୍କ ଘର ସବୁ ସରକାରୀ ଜାଗା ଉପରେ ତିଆରି କରା ହେଇଥିଲା । ଶ୍ରମିକ ଶ୍ରେଣୀର ଲୋକ ମାନଙ୍କର ଅବଶ୍ୟକତା ଥିଲା ସହରକୁ ଆହୁରି ସରସ ଓ ସୁନ୍ଦର କରି ଗଢି ତୋଳିବାକୁ । ସେଥିପାଇଁ ଶ୍ରମିକ ହାଟ ବସୁଥିଲା ପ୍ରତିଦିନ ସକାଳେ ବସ୍ତିର ଆରମ୍ଭରେ ଥିବା ଛକ ଉପରେ । ସବୁ ଲୋକକୁ ଯେ ସବୁଦିନ କିଛି କାମ ମିଳିବ ତାହାର କୌଣସି ଭରସା ନ ଥିଲା; ଯାହାକୁ କାମ ମିଳୁଥିଲା ସେ ଯାଉଥିଲା ଆଉ ଯାହାକୁ ମିଳୁ ନ ଥିଲା ସେ ମୁହଁ ଶୁଖେଇ କି ଆସି ଘରେ ବସି ରହୁଥିଲା । ସନ୍ଧ୍ୟା ହେଲାମାନେ ବସ୍ତିର ରଙ୍ଗ ବଦଳି ଯାଉଥିଲା । ରୋଜଗାର କରିଥିବା ଟଙ୍କାର ପ୍ରାୟ ଅର୍ଦ୍ଧାଧିକ ଭାଗ ପାଖରେ ଥିବା ସରକାରୀ ମଦ ଦୋକାନରେ ହିଁ ଖର୍ଚ୍ଚ ହେଇ ଯାଉଥିଲା ସେମାନଙ୍କର । ରାତି ହେଲା ମାତ୍ରକେ ମଦ ପିଇ କି ଆସିଥିବା ଶ୍ରମିକମାନେ ଅକଥନୀୟ ଅତ୍ୟାଚାର କରୁଥିଲେ ତାଙ୍କ ପରିବାର ଓ ପିଲା ଛୁଆଙ୍କ ଉପରେ । ଏମିତିକି ବିକ୍ରମର ମାମୁଁ ମଧ୍ୟ ସେଥିରୁ ବାଦ ପଡୁ ନଥିଲା । ସହରର ଗୋଟେ ଜଣାଶୁଣା ରାଜମିସ୍ତ୍ରୀ ଭାବରେ ତା ମାମୁଁର ବହୁତ ଭଲ ନାଁ ଥିଲା ସେ ବସ୍ତିରେ । ବିକ୍ରମ ସବୁ ଦେଖେ, ଯେ ମାମୁଁ ଆସି ତା ମାଇଁ ଓ ଭାଣିଜୀ ମିତାକୁ ପିଟୁଛନ୍ତି; କିନ୍ତୁ ସେ ଯଦି ସେଥିରେ ବାଧା ଦିଏ ମାମୁଁ କଡା ଶବ୍ଦରେ ଶୁଣେଇ ଦିଅନ୍ତି "ତୁ ଆମ ଘର କଥାରେ ମୁଣ୍ଡ ପୁରାନା"

କିଛି କରି ପାରେନି ବିକ୍ରମ । ଭାଣିଜୀ ମିତା ଆସି ମାଟ୍ରିକ ପରୀକ୍ଷା ଦେବ କିନ୍ତୁ ବାପର ଅତ୍ୟାଚାର ଆଗରେ ସେ ବି ମୁଣ୍ଡ ପାତି ଦେଇଛି । ସହରରେ ଯେ କୌଣସି ଅପରାଧିକ କାର୍ଯ୍ୟ ହେଲେ ପୋଲିସର ପ୍ରଥମ ଚଢଉ ଏଇ ବସ୍ତିରୁ ହିଁ ଆରମ୍ଭ ହେଉଥିଲା । ରାତିରେ ଆସି ଜଣେ ଦୁଇଜଣ ଲୋକଙ୍କୁ ବାନ୍ଧି ନେଇ ଯାଉଥିଲା ପୁଲିସ । ଜୋର ଜବରଦସ୍ତି କରି କରିନଥିବା ଅପରାଧକୁ ବି ମାଡ ମାରି ସ୍ୱୀକାରୋକ୍ତି କରେଇ ନେଉଥିଲା ଓ ପରେ ପୁଣି ଆଣି ଛାଡି ଦେଉଥିଲା । ଏମିତିକି ବସ୍ତିରେ ଥିବା ବଢିଲା ଝିଅମାନଙ୍କର ଦେହ ବେପାର ବି ଚାଲିଥିଲା ବସ୍ତିରେ । ଏମିତିକି କିଛି ଝିଅ ଲୋକ ଲଜ୍ଜା ସହି ନ ପାରି ଆତ୍ମହତ୍ୟା ବି କରି ସାରିଥିଲେ । ଏସବୁ ବିକ୍ରମ ସବୁଦିନେ ତା ଆଖି ଆଗରେ ହେଉଥିବାର ଦେଖି ଖୁବ ଅଶ୍ୱସ୍ତି ଅନୁଭବ କରୁଥିଲା । ବିକ୍ରମକୁ ଲାଗିଲା ସହରର ସବୁ ସମସ୍ୟା ଲାଗି ସମସ୍ତେ ଏଇ ବସ୍ତିକୁ ହିଁ ଦୋଷ ଦେଉଛନ୍ତି ତେଣୁ ଏମାନଙ୍କୁ ନିଜର ହକ୍ ବିଷୟରେ ଜଣେଇବାକୁ ହେବ, ଅନ୍ୟାୟ ଆଗରେ ମୁଣ୍ଡ ପାତିବା ଅପେକ୍ଷା ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେବ, ନିର୍ଦ୍ଦୋଷରେ ଦଣ୍ଡ ଭୋଗୁଥିବା ବସ୍ତି ବାସିନ୍ଦାଙ୍କୁ ଜେଲରୁ ମୁକୁଳେଇ ବାକୁ ହେବ, କିନ୍ତୁ ଏ ସବୁ ସମ୍ଭବ କିପରି ହେବ । ସେଥିପାଇଁ ସେ ବସ୍ତିର କିଛି ଯୁବକଙ୍କୁ ଏକତ୍ରିତ କଲା, ଇଉନିଭର୍ସିଟିର କିଛି ବନ୍ଧୁ ମାନଙ୍କୁ ବି ଏ ବିଷୟରେ ଜଣେଇଲା । ଦିନେ ବସ୍ତିର ଲୋକ ମାନଙ୍କୁ ଏକାଠି କରି ବିକ୍ରମ ଏ ସବୁ ଅତ୍ୟାଚାରର କଥା ବିଭାଗୀୟ ମନ୍ତ୍ରୀଙ୍କୁ ଜଣେଇବା ପାଇଁ

ରାସ୍ତାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଲା । ସେମାନଙ୍କୁ ଧାରଣାରେ ବସିଥିବାର ଦେଖି କିଛି ସାମ୍ବାଦିକ ଓ ଟିଭି ଚ୍ୟାନେଲର ଲୋକ ମାନେ ବି ଜମି ଗଲେ । ବିଭାଗୀୟ ମନ୍ତ୍ରୀ ମହୋଦୟ ଏ ସବୁ ଦେଖି ଡରିଗଲେ । ମୁଖ୍ୟମନ୍ତ୍ରୀଙ୍କର କଡା ତାଗିଦ ଆସିଲା ଆଗରେ ନିର୍ବାଚନ ଅଛି ଯେତେ ଦୂର ସମ୍ଭବ ଏ ସବୁ ସମସ୍ୟାକୁ ସମାଧାନ କରି ବସ୍ତି ଲୋକଙ୍କୁ ଶାନ୍ତ କରାଅ; କାରଣ ବସ୍ତି ବାସିନ୍ଦାମାନେ ହିଁ ଗୋଟେ ବଡ ଭୋଟବ୍ୟାଙ୍କ । ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ପାଳିବାକୁ ଯାଇ ବିଭାଗୀୟ ମନ୍ତ୍ରୀ ବିକ୍ରମ ପାଖକୁ ଆସି ତାକୁ ଆଶ୍ୱସନା ଦେଲେ ଯେ ସେମାନଙ୍କ ଦାବି ଖୁବ ଶୀଘ୍ର ପୂରଣ ହେବ ଏବଂ ସେଇଆ ହେଲା ମଧ୍ୟ ସେମାନେ ଧାରଣାରୁ ଓହରିବାର କିଛି ଦିନ ପରେ ହିଁ ବସ୍ତିର କିଛି ଲୋକମାନଙ୍କୁ ଜେଲରୁ ଜାମିନରେ ଛାଡି ଦିଆଗଲା । ଯେଉଁ ଦିନ ସେମାନେ ଜେଲରୁ ଫେରିଲେ ସେଦିନ ବସ୍ତିବାଲା ସମସ୍ତେ ମିଶି ବିକ୍ରମକୁ କାନ୍ଧରେ ବସେଇ ବୁଲେଇଲେ, ହୋ-ହାଲ୍ଲା କଲେ, ଉତ୍ସବ କଲେ ରାତାରାତି ବିକ୍ରମ ପାଲଟିଗଲା ବସ୍ତିର ହୀରୋ । ବିକ୍ରମ ସ୍ୱପ୍ନରେ ବି ଭାବି ନଥିଲା ଯେ ତା ଜୀବନକୁ ଏ ଘଟଣାଟି ଏତେ ପ୍ରଭାବିତ କରିବ ବୋଲି । ସେ ବସ୍ତିର ସବୁ ଲୋକଙ୍କ ଭଲମନ୍ଦ ବୁଝିଲା କାହାର ରେସନ କାର୍ଡ ଦରକାର, କାହାର ଭୋଟର ପରିଚୟ ପତ୍ର ଦରକାର କାହାକୁ ଅସହାୟ ଭତ୍ତା ଦରକାର ଇତ୍ୟାଦି ସବୁ ଛୋଟ ବଡ କାମ ପାଇଁ ବସ୍ତିବାଲା ବିକ୍ରମ ଉପରେ ନିର୍ଭର କରିବାକୁ ଲାଗିଲେ । ଏ କଥା ସହରର କୋର୍ପୋରେଟରଙ୍କ କାନକୁ ଆସିଲା ।

ବିକ୍ରମକୁ ବିଭିନ୍ନ ଦଳ ପକ୍ଷରୁ ନିମନ୍ତ୍ରଣ ମଧ୍ୟ ମିଳିଲା । ଏଇ କିଛି ଦିନ ଭିତରେ ବିକ୍ରମ ଜାଣି ପାରିଥିଲା ଯେ ଶାସକ ଦଳ ସହ ନ ମିଶିଲେ କୌଣସି କାମକୁ ଆଗକୁ ନେଇ ହେବନି । ସେଥିପାଇଁ ସେ ଶାସକ ଦଳରେ କର୍ମୀ ହିସାବରେ ଯୋଗ ଦେଲା କିନ୍ତୁ ଏଇ ଭିତରେ ବସ୍ତିରେ ଅନ୍ୟ ଏକ ଗୋଷ୍ଠୀ ତାର କାର୍ଯ୍ୟକଳାପକୁ ଜମା ପସନ୍ଦ କରୁ ନ ଥିଲେ । ବିକ୍ରମକୁ ଅପଦସ୍ଥ କରାଇବା ପାଇଁ ସେମାନେ ତା ମଦ୍ୟପ ମାମୁଁର ସହାୟତା ଲୋଡିଲେ ଓ ବିକ୍ରମ ନାଁରେ ମିଛକଥା କହି ଉସୁକାଇଲେ । ବିକ୍ରମର ଭାଣିଜୀ ମିତା ଉପରେ ଖରାପ ନଜର ପକେଇଲେ । ଦିନେ ଏକ ରାତିରେ ସେଇ ଗୋଷ୍ଠୀର ରାଜୁଆ ଓ ତା'ର ଦୁଇଜଣ ମଦ୍ୟପ ସାଙ୍ଗ ମିତା ଟିଉସନରୁ ଫେରୁଥିବାର ସୁଯୋଗ ନେଇ ତାକୁ ଟେକି ନେଇ ଦୁଷ୍କର୍ମ କରି ତଣ୍ଟିଚିପି ହତ୍ୟା କଲେ ଓ ତା'ର ମାମୁଁକୁ ଆସି କହିଲେ ଯେ ସେମାନେ ଦେଖିଛନ୍ତି ଯେ ବିକ୍ରମ ତାର ଭାଣିଜୀକୁ ଧର୍ଷଣ କରି ହତ୍ୟା କରିଛି ବୋଲି । ବିକ୍ରମ ଘରକୁ ଆସି ଦେଖେ ତ ମିତାର ରକ୍ତ ଜୁଡୁବୁଡୁ ଅର୍ଧନଗ୍ନ ଶରୀର ତା ସାମ୍ନାରେ ପଡିଛି । ମାମୁଁ ବିକ୍ରମ ଉପରେ ଝପଟି ପଡି ତା'ର ବେକକୁ ଧରି କୁହନ୍ତି ଯେ ସେ ହିଁ ମିତାର ହତ୍ୟାକାରୀ ବୋଲି ଏକଥା ଶୁଣି ବିକ୍ରମର ଗୋଡତଳୁ ମାଟି ଖସିଯାଏ । କ୍ରୋଧରେ ଅନ୍ଧ ହୋଇ ସେ ଜାଣିବାକୁ ଚାହେଁ ଯେ କିଏ ତା ନାଁ ରେ ଏ ଅପପ୍ରଚାର କରିଛି ବୋଲି । ଠିକ୍ ଏହି ସମୟରେ ପୋଲିସ ଆସି ବିକ୍ରମକୁ ବାନ୍ଧି ନେଇ ଥାନାକୁ ନେଇ ଯାଏ ସେଠି ରାତିସାରା ବିକ୍ରମ ଉପରେ

ଅତ୍ୟାଚାର କରେ ପୁଲିସ ବିକ୍ରମର କୌଣସି କଥାକୁ ପୋଲିସ ବିଶ୍ୱାସ କରେ ନାହିଁ । ପରଦିନ ଶାସକ ଦଳର କିଛି ଲୋକ ଆସି ତାକୁ ଜାମିନରେ ପୋଲିସ ଥାନାରୁ ଉଦ୍ଧାର କରନ୍ତି ଏବଂ ତାଙ୍କ ଠାରୁ ସେ ଜାଣିବାକୁ ପାଏ ଯେ ମିତାର ଅସଲ ହତ୍ୟାକାରୀ କିଏ । ବିକ୍ରମ କ୍ରୋଧରେ ଅନ୍ଧ ହୋଇ ପଡେ ସେ ଯାଏ ସହରର ମାଫିଆ ଡନ ରାଙ୍ଗା ଭାଇ ପାଖକୁ ଯିଏ କି ଶାସକ ଦଳର ଡାହାଣ ହାତ କହିଲେ ଚଳେ ନିର୍ବାଚନ ପୂର୍ବ ଓ ପରର ପ୍ରାୟ ସମସ୍ତ ଖର୍ଚ୍ଚ ରାଙ୍ଗା ଭାଇ ହିଁ କରିଥାଏ । ରାଙ୍ଗା ଭାଇ ବିକ୍ରମ ଠାରୁ ସବୁ କଥା ଶୁଣେ ଏବଂ ସେ ବିକ୍ରମକୁ ଉସୁକାଏ ଯେ ହତ୍ୟାର ବଦଲା କେବଳ ହତ୍ୟାରେ ହିଁ ନିଆ ଯାଇପାରିବ । ପ୍ରଥମ ଥର ପାଇଁ ରାଙ୍ଗା ଭାଇ ବିକ୍ରମ ହାତରେ ଧରେଇ ଦିଏ ଗୋଟେ ଛଅ ରାଉଣ୍ଡର ଦେଶୀ ପିସ୍ତଲ । ବିକ୍ରମ ପିସ୍ତଲ ଓ ରାଙ୍ଗା ଭାଇର କିଛି ଲୋକଙ୍କୁ ଧରି ଯାଇଁ ପହଞ୍ଚିଯାଏ ବସ୍ତି ଭିତରେ ଓ ରାଜୁଆକୁ ଘର ଭିତରୁ ଟାଣି ଆଣେ । ରାଙ୍ଗା ଭାଇର ଲୋକ ମାନେ ତା'ର ଅନ୍ୟ ଦୁଇଜଣ ସାଥିଙ୍କୁ ମଧ୍ୟ ଘରୁ ଟାଣି ଆଣି ଥାଆନ୍ତି । ବିକ୍ରମ ସେ ତିନି ଜଣଙ୍କୁ ଘୋଷାଡ଼ି ଘୋଷାଡ଼ି ନେଇ ତା ମାମୁଁଙ୍କ ଘର ଆଗରେ ପକେଇ ଦିଏ ଏବଂ ରାଜୁଆକୁ କହେ  ଯେ ତାର ଭୁଲ ସ୍ୱୀକାର କରିବାକୁ ରାଜୁଆ ପୁରା ବସ୍ତି ସାମ୍ନାରେ ତା'ର ଦୋଷ ସ୍ୱୀକାର କରେ ଏବଂ ମିତାକୁ ସେଇ ଧର୍ଷଣ କରିଛି ବୋଲି ମାନିଯାଏ । ସମସ୍ତଙ୍କ ସାମ୍ନାରେ ବିକ୍ରମ ସେ ତିନି ଜଣଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ତିନି ରାଉଣ୍ଡ ଗୁଳି ମାରେ । ସେ ତିନି ଜଣ ସେଇଠି ହିଁ ଟଳି ପଡନ୍ତି ବିକ୍ରମ ଆଉ

ତିନି ରାଉଣ୍ଡ ଗୁଳି ଶୂନ୍ୟରେ ମାରି ସେଠାରୁ ଫେରାର ହୋଇଯାଏ । ରାଙ୍ଗା ଭାଇ ଓ ଶାସକ ଦଳର ମନ୍ତ୍ରୀ ମାନେ ମିଶି କେସକୁ ରଫାଦଫା କରି ଦିଅନ୍ତି । ଯାହା ଫଳରେ କି ବିକ୍ରମକୁ ମାତ୍ର ଗୋଟିଏ ବର୍ଷରେ ହିଁ ଜେଲରୁ ମୁକ୍ତି ମିଳିଯାଏ । ଜେଲରୁ ମୁକ୍ତି ପାଇବା ପରେ ବିକ୍ରମର ନା ବଦଳି ଭିକି ଭାଇ ହୋଇଯାଏ କାରଣ ସେତେବେଳକୁ ସେ ହୋଇ ସାରିଥାଏ ରାଙ୍ଗା ଭାଇର ଖାସ୍ ଲୋକ । ଭିକି ବସ୍ତିର ଉନ୍ନତି ପାଇଁ ବହୁତ କାମ କରେ । ସମସ୍ତଙ୍କୁ ପକ୍କାଘର, ପାଣି, ବିଜୁଳି, ପିଲାମାନଙ୍କ ପଢିବା ପାଇଁ ସ୍କୁଲ ଆଦିର ସବୁ ସୁବ୍ୟବସ୍ଥା କରିଦିଏ । ସେ ପାଲଟି ଯାଏ ବସ୍ତି ଲୋକମାନଙ୍କ ପାଇଁ ଚଳନ୍ତି ଦେବତା । ବସ୍ତିରେ ଯାହାର ଯାହା ଅସୁବିଧା ହେଲେ ସମସ୍ତେ ଦଉଡନ୍ତି ଭିକିଭାଇ ପାଖକୁ । ଭିକି ତା ମାମୁଁ ଓ ମାଇଁଙ୍କି ନେଇ ନିଜ ପାଖରେ ରଖିଥାଏ । ସହରର ମଝିରେ ତା'ର ଦ୍ୱିତଳ ପ୍ରାସାଦ । ଏଇମିତି ଭାବେ ୪ବର୍ଷ କଟିଯାଏ । ହଠାତ୍ ରାଙ୍ଗାଭାଇର ସଡକ ଦୁର୍ଘଟଣାରେ ମୃତ୍ୟୁ ହୁଏ ଏବଂ ରାଙ୍ଗା ଭାଇ ପରେ ଭିକି ହୋଇଯାଏ ଦଳର ମୁଖ୍ୟ । ସେ ଦଳର ମୁଖିଆ ହେବା ପରେ ମନ ବଳାଏ ଏକ ସ୍ୱତନ୍ତ୍ର ସ୍ୱାଧୀନ ଦଳ ଗଢି ନିର୍ବାଚନ ଲଢିବା ପାଇଁ । ଏହି କଥା ଶାସକଦଳର ମନ୍ତ୍ରୀ ସହ୍ୟ କରିପାରନ୍ତି ନାହିଁ । ସେ ଲୋକ ପଠାନ୍ତି ଭିକିକୁ ଧରି ଏକ ଅଜଣା ଜାଗାକୁ ନେଇ ହତ୍ୟା କରିବା ପାଇଁ ଆଉ ଦିନେ ରାତିରେ ସେ ଘରେ ଶୋଇଥିବା ବେଳେ କିଛି ଲୋକ ତାକୁ ନିଶା ଦେଇ ଅପହରଣ କରି ନେଇ ଯାଆନ୍ତି । ସକାଳର ସୂର୍ଯ୍ୟ ଭିକିର ମୁହଁ

ଉପରେ ବିଛାଡି ହୋଇ ପଡିଲା । ଚାଉଁ କିନା ତା'ର ନିଦ ଭାଙ୍ଗି ଗଲା । ସକାଳୁ ଉଠି ଦେଖିଲା ବେଳକୁ ପୁଣି ସେଇ ବୁଢା ହାତରେ କିଛି ଜଳଖିଆ ଧରିକି ଛିଡା ହେଇଛି ଆଉ ବୁଢାର ପଛରେ ଗୋଟେ ଝିଅଟି ଛିଡା ହୋଇଛି । ଝିଅଟି ହିନ୍ଦୀ କହି ପାରୁଥିଲା ଏବଂ ବୁଝି ବି ପାରୁଥିଲା । ସେ ଭିକିକୁ କହିଲା ଯେ ଯୋଉ ଲୋକମାନେ ତାକୁ ଏଠିକି ଛାଡିକି ଯାଇଛନ୍ତି ସେମାନେ କିଛି ସମୟ ପରେ ଆସିଯିବେ ଓ ତାଙ୍କର ମାଲିକର ଆଦେଶ ଅନୁସାରେ ତୁମକୁ ହତ୍ୟା କରିବେ । ଆମର ଏଇ ଆଦିବାସୀ ବସ୍ତିରେ ସେମାନେ ୫ବର୍ଷ ହେଲାଣି ବହୁତ ଖରାପ କାମ କରୁଛନ୍ତି; ଯେହେତୁ ଆମ ବସ୍ତି ସହରଠାରୁ ବହୁତ ଦୂର ସେମାନେ ଏହି ଠାରୁ ନିଶା କାରବାର ମଧ୍ୟ କରୁଛନ୍ତି ଯାହା ଫଳରେ ନିଶା ଆମ ବସ୍ତିର ଯୁବକ ମାନଙ୍କୁ ନଷ୍ଟ କରିବା ସହ ସହରର ଚାରି ଆଡେ ଏହି ବ୍ୟବସାୟ ଖେଳି ଯାଇଛି । ତୁମେ ଯେତେ ଶୀଘ୍ର ପାରୁଛ ଏଠୁ ଖସି କି ପଳାଅ । ନହେଲେ ସେମାନେ ତୁମକୁ ଆଜି ମାରିବାର ବନ୍ଦୋବସ୍ତ କରିଛନ୍ତି । ଭିକି ସେ ଝିଅ ଠାରୁ ସବୁ କଥା ଶୁଣିବା ପରେ ନିଶ୍ଚିନ୍ତ ହୋଇ କହିଲା, ମୁଁ କୁଆଡେ ବି ଯିବିନି । ଯେଉଁ ପର୍ଯ୍ୟନ୍ତ ତୁମମାନଙ୍କୁ ମୁଁ ଏ ରାକ୍ଷସମାନଙ୍କ କବଳରୁ ମୁକ୍ତି ନ ଦେଇଛି ମୁଁ ଏଇଠି ହିଁ ରହିବି । ଏତିକି କହି ଭିକି କୁଡିଆରୁ ବାହାରି ଯାଇ ଗୋଟେ ଗଛ ଉପରେ ଲୁଚିକି ବସି ପଡିଲା ଏବଂ କୁଡିଆ ଆଡକୁ ଲକ୍ଷ୍ୟ କରି ଅପେକ୍ଷା କରି ରହିଲା ସେମାନଙ୍କର ଆସିବାକୁ । କିଛି ସମୟପରେ ୩ଜଣ ଲୋକ ହାତରେ ଏକେ୪୭ ବନ୍ଧୁକ

ଧରି କୁଡିଆ ଭିତରକୁ ଧସେଇ ପଶି ଅନ୍ଧାଧୁନ ଗୁଳି ଚଳେଇଲେ । ଗୁଳି ଚଳେଇ ସାରି ଦେଖିଲା ବେଳକୁ ସେଠି କେହି କୁଆଡେ ନାହାନ୍ତି । ଗୋଟେ ଲୋକ ଆଉ ଜଣଙ୍କୁ କହିଲା ଯେ ଯାଇଁ କି ସେ ବୁଢାକୁ ପଚାର ଯେ ଯାହାକୁ ଗତକାଲି ଆଣି ଛାଡି ଦେଇ ଯାଇଥିଲେ ସେ ଲୋକ କୁଆଡେ ଗଲା ବୋଲି । ଲୋକଟି ବୁଢା ଘରକୁ ଆସୁଥିବା ସମୟରେ ଆଗରୁ ଲୁଚି କି ଥିବା ବୁଢାର ଝିଅ ଗୋଟେ ବାଉଁଶରେ ତା ମୁଣ୍ଡକୁ ଏକ ଶକ୍ତ ପ୍ରହାର ଦେଲା ଯାହା ଫଳରେ ସେ ଲୋକଟି ସେଇଠି ଟଳି ପଡିଲା । ସେ ଲୋକ ହାତରୁ ବନ୍ଧୁକ ନେଇ ବୁଢାର ଝିଅ ଭିକିକୁ ଗଛ ଉପରୁ ତଳକୁ ଆସିବା ପାଇଁ କହିଲା । ଭିକି ତା ହାତରୁ ବନ୍ଧୁକ ନେଇ କୁଡିଆ ଭିତରକୁ ଅତର୍କିତ ଭାବେ ପଶି ଗୁଳି କରି ସେ ଦୁଇ ଜଣଙ୍କୁ ମଧ୍ୟ ମାରିଦେଲା । ପଛରେ ଭିକି ଜାଣିବାକୁ ପାଇଲା ଯେ ସେ ଯାହାକୁ ଗୁଳି କରିଥିଲା ସେ ହେଉଛି ଅନ୍ତର୍ଜାତିକ ନିଶା ବେପାରୀ ଓ କୁଖ୍ୟାତ ଆତଙ୍କବାଦୀ ଅବଦୁଲ ୱାକର ବୋଲି ଯାହାକୁ ଭାରତୀୟ ସେନା ବହୁତ ଦିନ ହେଲାଣି ଖୋଜୁଥିଲେ । ଏହି ଖବର ପ୍ରସାରିତ ହେବା କ୍ଷଣି ଚାରିଆଡୁ ଭିକି ପାଇଁ ପ୍ରଶଂସାର ସୁଅ ଛୁଟିବାକୁ ଲାଗିଲା । ଆତଙ୍କବାଦୀକୁ ମାରିଥିବା ହେତୁ ତାକୁ ସବୁ ଦୋଷରୁ ମୁକ୍ତି ମିଳିଗଲା ଏବଂ ଜାତୀୟସ୍ତରରେ ପୁରସ୍କୃତ ହେବା ପାଇଁ ମଧ୍ୟ ଡାକରା ଆସିଲା । ଆଉ ଭିକି ସେ ଆଦିବାସୀ ବସ୍ତିରେ ସବୁଦିନ ପାଇଁ ରହି ଭିକି ଭାଇରୁ ପୁଣି ବନିଯାଇଥିଲା ବିକ୍ରମ ଭାଇ..

ବ୍ରହ୍ମପୁର

*****

# ଧର୍ମ ଓ କୃଷିର ପର୍ବ : ଚିତାଲାଗି ଅମାବାସ୍ୟା



ସୌଭାଗ୍ୟ ରଞ୍ଜନ ମହାପାତ୍ର

**ଉ**ତ୍କଳରେ ବାରମାସରେ ବାରଟି ଅମାବାସ୍ୟା ପ୍ରତିପାଳିତ ହୁଏ । ଯଥା- ବୈଶାଖରେ ରୁକ୍ମିଣୀ ଅମାବାସ୍ୟା, ଜୈଷ୍ଠରେ ସାବିତ୍ରୀ ଅମାବାସ୍ୟା, ଆଷାଢ଼ରେ ଆଷାଢ଼ ଅମାବାସ୍ୟା, ଶ୍ରାବଣରେ ଚିତାଲାଗି ଅମାବାସ୍ୟା, ଭାଦ୍ରବରେ ସପ୍ତପୁରୀ ଅମାବାସ୍ୟା, ଆଶ୍ୱିନରେ ମହାଳୟା ଅମାବାସ୍ୟା, କାର୍ତ୍ତିକରେ ଦୀପାବଳୀ ଅମାବାସ୍ୟା, ମାର୍ଗଶିର ମାସେ ଦେବ ଦୀପାବଳୀ ଅମାବାସ୍ୟା, ପୌଷରେ ବକୁଳ ଲାଗି ଅମାବାସ୍ୟା, ମାଘରେ ତ୍ରିବେଣୀ ଅମାବାସ୍ୟା, ଫାଲଗୁନ ମାସରେ ଜାଗର ଅମାବାସ୍ୟା, ଚୈତ୍ରମାସରେ ମଧୁ ଅମାବାସ୍ୟା ଆଦି ପାଳିତ ହୁଏ । ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଏକ ବିଶେଷ ନୀତି ଅନୁଷ୍ଠିତ ହୁଏ । ପାରଂପରିକ ପଦ୍ଧତିରେ ମହାପ୍ରଭୁଙ୍କ ଶ୍ରୀ ମଙ୍ଗଳ ଆଳତୀ

ନୀତି ସଂପର୍ଣ୍ଣ ହୋଇ ଭୋଗ ମଣ୍ଡପରେ ଦଇତା ପତି ଓ ପତି ମହାପାତ୍ରଙ୍କ ଦ୍ୱାରା ଶ୍ରୀ ଜୀଉଙ୍କୁ ଚିତାଲାଗି କରାଯାଏ । ସେବାୟତମାନେ ବାସୁଙ୍ଗା ପାଟରେ ବଳଭଦ୍ରଙ୍କୁ ନୀଳ ବସ୍ତ୍ର ବା ନୀଳ ଶ୍ରୀ ପେଟି, ସୁଭଦ୍ରାଙ୍କୁ ନାଲି ଶ୍ରୀ ପେଚ ଓ ଶ୍ରୀ ଜଗନ୍ନାଥଙ୍କୁ ହଳଦିଆ ଶ୍ରୀ ପଟ ପରିଧାନ କରାନ୍ତି । ତାହା ପରେ ବଳଭଦ୍ରଙ୍କୁ ନିଳା ରତ୍ନର ଚିତା, ସୁଭଦ୍ରାଙ୍କୁ ମାଣିକ ଚିତା ଓ ଜଗନ୍ନାଥଙ୍କୁ ହିରା ଚିତା ଆଦି ଲାଗି କରାନ୍ତି । ଶ୍ରୀ ଜୀଉଙ୍କ ମଥାରେ ଝଟକୁଥିବା ଏହି ରତ୍ନ ହିନ୍ଦୁ ଜାତିର ମଥାମଣୀ ସଦୃଶ ଅଟେ । ତେଣୁ ଓଡ଼ିଆ ସାହିତ୍ୟ କହେ -

ଭୁବନେଶ୍ୱର ରେ ପଦଚିହ୍ନ ପରେ
ଲେଖାଅଛି ରାଜରାଣୀ ।
ନୀଳାଚଳ ଧାମେ ପୂଜା ପାଉଅଛି
ହିନ୍ଦୁ ଜାତି ମଥାମଣୀ ॥

ସ୍ନାନ ପୂର୍ଣିମା ଦିନ ଶ୍ରୀଜିଉମାନେ ଅଣସର ଘର ଯିବା ପୂର୍ବରୁ ତାଙ୍କ ମସ୍ତକରେ ଚମକୁଥିବା ରତ୍ନଚିତା ଓ ରାହୁରେଖାକୁ ଅପସାରଣ କରିନେଇ ଭଣ୍ଡାର ଘରେ ରଖାଯାଇଥାଏ । ତେବେ ଘୋଷଯାତ୍ରାରେ ଶ୍ରୀଜୀଉମାନଙ୍କୁ ବଣିଆ ସେବଙ୍କ ମାନଙ୍କ ଘରୁ ସ୍ୱତନ୍ତ୍ର ଭାବରେ ନିର୍ମିତ ଚିତା ତିଆରି କରାଯାଇ ଦାରୁ ଦେବତାଙ୍କୁ ଲଗାଯାଇଥାଏ । ଆଜି ସେ ସବୁକୁ ଓଲାଗି

କରାଯାଇ ପୁର୍ନବାର ରତ୍ନଚିତା ଲାଗିକରାଯାଏ । ଏହି ସମୟରେ ଭକ୍ତଙ୍କ ଦର୍ଶନ ବନ୍ଦ ରହେ । ମହାପ୍ରଭୁଙ୍କ ଠାରେ ଚିତାଲାଗି କାର୍ଯ୍ୟ ସମାପନ ପରେ ଠାକୁରଙ୍କ ପାଖରେ ଚିତଉ ପିଠା ଭୋଗ ହୁଏ । କିଏ କହେ ଏହି ରତ୍ନଚିତା ଶିବାଜୀଙ୍କ ମା ଜୀଜାବାଇ ଦେଇଥିଲେ ତ ଆଉ କିଏ କହେ ଏଇ ଚିତା ପଂଜାବ କେଶରୀ ରଣଜିତ ସିଂହ ଦେଇଥିଲେ । କିନ୍ତୁ ବ୍ରିଟିଶ ମାନେ ଓଡିଶା ଛାଡି ଯିବା ପୂର୍ବରୁ ଏହି ରତ୍ନକୁ ସାଙ୍ଗରେ ନେଇ ଯାଇଥିଲେ । ଏବେ ଯେଉଁ ରତ୍ନ ମହାପ୍ରଭୁଙ୍କୁ ଲଗାଯାଏ । ତାହା ସେହି ହୀରାର ବିକଳ୍ପରେ ଅନ୍ୟ ଏକ ହୀରା ଲଗାଯାଏ ।  ଏହାର ଅନ୍ୟ ଏକ ନାମ ଚିତଉ ଅମାବାସ୍ୟା ବା ଗେଣ୍ଡାକଟା ଅମାବାସ୍ୟା । ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ । ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଦିତ । ଏଥିରେ ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି । ଚାଉଳ ଚୁନାରେ ପ୍ରସ୍ତୁତ ଏହି ପିଠାକୁ "ଗେଣ୍ଡୁଆଶୁଣି" (ଶାସ୍ତ୍ରରେ ଥିବା ନାମକରଣ)ଙ୍କୁ ସମର୍ପଣ କରାଯାଇଥାଏ । ସେଥିପାଇଁ ଏହା "ଗେଣ୍ଡେଇକଟା ଓଷା" ନାମରେ ମଧ୍ୟ ଜଣା । ବାଲେଶ୍ୱର, ମୟୁରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ "ଗେଣ୍ଡାକଟା ଅମାବାସ୍ୟା" କୁହାଯାଏ ।ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରେ ଜନ୍ତୁଆଦିଙ୍କୁ ସନ୍ତୁଷ୍ଟ କରିବା

ଉଦ୍ଦେଶ୍ୟରେ ପାଳିତ ପର୍ବମାନଙ୍କ ମଧ୍ୟରେ ଗୋଟିଏ । ଗେଣ୍ଡା ସାଧାରଣତଃ ଫସଲ କାଟି କ୍ଷତି କରୁଥିବାରୁ ସେ ସମ୍ଭାବନାକୁ ଏଡ଼େଇବା ନିମନ୍ତେ ଏହି ଖାଦ୍ୟ ଅର୍ପଣ କରାଯାଇଥାଏ । ଖାଦ୍ୟ ଖାଇ ଗେଣ୍ଡା ଆଉ କେଉଁଠାକୁ ଚାଲିଯାଇଥାଏ । ଭୂମିରେ ତଥା ପଙ୍କରେ ବିଚରଣ କରୁଥିବା ଗେଣ୍ଡାମାନଙ୍କୁ ଉପରୋକ୍ତ ନାମରେ ନାମିତ କରାଯାଇଛି । କୃଷି କ୍ଷେତ୍ରରେ ବର୍ଷା ସମୟରେ ଗେଣ୍ଡା, କୋଚିଆଗୁଡିକ ପଙ୍କରେ ବିଚରଣ କରୁଥାନ୍ତି । କୃଷି କ୍ଷେତ୍ରକୁ ଯିବାବେଳେ କାଳେ କାହାକୁ ଏମାନେ କ୍ଷତି ପହଞ୍ଚାଇବେ, ତେଣୁ ମହାପ୍ରଭୁଙ୍କ ଚିତା ସ୍ୱରୂପ ଏହି ପିଠାକୁ ସମର୍ପଣ କରି କୃଷି କାର୍ଯ୍ୟ ସମୟରେ ବାଧା ନ ଦେବାକୁ ସେମାନଙ୍କୁ ପ୍ରାର୍ଥନା କରାଯାଇଥାଏ । ମହାପ୍ରଭୁଙ୍କ ଚିତା ଓ ଚିତଉ ପିଠାର ଆକୃତି ଦୃଷ୍ଟିରୁ ସମାନତା ରହୁଥିବାରୁ ଏହି ପର୍ବର ମହତ୍ତ୍ୱ ଉଭୟ କୃଷି ଓ ଧର୍ମ ଦୃଷ୍ଟିକୋଣରୁ ଓଡ଼ିଆଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତେବେ ଜାଣି ଖୁସି ହେବେ, ଶ୍ରାବଣ ଅମାବାସ୍ୟା ଓଡ଼ିଶାରେ ଚିତାଲାଗି ଅମାବାସ୍ୟା ଭାବେ ପାଳିତ ହେଉଥିବା ବେଳେ ଉତ୍ତର ଭାରତରେ "ହରିଆଲି ଅମାବାସ", ଆନ୍ଧ୍ରପ୍ରଦେଶରେ "ଚୁକ୍କଲା ଅମାବାସ୍ୟାମ୍", ମହାରାଷ୍ଟ୍ରରେ "ଗଟ୍ରି ଅମାବାସ୍" ଏବଂ କର୍ଣ୍ଣାଟକରେ "ଭିମାନୀ ଅମାବାସମ୍" ବା "ଦିୱସି ଗୌରୀ ପୂଜନ" ଆଦି ନାମରେ ପାଳନ କରାଯାଇଥାଏ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଏଠାକାର ଆରାଧ୍ୟ ଦେବତା ହେଉଛନ୍ତି ଜଗନ୍ନାଥ । ଓଡ଼ିଆ ଜାତି ତା'ର

ଗର୍ବ ଗୌରବ ବିକି ଦେଇଛି କାଳିଆ ଠାକୁର ପାଖରେ । ତେଣୁ ଉତ୍କଳର ପର୍ବ ପର୍ବାଣୀ ସହ ଜଗନ୍ନାଥଙ୍କ ନୀତିକାନ୍ତି ଉଭୟ ପରିପୂରକ । ଧର୍ମନୈତିକ, ରାଜନୈତିକ କଥା ଅନୁରୂପ ପର୍ବପର୍ବାଣୀକୁ ଭିନ୍ନ ଅନେକ କୃଷି ଭିତ୍ତିକ ପର୍ବପର୍ବାଣୀ ଯଥା: ନବାନ୍ନ ଭକ୍ଷଣ, ଅକ୍ଷୟ ତୃତୀୟା, ରଜ, ଚିତାଲାଗି ଅମାବାସ୍ୟା, ଶାମ୍ବ ଦଶମୀ ଏବଂ ମାଣବସା ଗୁରୁବାର ଆଦି ଜଗନ୍ନାଥଙ୍କୁ ଆଧାର କରି ପାଳନ କରାଯାଇଥାଏ । ଓଡ଼ିଶାର ଧାନ ମୁଖ୍ୟ ଫସଲ । ଏଣୁ ଧାନବୁଣା ଠାରୁ କାଟିବା ପର୍ଯ୍ୟନ୍ତ ଧାନକୁ କେନ୍ଦ୍ରକରି ବିଭିନ୍ନ ପ୍ରକାର ପର୍ବ ପାଳିତ ହୁଏ । ଧାନ ବୁଣାବେଳେ ଅକ୍ଷୟ ତୃତୀୟା, ବର୍ଷା ପୂର୍ବରୁ ରଜପର୍ବ ଏବଂ ଏହିକ୍ରମରେ ଧାନକଟା ବେଳକୁ ମାଣବସା ତୃତୀୟ କୃଷିଭିତ୍ତିକ ପର୍ବ ଭାବେ ପାଳିତ ହୁଏ ।

*****

ଅଧ୍ୟାପକ, ଓଡ଼ିଆ ବିଭାଗ
ବୈଦିକ ମହାବିଦ୍ୟାଳୟ,
ସମ୍ବଲପୁର

# ଏଇ ବୋଧେ ପ୍ରେମ



ରାମ ଚନ୍ଦ୍ର ପ୍ରଧାନ

**ଯା**'ର ରଙ୍ଗ ଇନ୍ଦ୍ରଧନୁର ସପ୍ତରଙ୍ଗ ଠାରୁ ବି ରଙ୍ଗନ୍ । ଯା'ର ସୁର ସଂଗୀତର ସପ୍ତସୁର ଠାରୁ ବି ଆହୁରି ମନଛୁଆଁ । ଯା'ର ଆକାର ସପ୍ତ ସାଗରର ସୁବିସ୍ତୃତ ବିଶାଳ ଛାତି ଠାରୁ ବି ଚଉଡା । ଯା'ର ରାଗିଣୀ ମତୁଆଲୀ ସାଧବ ବୋହୂର ସୁରିଲା ସୁରିଲା ନାଲିଆ ଅଧର ଠାରୁ ବି ଛନ୍ଦାୟିତ - ଯା'ର ନୀଳିମା ସ୍ୱପ୍ନ ସୁନ୍ଦରୀ ନୀଳାମ୍ବୁ ଚିଲିକାର ନୀଳ ବିଚି ଠାରୁ ବି ଗାଢ଼ତା । ଯା'ର ଯନ୍ତ୍ରଣା ଅଗ୍ନିର ଲେଲିହାନ୍ ଶିଖା ଠାରୁ ବି ତେଜିଆନ୍ ଆଉ ଯା'ର ଯଶ ପୃଥିବୀର ସପ୍ତାଶ୍ଚର୍ଯ୍ୟ ତାଜମହଲ୍ ଠାରୁ ବି ଅମର, ଅପରାଜେୟ, ଅଦ୍ୱିତୀୟ ଓ ବିଶ୍ୱବିଦିତ । ସେ ଆଉ କିଛି ନୁହେଁ ?... ଏକ ଅଜଣା ଆକର୍ଷଣ... ଏକ ଅଜଣା ଅନୁଭୂତି... ଆଉ ଏକ ଅଜଣା ଶିହରଣର ଭାବାନ୍ତର ମାତ୍ର । ଯାହାର ଅନ୍ୟ ନାମ ପ୍ରେମ...ଆଇମନ୍ ଲଭ୍... ।

ସମୟର ଚକା ଭଉଁରୀ ଖେଳ ଖେଳୁ ଖେଳୁ ଅଚାନକ ଏକ ନିରୀହ

ଦିଗହରା କପୋତଟିର ଭେଟ ହୁଏ ଏକ ଦୁର୍ବଳ ମୁହୂର୍ତ୍ତରେ ଏକ ଅଜଣା ଅଚିହ୍ନା କପୋତୀଟି ସହ । ପ୍ରଥମ ଦେଖାରୁ ଦୁହେଁ ଦୁହିଁଙ୍କ ଠାରେ ଏକ ଅଜଣା ସମ୍ପର୍କର ଅଦୃଆ ସୁତାରେ ଏମିତି ଛନ୍ଦି ହୋଇଯାଆନ୍ତି ଯେ ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ଭଲ ପାଇବାରେ ରୂପାନ୍ତରିତ ହୋଇଯାଇଥିଲା । ସେଇ ଦିନଠାରୁ ସେମାନେ ଏକାଠି ବଞ୍ଚିବାର ବଜ୍ର ଶପଥ ନେଇଥାନ୍ତି । ଶୈଶବର ପ୍ରତିଟି ମୁହୂର୍ତ୍ତ ହସଖୁସିରେ ସେମାନେ କଟାଇଦିଅନ୍ତି ଏକ ନିର୍ଜନ ନିଛାଟିଆ ବଣ ମୁଲକରେ ଥିବା ସୁଶୀତଳ ଛାୟାଯୁକ୍ତ ସବୁଜିମା ଘେରା ଶାଳତରୁର ଗହନ ଇଲାକାରେ । ସେଠି ସ୍ୱର୍ଗ ଭାବି ସେମାନେ ଦୁହେଁ ଦୁହିଁକୁ ନେଇ ନାନା ସ୍ୱପ୍ନ ଦେଖନ୍ତି । କେତେବେଳେ ସେମାନେ ମନ ପବନ ଘୋଡାରେ ବସି ମେଘ ଝୁଲାରେ ଦୋଳି ଖେଳିଥାନ୍ତି ତ କେତେବେଳେ ଝରଣାର କୁଳୁକୁଳୁ ଜଳଧାରେ କାଗଜଡଙ୍ଗା ନେଇ ଜଳକ୍ରୀଡା କରିବାର ଅଜବ ଖିଆଲ ମନକୁ ଆଣନ୍ତି । ଆଉ କେତେବେଳେ ନୀରୀମାଖି କପୋତୀଟି ଜ୍ୟୋସ୍ନା ବିଧୌତ ପରୀରାଇଜର ପରୀଟେ ସାଜି ପାରିଜାତ ଫୁଲ ପାଖୁଡ଼ାରେ ଜହ୍ନରେ କପୋତଟିର ନାଁ ଲେଖିବାକୁ ଜିଦ୍ ଧରେ । ବାଃ.. ସତରେ କି ଚମତ୍କାର ଭାବନା ।

ଇତି ମଧ୍ୟରେ କପୋତଟିର ଦେହରେ ଆଉ କୈଶୋରର ସେ ନିରୀହ ସବୁଜିମା ନାହିଁ । ତା ଦେହର ପ୍ରତି ଶାଖା ଉପଶାଖା ବୟସ ଫୁଲର ବର୍ଣ୍ଣ ବିଭବରେ ଉବୁଟୁବୁ । ଯାହାକୁ ଦେଖିଲେ ସ୍ୱୟଂ ଦେବଦୂତ ବି ଇର୍ଷାନ୍ୱିତ

ହୋଇଯିବେ । ଏମିତି ଭାବେ ସେମାନଙ୍କ ସମ୍ପର୍କଟା ବଢି ଚାଲିଲା ଶଶୀକଳା ଭଳି । କିନ୍ତୁ ସେମାନଙ୍କ ସୁଖର ଦିନ ବେଶି ଦିନ ରହିଲା ନାହିଁ । ହଠାତ୍ ସେମାନଙ୍କ ସୁଖର ଭାଗ୍ୟ ଆକାଶରେ ଦୁଃଖର କଳାବଉଦ ଘୋଟି ଆସିଲା । ବିଧିର ବିଧାନ ବଡ଼ ବିଚିତ୍ର । ଅଚାନକ ଦିନେ ପାରିଧି ସମୟରେ ରାଜକୁମାରଙ୍କ ଆଖି ଖୋସି ହୋଇଗଲା ଏଇ ସୁନ୍ଦରୀ ସୁଢ଼ଳ ନୟନୀ କପୋତୀଟି ଉପରେ । ରାଜକୁମାରଙ୍କ ସୌଖିନି ମନୋବୃତ୍ତି ବୋଧହୁଏ କପୋତୀଟି ପାଇଁ କାଳ ହେଲା । ରାଜକୁମାରଙ୍କ ନିର୍ଦ୍ଦେଶ ପାଇ ସୈନମାନେ ବିଚରା କପୋତଟି ଠାରୁ ତାର ପ୍ରାଣପ୍ରିୟା ସପନରାଣୀକୁ ଜୋର୍ ଜବରଦସ୍ତ ଛଡାଇ ନେଇଗଲେ ରାଜ ନଅରକୁ । ସେଠି ସେ ଅଣନିଶ୍ୱାସୀ ହୋଇଗଲା ନିଜର ପ୍ରିୟ ପୁରୁଷଟିକୁ ଝୁରି ଝୁରି । ରାଜକୁମାରଙ୍କ ସୁନାପଞ୍ଜୁରୀ, ରୁପାଥାଳି ଆଉ ନାନାଦି ପ୍ରକାରର ଖାଦ୍ୟପଦାର୍ଥ ତା' ପାଖେ ନିଷ୍ପ୍ରଭ ହୋଇଗଲା । ତା ମନ କେଉଁଥିରେ ବି ବୁଝିଲାନି । ନିଇତି ନିଜ ମନର ମଣିଷକୁ ଝୁରିଝୁରି ସେ କଣ୍ଟା ହୋଇଗଲା । ନ ଖାଇ ନ ପିଇ ସେ ରୁଗ୍ଣତାକୁ ଆଦରି ନେଲା । ଏପଟେ କପୋତ ବି ତାର ପ୍ରିୟ ବାନ୍ଧବୀର ଫେରନ୍ତା ବାଟକୁ ଚାହିଁ ଚାହିଁ ତା ଆଖିରୁ ପାଣି ମରିଗଲା । ଭାବପ୍ରବଣ ହୋଇ ସେ ଖିଆପିଆ ଛାଡି ଦେଲା । ଫଳରେ ତା ସୁନ୍ଦର ସ୍ୱାସ୍ଥ୍ୟ ଭଗ୍ନ ହୋଇଗଲା । ହେଲେ ବି ତା'ର ଟିକିଏ ସୁଦ୍ଧା ଦୁଃଖ ନ ଥିଲା । କାରଣ ସେ ଏବେ ବି ଅପେକ୍ଷାରତ ବାଟୋଇ !...ତା'ର ସେଇ ଦିଲ୍ ଯାନିୟା କପୋତୀଟି ପାଇଁ... !!

ଦୀର୍ଘ ଦିନର ସ୍ୱପ୍ନ ଓ ଆଶା ଆଜି ସାକାର ହେଲା କାରଣ ରାଜକୁମାରଙ୍କ ଆଖିରେ ଏବେ ରୁଗ୍ଣ କପୋତୀଟି ଅଲୋଡ଼ା ହୋଇଯାଇଥିଲା । ଫଳ ସ୍ୱରୂପ ସେ ତାକୁ ଆଜି ସବୁଦିନ ପାଇଁ ମୁକ୍ତିର ପଥ ଦେଖାଇଲେ । ମହା ଆନନ୍ଦରେ କପୋତୀଟି ମୁକ୍ତ ଆକାଶରେ ଉଡିବାକୁ ଚେଷ୍ଟାକଲା । କିନ୍ତୁ ବିଚାରି ନିଜ ଭଗ୍ନସ୍ୱାସ୍ଥ୍ୟ ହେତୁ ଉଡିପାରିଲାନି । ତଥାପି ନିଜର ପ୍ରିୟ ପୁରୁଷଟିକୁ ଅତି ପାଖରୁ ଦେଖିବା ପାଇଁ ତା'ର ମନ ଛଟପଟ ହେଲା ଆଉ ତା' ଓଠରେ ବହୁ ଦିନରୁ ସାଇତା ପ୍ରୀତି ଚୁମ୍ବନ ଟାଣି ଦେବାର ଆଶା ତାକୁ ସତେ ଯେମିତି ବେଶ ଶକ୍ତି ପ୍ରଦାନକଲା । ପରିଶେଷରେ ସେ ବହୁ କଷ୍ଟରେ ସେଇ ଅତି ପରିଚିତ ଶାଳତରୁ ପାଖରେ ପହଂଚି ଗଲା ଯେଉଁଠି ତା ମନର ମଣିଷ ରହେ । ଅପେକ୍ଷାରତ କପୋତଟି ଫେରନ୍ତା କପୋତୀଟିର ଆଗମନରେ ନିଜକୁ କୃତାର୍ଥ ମନେକଲା । ଆନନ୍ଦାଶ୍ରୁରେ ତା ଗଣ୍ଡ ଦେଶ ପ୍ଳାବିତ ହୋଇଗଲା । ବାଃ.. କି ଆନନ୍ଦ !..କି ଶାନ୍ତି !!..କି ପରମ ତୃପ୍ତି !!! ସେମାନେ ବୋଧେ ଏଇ ମହାମିଳନକୁ କେବେଠୁ ଅପେକ୍ଷା କରିଥିଲେ । ଏଇମିତି ଏକ ବିରଳ ଖୁସି ମୁହୂର୍ତ୍ତରେ ସେମାନେ ଭାବପ୍ରବଣ ହୋଇ ପରସ୍ପର ମଧ୍ୟରେ ଚଞ୍ଚୁକୁଚଞ୍ଚୁରେ ଘଷୁଘଷୁ ଭାରସାମ୍ୟ ହରାଇ ତଳେ ପଡିଗଲେ ଭଗ୍ନ କଳେବର ଯୋଗୁଁ । ଫଳରେ ନିମିଷକ ମଧ୍ୟରେ ସେମାନଙ୍କ ପ୍ରାଣବାୟୁ ଉଡ଼ିଗଲା । ଚାରିଆଡେ ଶୂନ୍ୟତା... ନିରବତା... ଆଉ ହା ହତାଶର ବାତାବରଣ ଖେଳିଗଲା । ବୋଧେ ସଭିଏଁ ଏଇ ପ୍ରେମୀ ଯୁଗଳଙ୍କ ମର

ଶରୀର ଦୁଇଟା ପାଇଁ ଶୋକ ସଭାରେ ନିମଗ୍ନ । କେବଳ ଦୂର ଦିଗବଳୟର ନୁଆଁଣିଆ ସିଡ଼ିତଳେ ଅଳସ ରବିର ଲୁଚକାଳି ଖେଳଟା ଦୃଶ୍ୟମାନ ହେଉଥିଲା । ତା' ସାଙ୍ଗକୁ ଏଠାକାର ଶିମିରଣ ଏଇ ଅମର ପ୍ରେମର ବାର୍ତ୍ତାକୁ ଭସା ମେଘର ଡୋଲାରେ ବାଣ୍ଟି ଚାଲିଥିଲା ବୋଧେ ଆଗାମୀ ଦିନର ଆଗନ୍ତୁକ ମାନଙ୍କ ପାଇଁ । ବାସ୍ତବରେ କି ତ୍ୟାଗ, କି ଭଲ ପାଇବା ଆଉ କି ଆକର୍ଷଣ ଥିଲା ଏମାନଙ୍କ ପ୍ରେମରେ...। ଭାବିଲା ବେଳକୁ ବଡ଼ ତାଜୁବ ଲାଗେ ଓ ମନରୁ ସ୍ୱତଃ ବାହାରି ଆସେ "ଏଇ ବୋଧେ ପ୍ରେମ"...ହଁ.. ହଁ.. ଏଇ.. ବୋଧେ.. ପ୍ରେମ... ।

*****

ସାନ୍ତରାପଲ୍ଲୀ, ଗଞ୍ଜାମ

# ତୁମ ବୋଉ



ସତ୍ୟ ରଞ୍ଜନ ମିଶ୍ର

**ଗ**ତ ରବିବାର ଦିନ ସକାଳେ ସରିତା ଦେବୀଙ୍କ ହାତରୁ ସାପ୍ତାହିକ ସଉଦା ଲିଷ୍ଟଟି ନେଇ ଆମୁଳଚୁଳ ପଢ଼ିସାରିଲା ପରେ ଚିହିଁକି ଉଠିଲେ ବିକାଶ ବାବୁ ।  "ଏସବୁ କ'ଣ ସରିତା ? ମିକଶ୍ଚର, ପାମ୍ପଡ଼, ଆମ୍ବ ଆଚାର, ସେଓ ଗାଣ୍ଠିଆ ? ଏସବୁ ପରା ଗଲା ସପ୍ତାହରେ ଆଣିଥିଲି ? କ'ଣ ଏତେ ଜଲଦି ସରିଗଲା ? ଘରେ ତ ଲୋକ କହିଲେ ଦିଜଣ ମଣିଷ ? କେମିତି ଖାଇଲ କି ତୁମେ ?" ବିକାଶ ବାବୁଙ୍କ ସ୍ୱରକୁ ଚପେଇଦେଲା ଭଳି କଣ୍ଠରେ ଚିତ୍କାର କରି ଉଠିଲେ ସରିତା ଦେବୀ ।  "କେମିତି ଖାଇଲ ମାନେ ? କ'ଣ ମୁଁ ଏକା ଖାଇଦେଲି ?" ସରିତା ଦେବୀଙ୍କ ଚିତ୍କାରରେ ଦବି ଯାଇ ଅପେକ୍ଷାକୃତ ଧୀର ସ୍ୱରରେ ଉତ୍ତର ଦେଲେ ବିକାଶ ବାବୁ "ଆଉ କିଏ ଖାଇଲା ?" "ତୁମ ବୋଉ, ଆଉ କିଏ ?" "ମୋ ବୋଉ ?" "ହଁ ହଁ ତୁମ ବୋଉ, ସକାଳୁ ଚା ସହ ଗାଣ୍ଠିଆ, ଖରାବେଳେ ଭାତ ସହ ଆମ୍ବ ଆଚାର ଆଉ ପାମ୍ପଡ଼, ଚାରିଟାବେଳେ ମୁଢି ମିକଶ୍ଚର ଏସବୁ ନହେଲେ ବା ଖାଦ୍ୟ ତଣ୍ଟିରୁ ତଳକୁ ଗଳୁନି ତୁମ

ବୋଉଙ୍କର"  "ଓହୋ.. ଏମିତି କ'ଣ କହୁଛ.. ବିଚାରି ବୁଢ଼ୀ ଲୋକ... ବୟସ ବଢି ବଢି ପଞ୍ଚାବନ ହେଲାଣି...ଟିକେ ପାଟି  ଟାକୁ ଟାକୁ ହେଉଥିବ.. ତେଣୁ ଖାଇଦେଲା ଆଉ.. "  "ହଁ, କିଏ ମନା କରୁଛି ? ଖାଇଲେ ତ ସେମିତି ଆଣିକି ଦେବ.. ସକାଳୁ ମୋ ଉପରେ କିଆଁ ଗରଗର ହଉଛ ମ ?" "ହଉ ହଉ.. ଛାଡ଼ ସେକଥା, ମୁଁ ବଜାରରୁ ସେସବୁ ନେଇ ଆସିବି...ତାକୁ ଛାଡି ଆଉ କ'ଣ ଆସିବ ନାଁ ଖାଲି ସେତିକି ଆସିବ କୁହ ?" "ହଁ ଶୁଣ, ରାହୁଲକୁ କାଲିଠୁ ଥଣ୍ଡା ଯେ ସେ ଛିଙ୍କିଛିଙ୍କି ବ୍ୟସ୍ତ ହେଇପଡ଼ିଲାଣି... ଆସିଲାବେଳେ ମେଡ଼ିସିନ ଷ୍ଟୋରରୁ କ'ଣ ଦିପାନେ ଔଷଧ  ଆଣିଥିବ ତାପାଇଁ... "  "କ'ଣ ? ରାହୁଲକୁ ପୁଣି ଥଣ୍ଡା ?  (ଅଳ୍ପ ରାଗିଯାଇ) ତୁମ ଗେଲ୍ହାରୁ ଆଜିକାଲି ସେ ଏତେ ଦୁଷ୍ଟ ହେଲାଣି ଯେ ଆଉ କାହାରି କଥାବୋଲ ମାନୁନି ? ଏ ବର୍ଷାଦିନେ ପୁଣି ସେ ନିଶ୍ଚୟ ମାଟି ବାଲି କାଦୁଅ ଚକଟି ଖେଳିଥିବ.... "  "ମଲା ମଲା... ସବୁକଥାରେ କଣ ଆମ ମା ପୁଅଙ୍କ ଦୋଷ ଦେଇଦେଉଛ ?" "ଆଉ କାହା ଦୋଷ ଦେବି ?" "ଏଥିପାଇଁ ବି ଦାୟୀ ତୁମ ବୋଉ, ଆଉ କିଏ ? " "ମୋ ବୋଉ ?" "ହଁ, ତୁମ ବୋଉ... ନିଜେ ତ ସଂକ୍ରାନ୍ତି ଗୁରୁବାର ପୁନିଅଁ ପରବ ନାଁରେ ମାସକୁ କୋଡିଏ ଦିନ ମୁଣ୍ଡ ଧୋଇ ଗାଧେଇ ଥଣ୍ଡା କମେଇବେ.. ତାପରେ ରାହୁଲ ସହ ଖେଳିଲା ବେଳେ ତା ପାଖରେ ଛିଙ୍କିବେ ଯେ ରୋଗ ନ ଥିଲା ଲୋକକୁ ରୋଗ ଦେଇବ "  "କ'ଣ ? ବୋଉକୁ ବି ଥଣ୍ଡା ?" " ହଁ, ତୁମ ବୋଉଙ୍କ କୀର୍ତ୍ତି ଖାଲି କ'ଣ ସେତିକି, ଥଣ୍ଡା ଏତେ, ସେଥିରେ ପୁଣି

ଦଶଟାବେଳେ ପଖାଳ ଖାଇବା କୁଆଡେ ତାଙ୍କର ପିଲାଦିନର ଅଭ୍ୟାସ...ଆରେ ନିଜର ଯଦି ଅଭ୍ୟାସ ନିଜେ ଏକୁଟିଆ ଖାନ୍ତେ ଭଲା ! ରାହୁଲକୁ ବି ଗୁଣ୍ଡାଏ ଗୁଣ୍ଡାଏ ସବୁଦିନ ଦେଇ ଏମିତି ଅଭ୍ୟାସ କରେଇ ଦେଇଛନ୍ତି ଯେ, ଆଜିକାଲି ସେ ବି ଦଶଟାବେଳେ ଜିଦି କରୁଛି ପଖାଳ ଖାଇବ ବୋଲି.. ଆଉ ଏ ଦିନେ ଥଣ୍ଡା ହବନି ଆଉ କ'ଣ ହବ କହିଲ ?" "ଆରେ, ତୁମେ ବୁଝୁନ କାହିଁକି ସରିତା..ଦିବର୍ଷ ହେଲା ବାପା ଚାଲିଗଲା ପରଠୁ ବୋଉ କେତେ ଏକୁଟିଆ ହେଇଯାଇଛି...ଆମେ ଦିଜଣ କାମରେ ବ୍ୟସ୍ତ ରହୁଥିଲାବେଳେ ଏଇ ଚାରି ବର୍ଷର ନାତି ଟୋକା ଟା ହିଁ ତ ତାର ଏକମାତ୍ର ସାଥି.. ତେଣୁ ସେ ଟିକେ ତା ସହ ଖେଳେ କି ସ୍ନେହରେ ଟିକେ ଖୁଏଇଦିଏ... ସେଥିରେ କ'ଣ ଅଛି ?" "ହଁ ତ ମୁଁ କଣ କହୁଛି କି କିଛି ଅଛି ? ଏବେ ଥଣ୍ଡା ହେଲାଣି ପୁଅକୁ ଯେତେବେଳେ ଯାଇକି ଔଷଧ ନେଇକି ଆସ ଚୁପଚାପ" "ହଉ ହଉ, ମୁଁ ରାହୁଲ ପାଇଁ ଆଉ ବୋଉ ପାଇଁ ଦିଜଣଙ୍କ ପାଇଁ ଔଷଧ ନେଇ ଆସିବି ହେଲା.. ତୁମେ ଆଉ ଏତେ ଜୋରରେ ପାଟି କରନି ମୋ କାନ କ'ଣ ହେଇଯାଉଛି.. " " ହଁ ମୋରି ପାଟି ଟା ଖାଲି ତୁମ କାନ କ'ଣ କରିଦେଉଛି. ... ସେପଟ ଘରେ ଯୋଉ ତୁମ ବୋଉ ପୁରା ଫୁଲ ଭଲ୍ୟୁମ ମୋଡିକି ଟିଭି ଦେଖୁଛନ୍ତି ସେଇଟାରେ ଆଉ ତୁମ କାନ କିଛି ହଉନି ? ସକାଳେ ଭଜନ, ରାଶିଫଳ, ଦିନରେ ସମାଚାର, ସନ୍ଧ୍ୟାରେ ରାମାୟଣ ମହାଭାରତ ନ ଦେଖିଲେ ପା ତାଙ୍କ ଭାତ ହଜମ ହଉନି !

ଗୋଟେ ଘରେ ଅହରହ ଫ୍ୟାନ ଆଉ ଟିଭି ଚଲେଇ ଚଲେଇ ଇଲେକ୍ଟ୍ରିକ ବିଲ ଦିଗୁଣା କରିସାରିଲେଣି ତୁମ ବୋଉ... " "ଓହୋ.. ଯେ କ'ଣ ତୁମ ବୋଉ ତୁମ ବୋଉ ଲଗେଇ ରଖିଛ ସକାଳୁ ? ଟିଭି ଦେଖିଲା ତ ଦେଖିଲା... ସେ କ'ଣ ଏକା ମୋ ବୋଉ ? ତୁମ ବୋଉ ନୁହେଁ ?" "ଜମା ନୁହେଁ...ମୋ ବୋଉ ହେଇଥିଲେ କେବେ ବି ଏମିତି ଘରେ ବସି ବସି ଅନ୍ନଧ୍ୱଂସ କରୁନଥାନ୍ତା " "ବାସ, ସରିତା ବାସ... ଆଉ କିଛି ବି କୁହନି... ପ୍ରକୃତରେ ମୋ ଭୁଲ.. ତୁମ ସହ ଅଯଥା କଥା ହେବା... "

ସଉଦା ଚିଠା ଓ ବ୍ୟାଗ ନେଇ ରାଗ ତମତମରେ ଚପଲ ମାଡି ଘରୁ ବାହାରିଗଲେ ବିକାଶ ବାବୁ । ସେ ଗଲା ପରେ ମୁହଁଟାକୁ ବିକୃତ ଭାବେ ମୋଡି ଦେଇ ରୋଷେଇ ଘରକୁ ଗଲେ ସରିତା ଦେବୀ । ବାଟରେ ଚାଲି ଚାଲି ଯିବା ବେଳେ ବିକାଶ ବାବୁଙ୍କ କାନରେ ପ୍ରତିଧ୍ୱନିତ ହେଉଥାଏ କିଛି ସମୟ ପୂର୍ବରୁ, ତାଙ୍କ ସାଧାସିଧା ସରଳ ନିଷ୍କପଟ ବୋଉ ଉପରେ ନଦି ଦିଆଯାଇଥିବା ଦୋଷ ସବୁ କଥା । ମନେମନେ ଭାବୁଥାନ୍ତି ସେ :

ଇଏ ସେଇ ବୋଉ ନାଁ ? ଯିଏ ଘରେ କଣ ଟିକେ ଭଲ ମନ୍ଦ ରୋଷେଇ ହେଲେ କି ଘରକୁ କିଏ କୁଣିଆ କ'ଣ ଭଲଜିନିଷ ଆଣିଲେ ନିଜେ ନ ଖାଉ ପଛେ ଆଗ କୁହେ... ମୋ ବିକୁନା ଖାଇବ ଥାଉ । ଆଉ ଆଜି ସାଧାରଣ ମିକଶ୍ଚର କି ଗାଣ୍ଠିଆ ଖାଇବା ହେଲା ତାର ଦୋଷ । ଇଏ ସେଇ

ବୋଉ ନାଁ ? ଯିଏ ପୁଅକୁ ଥଣ୍ଡା ହେଇଚି ଜାଣିପାରି, ଅଦା ରସ ଠୁ ଆରମ୍ଭ କରି ତୁଳସୀ ପତ୍ର ମହୁ ପର୍ଯ୍ୟନ୍ତ ସବୁ ପ୍ରକାର ଔଷଧ ନିଜେ ନିଜେ ପ୍ରସ୍ତୁତ କରି ଦୁଇଦିନ ଭିତରେ ଥଣ୍ଡା ଭଲ କରିଦିଏ । ଆଉ ଆଜି ସେଇ ବୋଉକୁ ଏତେ ଦିନ ହେଲା ଥଣ୍ଡା ହେଇଚି, ଅଥଚ ପୁଅକୁ ସେକଥା ଜଣାନାହିଁ । ଯିଏ ତା ପୁଅର ମଙ୍ଗଳ ପାଇଁ ଲକ୍ଷେ ଠାକୁରଙ୍କ ଓଷା ମାନସିକ କରୁଥିଲା, ଆଜି ତାର ମୁଣ୍ଡ ଧୋଇ ଗାଧେଇବା ବି ଭୁଲ । ଇଏ ସେଇ ବୋଉ ନାଁ ? ଯିଏ ତା ନିଜ ନିଦକୁ ଭୁଲିଯାଇ, ରାତି ରାତି ଅନିଦ୍ରା ହେଇ ରାମାୟଣ ମହାଭାରତର କାହାଣୀ କହି ତା ପୁଅକୁ ଶୁଏଇଦିଏ ? ଆଉ ଆଜି ଟିଭିରେ ସିରିଏଲ ଟିକେ ଦେଖିବା ବି ତାର ଭୁଲ । ଏସବୁ ଭାବିଲାବେଳକୁ ଆଖି ଜକେଇ ଆସୁଥିଲା ବିକାଶ ବାବୁଙ୍କର । ଧୀରେ ଧୀରେ ଅନ୍ୟମନସ୍କ ହେଇଯାଉଥିଲେ ସେ । ରାସ୍ତାରେ ପାଦ ଏପଟ ସେପଟ ପଡୁଥିଲା । ଆଉ ଏତିକିବେଳେ ତାଙ୍କ ଆଡକୁ ମାଡିଆସିଲା ଭାରସାମ୍ୟ ହୀନ ଏକ ଦ୍ରୁତଗାମୀ ଟ୍ରକ । ବିକାଶ ବାବୁ କିଛି ଭାବିକି କରିବା ଆଗରୁ ଗାଡିଟି ତାଙ୍କୁ ଦେଲା ଏକ ଶକ୍ତ ଧକ୍କା । ଟ୍ରକ ଯନ୍ତ୍ରାଂଶର କିଛି ଗୋଟେ ମୁନିଆ ଜିନିଷ ଫୁଟିଗଲା ତାଙ୍କ ତଳି ପେଟରେ । ଛିଟିକିଯାଇ ସେ ପଡିଲେ କିଛି ଦୂରରେ ।

ପାଞ୍ଚଦିନ ହସ୍ପିଟାଲ ବେଡ଼ରେ ମରଣ ସହ ସଂଗ୍ରାମ କରି ହୋସକୁ ଫେରିଲେ ବିକାଶ ବାବୁ । ସାମ୍ନାରେ କାନ୍ଦକାନ୍ଦ ସରିତା ଦେବୀ ପୁଅ

ରାହୁଲକୁ ଧରି ବସିଥାନ୍ତି । ବିକାଶ ବାବୁଙ୍କ ହୋସ ଫେରିବା ମାତ୍ରେ ନିଜ କୋହକୁ ଚାପି ନ ପାରି ସରିତା ଦେବୀ କହି ଉଠିଲେ, " ହେ ପ୍ରଭୁ, ଯାହା ହଉ ତୁମେ ମୋ ଡ଼ାକ ଶୁଣିଲ.. ମୋ ଶଙ୍ଖା ସିନ୍ଦୂରକୁ ମୋ ପାଖକୁ ଭଲରେ ଭଲରେ ପଠେଇଦେଲ.." ତାପରେ ବିକାଶ ବାବୁଙ୍କୁ ଚାହିଁ ତାଙ୍କ ଉଦ୍ଦେଶ୍ୟରେ କାନ୍ଦିକାନ୍ଦି କହିଲେ କି, "ଏଇ, ଜାଣିଛ... ଯେତେବେଳେ ଡାକ୍ତର ବାବୁ କହିଲେ କି ତୁମର ଦୁଇଟିଯାକ କିଡ଼ନୀ ନଷ୍ଟ ହେଇଯାଇଛି, ସଂଗେସଂଗେ କିଡ଼ନୀ ନ ମିଳିଲେ ତୁମର ବଞ୍ଚିବା ଆଶା ନାହିଁ ବୋଲି... ସେତେବେଳେ ସେଇଠି ମୋର ଅଧା ଜୀବନ ଚାଲିଯାଇଥିଲା...ହେଲେ ଦଇବ ଯୋଗକୁ ବୋଉଙ୍କ କିଡ଼ନୀ ତୁମ କିଡ଼ନୀ ସହ ମିଶିଯିବାରୁ ଆଜି ତୁମେ ପୁଣି ଆମମାନଙ୍କ ପାଖକୁ ଫେରି ଆସିଲ " ଧୀର ଆଉ ଅସ୍ପଷ୍ଟ ସ୍ୱରରେ ବିକାଶ ବାବୁ ପଚାରିଲେ, "କାହା ବୋଉ ?" ସେଇ କାନ୍ଦ କାନ୍ଦ ଅବସ୍ଥାରେ ସରିତା ଦେବୀ କହିଲେ, "ତୁମ ବୋଉ ଆଉ କିଏ ?" "ମୋ ବୋଉ ?" "ହଁ ହଁ ତୁମ ବୋଉ, ଡାକ୍ତର ବାବୁଙ୍କ ମୁହଁରୁ ତୁମ ବଞ୍ଚିବା ସମ୍ଭାବନା କମ ଶୁଣିକି ସେ ଆଗ କାନ୍ଦିକି ଗଡିଗଲେ.. ଡାକ୍ତର ବାବୁଙ୍କୁ କାନ୍ଦି କାନ୍ଦି କହିଲେ କି କିଡ଼ନୀ କଣ ରକ୍ତ ମାଂସ ହାଡ଼ ଚମ ଯାହା ଦରକାର ହଉଚି ମୋଠୁ ନେଇଯାଅ ହେଲେ ମୋ ବିକୁନାକୁ ଭଲ କରିଦିଅ... ତାପରେ ଘରୁ ଯାଇ କୋଉଠି ତାଙ୍କର ସୁନା ଗହଣା ଥିଲା ଆଣି ମୋତେ ଦେଲେ ଆଉ କହିଲେ କି ବୋହୂ ମା ଆକୁ ବିକ୍ରୀକରି ମୋ ବିକୁନାର ହାସପାତାଳରେ ଯାହା ଖର୍ଚ୍ଚ

ଲାଗିବ କର ବୋଲି... ସେଇ ପଇସାରେ ହି ତୁମର ଅପରେସନ ହେଲା, ତାଙ୍କ ଦେହରୁ ଗୋଟେ କିଡ଼ନୀ ଆସି ତୁମ ଦେହରେ ଲାଗିଲା ଆଉ ତୁମେ ସୁସ୍ଥ ହେଲ...ଆଜି ତୁମ ବୋଉ ଏ ହାସପାତାଳରେ ତୁମକୁ ପୁଣି ଥରେ ନୂଆ ଜନ୍ମ ଦେଇଛନ୍ତି" "ମୋ ବୋଉ ?" "ହଁ ହଁ ତୁମ ବୋଉ.... ମୁଁ ଅଭାଗିନୀ ତାଙ୍କୁ ମୋ ବୋଉ ବୋଲି କହିବାର ଅଧିକାର ହରେଇ ସାରିଛି " ବେଡ଼ ଉପରେ ବିକାଶ ବାବୁଙ୍କ ହାତ ଉପରେ ମୁଣ୍ଡ ରଖି ଭେଁ ଭେଁ ହେଇ କାନ୍ଦି ପକେଇଲେ ସରିତା ଦେବୀ । ବିକାଶ ବାବୁ ସେମିତି ଧୀର ଆଉ ଅସ୍ପଷ୍ଟ ସ୍ୱରରେ କହୁଥାନ୍ତି,

"ମୋ ବୋଉ..... "

ତାଙ୍କ ଦୁଇ ଆଖିରୁ ଦୁଇ ଧାର ଲୁହ ଗଡିଯାଇ ତକିଆକୁ ଓଦା କରିବାକୁ ଚେଷ୍ଟା କରୁଥାଏ ଯାହା....

*****

ବିରିଡି, ଜଗତସିଂହପୁର

# ପ୍ରକୃତି ପାଇଁ କିଛି ସମୟ



ସୌଭାଗ୍ୟବତୀ ଗିରି

ପ୍ରକୃତି ପ୍ରତି ଅନ୍ୟାୟ ଅତ୍ୟାଚାର ସୀମା ଲଂଘିଲା ପରେ ପ୍ରକୃତି ନେଇଛି ମହାକାଳୀ ରୂପ । ଏକା ସାଙ୍ଗରେ ମହାମାରୀ, ବାତ୍ୟା, ଭୂମିକମ୍ପ ଆସି ଆମ ସାମ୍ନାରେ ଠିଆ ହୋଇ ତା ବିଶାଳ ଆଁ ଭିତରକୁ ଆମକୁ ଟାଣିନେବା ପାଇଁ ଜିଭ ଲହଲହ କରୁଛି । ବାତ୍ୟା ଆଉ ଭୂମିକମ୍ପ ତାଙ୍କ କରାଳ ରୂପ ଦେଖେଇ ଫେରି ଯାଇଥିବା ବେଳେ ମହାମାରୀ କିନ୍ତୁ ଆମ ସାମ୍ନାରୁ ଇଞ୍ଚେ ଘୁଞ୍ଚିବା ପାଇଁ ବି ପ୍ରସ୍ତୁତ ନୁହଁ । ଆଜି ଆମେ କରୋନା ଭଳି ଏକ ସଂକଟ ଦେଇ ଗତି କରୁଛୁ । ଯେଉଁ ସଂକଟ ପାଇଁ ସମସ୍ତେ ବ୍ୟସ୍ତ ହେଇ ପଡିଛନ୍ତି । ଆଜି ସାରା ବିଶ୍ୱ ଦୋହଲୁଛି ଏଇ କରୋନା ପାଇଁ । କିନ୍ତୁ ଆମେ କେବେ ଭାବିଛେ କି ଯେ, କରୋନାଠୁ ବି ଆହୁରି ବଡ ସଂକଟ ଦେଇ ଆମେ ଗତି କରୁଛୁ । ଯାହାପ୍ରତି ଆମର ଧ୍ୟାନ ବିଲକୁଲ୍ ବି ନାହିଁ । ଆଉ ଏଇ ସଂକଟ କରୋନା ଠାରୁ ବି କାହିଁ କେତେ ଗୁଣ ଅଧିକ କ୍ଷତି କରି ଚାଲିଛି ଆମର । ସେଇଟା ହେଲା ପରିବେଶୀୟ ସଂକଟ । ଆମ ପରିବେଶ ଉପରେ ଗଭୀର

ସଂକଟ ପଡିଛି । ବଞ୍ଚିବା ପାଇଁ ନା ଅଛି ବିଶୁଦ୍ଧ ବାୟୁ ନା ଅଛି ବିଶୁଦ୍ଧ ପାନୀୟଜଳ । ଆଜି ପୂରା ପରିବେଶ ବିଷମୟ । ଜଳ, ବାୟୁ, ମୃତ୍ତିକା ସବୁ କିଛି ପ୍ରଦୂଷିତ । ଲାଗୁଛି ଏବେ ଯେମିତି ମାସ୍କ ଲଗେଇ ବୁଲୁଛେ ଆଉ କିଛି ବର୍ଷ ପରେ ସେମିତି ଅମ୍ଳଜାନ ଥଳିଟିଏ ସାଙ୍ଗରେ ଧରି ବୁଲିବା । ଏମିତି ସଂକଟରୁ ବାହାରିବା ଅସମ୍ଭବ ତ ନୁହେଁ କିନ୍ତୁ ଅତ୍ୟନ୍ତ କଷ୍ଟକର । କାରଣ ନିର୍ଦ୍ଦିଷ୍ଟ କେତେଜଣ ଲୋକ ଓ ପରିବେଶବିତ୍ ମାନଙ୍କୁ ଛାଡି ଦେଲେ ଆଉ କେହି ବି ଏହାର ଭୟାବହ ଦିଗ ବିଷୟରେ ଚିନ୍ତା କରୁନାହାଁନ୍ତି । ଆମ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସୃଷ୍ଟିକର୍ତ୍ତା ତାଙ୍କ ସୁକୋମଳ କରସ୍ପର୍ଶ ଦେଇ ଗଢିଥିଲେ ପ୍ରକୃତିକୁ । ପ୍ରକୃତି ବି ମଣିଷକୁ ପ୍ରତି ମୁହୂର୍ତ୍ତରେ ତାର ନୈସର୍ଗିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ଦେଇ ଚାଲିଛି । ପ୍ରକୃତିର କୋଳରେ ହିଁ ଖେଳିବୁଲି ମଣିଷ ବଡ ହେଉଛି । କିନ୍ତୁ ମଣିଷ ପ୍ରକୃତି ସହିତ ସବୁଦିନ ଅନ୍ୟାୟ କରି ଚାଲିଛି । ପ୍ରକୃତି ଠାରୁ ସବୁ ସୁବିଧା ସୁଯୋଗ ପାଇ ବି ମଣିଷ ଆଜି ସାଜିଛି ବିଶ୍ୱାସଘାତକ । ପରିବେଶକୁ ସଂକଟ ମୁହଁକୁ ଟାଣି ଆଣିବା ପାଇଁ ମୂଖ୍ୟତଃ: ବାୟୁ ପ୍ରଦୂଷଣ, ଜନସଂଖ୍ୟା ବିସ୍ଫୋରଣ, ଜଙ୍ଗଲକ୍ଷୟ, ଜଳବାୟୁ ପରିବର୍ତ୍ତନ ଓ ଗ୍ଲୋବାଲ୍ ୱାର୍ମିଙ୍ଗ୍ ହିଁ ଦାୟୀ । କିନ୍ତୁ ଏ ସବୁଗୁଡିକର ଜନ୍ମଦାତା ହେଉଛି ମଣିଷ । ବାୟୁ ପ୍ରଦୂଷଣରେ ଭାରତ ଆଜି ବହୁ ଆଗରେ । ଶ୍ୱାସକ୍ରିୟା ପାଇଁ ଶୁଦ୍ଧ ଅମ୍ଳଜାନ ଟିକେ ବି ମିଳୁନାହିଁ । ଗ୍ଲୋବାଲ୍ ୱାର୍ମିଂ ଅନ୍ୟ ଏକ ବଡ ସଂକଟ । ଜନସଂଖ୍ୟା ବୃଦ୍ଧି ଯୋଗୁ ବର୍ଦ୍ଧିତ

ଜନସଂଖ୍ୟାକୁ ଖାଦ୍ୟପେୟ ଯୋଗାଇବା ଏକ ଆହ୍ୱାନ ହୋଇଗଲାଣି । ଜନସଂଖ୍ୟା ହୁହୁ ହେଇ ବଢି ଚାଲିଥିବାରୁ ଅବ୍ୟବସ୍ଥା ବ୍ୟାପୁଛି । ବିଭିନ୍ନ ସୁବିଧା ସୁଯୋଗ କମ୍ ପଡୁଛି ଓ ତା'ର ଭରଣା କରିବା ପାଇଁ ମଣିଷ ପ୍ରକୃତିକୁ ପ୍ରତି ମୁହୁର୍ତ୍ତରେ ନଷ୍ଟ କରି ଚାଲିଛି । ଅବଶ୍ୟ ମଙ୍ଗୋଲିଆ, ମରୀଟେନିୟା, ଗ୍ରୀନଲ୍ୟାଣ୍ଡ୍, ଅଷ୍ଟ୍ରେଲିଆ ଭଳି କେତେକ ଦେଶ ନିଜ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇ ପାରିଛନ୍ତି । ମଣିଷ ଏବେ ଯାଏଁ ବି ବୃକ୍ଷରୋପଣର ମହତ୍ତ୍ୱ ବୁଝିନାହିଁ । ଅନାୟାସରେ ଗଛ କଟା ଚାଲିଛି । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଅନେକ ଜଙ୍ଗଲୀ ଜୀବଜନ୍ତୁ ନିଜ ବାସସ୍ଥାନ ହରେଇ ସହରାଭିମୂଖୀ ଓ ଗ୍ରାମାଭିମୂଖୀ ହେଉଛନ୍ତି । ଭୁଲରେ ବି ଯଦି ସେମାନେ ଜନବସତି ଭିତରକୁ ପଶି ଆସୁଛନ୍ତି ମଣିଷ ସେମାନଙ୍କ ଉପରେ କରୁଛି ଅକଥନୀୟ ଅତ୍ୟାଚାର । ନିକଟରେ ଏକ ଅନ୍ତସତ୍ତ୍ୱା ହାତୀ ଓ ଗୋମାତାଙ୍କ ସହିତ ହୋଇଥିବା ଅମାନବୀୟ ଘଟଣାରୁ ଜଣାପଡେ ସତରେ ମଣିଷ ଆଉ ମଣିଷ ହେଇ ରହିନାହିଁ । ସବୁ ସୀମାକୁ ଉଲ୍ଲଘଂନ କରି ଯାଇଛି ସେ । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ମୃତ୍ତିକା କ୍ଷୟ, ଅମ୍ଳଜାନ ଅଭାବ, ବାୟୁ ପ୍ରଦୂଷଣ, ଅନାବୃଷ୍ଟି, ଜଳବାୟୁରେ ବିରାଟ ପରିବର୍ତ୍ତନ ଭଳି ବିପଦ ଗୁଡିକ ଗୋଟେ ପରେ ଗୋଟେ ଆସି ମିଳିତ ଭାବରେ ଆମ ସାମ୍ନାରେ ବାରମ୍ବାର ଠିଆ ହେଉଛନ୍ତି । ବିଶ୍ୱର ପ୍ରାୟ ଦେଶ ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଅନେକ ପ୍ରୟାସ ଚଳାଇଛନ୍ତି । ପ୍ରକୃତିକୁ ସୁରକ୍ଷା ଦେବା ପାଇଁ ସରକାରୀ ଓ

ବେସରକାରୀ ସ୍ତରରେ ଅନେକ ଦିବସ ପାଳନ କରାଯାଉଛି । ପରିବେଶ ରକ୍ଷା କରିବାକୁ ଜନସାଧାରଣଙ୍କୁ ପ୍ରବର୍ତ୍ତେଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା କଥା । କିନ୍ତୁ ସେପରି କିଛି ହେବା ଜଣା ପଡୁନି । ବୃକ୍ଷରୋପଣ ବିଷୟରେ କେବଳ ସ୍ଲୋଗାନ୍ ଚାଲିଛି । କିନ୍ତୁ ହେଲେ କ'ଣ ହେବ । ସେଇ ଗୋଟିଏ ଦିନ । ତା'ପର ଦିନ ଯାହାକୁ ପୁଣି ସେୟା । ଦିବସ ପାଳନ ତା' ବାଟରେ, ଲୋକଙ୍କ ମାନସିକତା ତା' ବାଟରେ । ଆଉ ଏ ଦିବସ ପାଳନର ମୂଲ୍ୟ କ'ଣ ରହୁଛି ? ତେଣୁ କେବଳ ଦିବସ ପାଳନ ଉପରେ ଧ୍ୟାନ କେନ୍ଦ୍ରିତ ନ କରାଯାଉ । ଆମେ ସମସ୍ତେ ସଚେତନ ହେବା ଦରକାର । ଆମେ ପ୍ରଥମେ ବୃକ୍ଷରୋପଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ । କାରଣ ଭାରତ ଏକ କୃଷିପ୍ରଧାନ ଦେଶ । ବୃକ୍ଷ କମିବାର ଫଳ ସ୍ୱରୂପ ଜଳବାୟୁ ପ୍ରଭାବିତ ହୋଇ ଅନାବୃଷ୍ଟି ଦେଖାଦେଉଛି । ଯାହାର ସିଧାସଳଖ ପ୍ରଭାବ କୃଷିକାର୍ଯ୍ୟ ଉପରେ ପଡୁଛି । ତା' ଛଡା ବାୟୁ ପ୍ରଦୂଷଣ ନିୟନ୍ତ୍ରଣର କାର୍ଯ୍ୟ ଅତି ଦ୍ରୁତ ଗତିରେ କରାଯିବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯିବା ଉଚିତ୍ । ଜଳ ପ୍ରଦୂଷଣକୁ ରୋକାଯିବା ଦରକାର । ଗୋଟିଏ ବାକ୍ୟରେ କହିଲେ ପ୍ରକୃତିର ସୁରକ୍ଷା ପାଇଁ ସମସ୍ତେ କିଛି କିଛି ସମୟ ବାହାର କରି କାର୍ଯ୍ୟ କରିବା ଦରକାର । ଯେଉଁ ସଭ୍ୟତା ନିଜ ସୁରକ୍ଷା ଉପରେ ଧ୍ୟାନକେନ୍ଦ୍ରିତ କରି ସତର୍କ ନଥାଏ ବା ଦୂରଦୃଷ୍ଟି ନ ଦେଇ ସବୁକଥାକୁ ହାଲୁକା ଭାବେ ନେଉଥାଏ ସେପରି ସଭ୍ୟତା ଧରିତ୍ରୀ ମାତା ଗର୍ଭରେ ଲୀନ ହେଇ ଯାଇଥିବାର ଅନେକ

ଉଦାହରଣ ଆମ ପାଖରେ ଅଛି । ତେଣୁ ନେଡି ଗୁଡ କହୁଣୀକୁ ଛୁଇଁବା ଆଗରୁ ବେଳହୁଁ ଅତିଶୀଘ୍ର ସାବଧାନ ହେଇଯିବାଟା ଆମ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ ।

*****

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଜୁନ୍- ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/